ଧରିତ୍ରୀ DHARITRI · 51 Years
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୨/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 12/2025 | Page 14 | ₹ 7.00 | DHENKANAL
୫୧ଶ ଭାଗ ୩୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 316 | ମୂଲ୍ୟ ₹୭/-

# ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର

**ପଶ୍ଚିମବଙ୍ଗରେ ପୁଣି ଲଜ୍ଜା**

ପଶ୍ଚିମବଙ୍ଗର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ୧୪ ମାସ ତଳେ ଜଣେ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ମନରୁ ଲିଭିନାହିଁ, ଶନିବାର ପୁଣି ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ପଶ୍ଚିମ ବର୍ଦ୍ଧମାନ ଜିଲା ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ଛାତ୍ରୀ ଜଣକ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର। ସେ ଉକ୍ତ ମେଡିକାଲ କଲେଜରେ ପାଠ ପଢ଼ନ୍ତି। ଶୁକ୍ରବାର ରାତିରେ ପୁରୁଷବନ୍ଧୁଙ୍କ ସହ ଛାତ୍ରୀ ଗୁପ୍‌ଚୁପ୍ ଖାଇବାକୁ ଯାଇଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ କ୍ୟାମ୍ପସ୍ ଗେଟ୍ ନିକଟକୁ ଟେକିନେଇ ଗଣବଳାତ୍କାର କରିଥିଲେ। ପୁରୁଷବନ୍ଧୁଙ୍କ ଫୋନ୍ କଲ୍ ପାଇବା ପରେ ପୀଡ଼ିତାଙ୍କ ବାପା ଜଳେଶ୍ୱରରୁ ଦୁର୍ଗାପୁର ଯାଇଛନ୍ତି। ପୀଡ଼ିତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଭର୍ତ୍ତି କରାଯାଇଛି। ତେବେ ପଶ୍ଚିମବଙ୍ଗ ପୋଲିସ ସେମାନଙ୍କୁ ଆଦୌ ସହଯୋଗ କରୁ ନ ଥିବା ପୀଡ଼ିତାଙ୍କ ବାପା ଅଭିଯୋଗ ଆଣିଛନ୍ତି। ଓଡ଼ିଶା ହୋଇଥିଲେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଆନ୍ତା ବୋଲି ସେ କହିଛନ୍ତି। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହାର ଦୃଢ଼ନିନ୍ଦା କରିଛନ୍ତି। ଏଥିସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିକଟରେ ଦାବି କରିଛନ୍ତି। ଭାଜପା ମଧ୍ୟ ଘଟଣାକୁ ନେଇ ମମତା ସରକାରଙ୍କୁ ଘେରିଛି। ପଶ୍ଚିମବଙ୍ଗ ଏବେ ବଳାତ୍କାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଥିବା ଭାଜପା ସମାଲୋଚନା କରିଛି।



- ଘଟଣାରୁ ଧ୍ୟାନ ହଟାଇବା ପାଇଁ ଉଦ୍ୟମ କରୁଛି ପୋଲିସ: ପୀଡ଼ିତାଙ୍କ ବାପା
- ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ମମତାଙ୍କ ନିକଟରେ ଦାବି ଜଣାଇଲେ ମୁଖ୍ୟମନ୍ତ୍ରୀ ମାଝୀ

**ଦୁର୍ଗାପୁର(ପି.ଟି./ଏଜେନ୍ସି)/ ଜଳେଶ୍ୱର (ନବୀନ ସାହୁ)/ ଭୁବନେଶ୍ୱର (ସୁନିତ୍ ମିଶ୍ର), ୧୧।୧୦**

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଯୁବତୀ ଜଣକ ପଶ୍ଚିମବଙ୍ଗ ଦୁର୍ଗାପୁରସ୍ଥିତ ଶୋଭାପୁରର ଏକ ଘରୋଇ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ ପଢ଼ନ୍ତି। ଏହି ଦ୍ୱିତୀୟ ବର୍ଷ ଛାତ୍ରୀ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୁପ୍‌ଚୁପ୍ ଖାଇଯିବାକୁ ବାହାରିଥିଲେ। ସେହି ସମୟରେ ୪ରୁ ୫ ଜଣ ବ୍ୟକ୍ତି ଆସି କଲେଜ ଗେଟ୍ ନିକଟରେ ଉଭୟଙ୍କୁ କାବୁ କରିନେଇଥିଲେ। ସେମାନେ ଛାତ୍ରୀଙ୍କୁ ହସ୍ପିଟାଲ ବିଲ୍ଡିଂର ଏକ ନିଛାଟିଆ ସ୍ଥାନକୁ ଘୋଷାଡ଼ିନେଇ ଜଣ ଜଣ କରି ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ପୁରୁଷବନ୍ଧୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଏନେଇ ତାଙ୍କ ଘରକୁ ଫୋନ୍ କରି ସବୁକଥା ଜଣାଇଥିଲେ। ପୀଡ଼ିତାଙ୍କ ବାପା ଏହି ବିଷୟ ଜାଣିବା ପରେ ଦୁର୍ଗାପୁର ଯାଇ ଝିଅଙ୍କୁ ଭେଟିଛନ୍ତି।

ପଶ୍ଚିମ ବର୍ଦ୍ଧମାନ ନ୍ୟୁ ଥାନା ପୋଲିସ ଛାତ୍ରୀଙ୍କ ବାପାଙ୍କଠାରୁ ଅଭିଯୋଗ ପାଇବା ପରେ ବିଏନ୍‌ଏସ୍ ଦଫା ୭୦(୧), ୩(୫) ବଳରେ ମାମଲା (ନଂ.୧୩୧/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଛି। ତଦନ୍ତକାରୀ ଟିମ୍ ଆଖପାଖର ସିସିଟିଭି ଫୁଟେଜ ସଂଗ୍ରହ କରିବା ସହ ସାକ୍ଷୀ, କଲେଜର ସୁରକ୍ଷା କର୍ମଚାରୀ ଓ ପୀଡ଼ିତାଙ୍କ ପୁରୁଷବନ୍ଧୁଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣା ପରେ କ୍ୟାମ୍ପସ୍‌ରେ ଅଶାନ୍ତି ଦେଖାଦେଇଛି। ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏହି ଘଟଣାକୁ ସଂଜ୍ଞାନକୁ ନେଇ ନିଜ ଆଡୁ ତଦନ୍ତ ଆରମ୍ଭ କରିଛନ୍ତି। ଏନ୍‌ସିଡବ୍ଲ୍ୟୁର ଏକ ଟିମ୍ ଦୁର୍ଗାପୁରରେ ପହଞ୍ଚି ପୀଡ଼ିତାଙ୍କୁ ଭେଟିବା ସହ ପୋଲିସ ତଦନ୍ତର ଅଗ୍ରଗତି ସମୀକ୍ଷା କରିଛି। ପଶ୍ଚିମବଙ୍ଗର ମହିଳା ଅଧିକାର ସଙ୍ଗଠନଗୁଡ଼ିକ ମଧ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ରାଜ୍ୟର ସମସ୍ତ ☞ପୃଷ୍ଠା-୯

# ବଦଳିଲା ନୂଆପଡ଼ା ଅଙ୍କ, ଭାଜପାରେ ଢୋଲକିଆ

**ଭୁବନେଶ୍ୱର, ୧୧।୧୦ (ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ଅଙ୍କ ଏବେ ସମ୍ପୂର୍ଣ୍ଣ ବଦଳିଯାଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଶନିବାର ଭାଜପାରେ ଯୋଗଦେଇଛନ୍ତି। ଭାଜପାରେ ଜୟଙ୍କ ଯୋଗଦାନ ବିଜେଡିର ଅକଳ ଗୁଡୁମ୍ କରିଦେଇଛି।



ଜୟ ଢୋଲକିଆ

**ଉପନିର୍ବାଚନରେ ପ୍ରମୁଖ ଭୂମିକା ନେବେ ଜୟ: ମୁଖ୍ୟମନ୍ତ୍ରୀ**

ଶୁକ୍ରବାର ପର୍ଯ୍ୟନ୍ତ ଜୟ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ଦଳୀୟ ନେତାମାନେ ଯୁକ୍ତି ବାଢୁଥିଲେ। ହେଲେ ଗୁରୁବାର ଜୟ ନୂଆଦିଲ୍ଲୀ ଗସ୍ତରେ ଯିବା ସମ୍ପର୍କିତ ଖବର ଆସିବା ଏବଂ ☞ପୃଷ୍ଠା-୨









ଦିଲ୍ଲୀରେ ଆଜି




ସୁପ୍ରିମକୋର୍ଟରେ ସିଜେଆଇଙ୍କୁ ଆକ୍ରମଣ ଓ ହରିୟାଣାରେ ଜାତିଭିତ୍ତିକ ଉତ୍ପୀଡ଼ନର ଶିକାର ହୋଇ ଆଇପିଏସ୍ ୱାଇ. ପୁରନ କୁମାରଙ୍କ ଆତ୍ମହତ୍ୟା ଘଟଣାର ପ୍ରତିବାଦରେ ଶନିବାର କଂଗ୍ରେସ ପକ୍ଷରୁ ଦିଲ୍ଲୀର ଜନ୍ତରମନ୍ତର ଅଭିମୁଖେ ସମ୍ବିଧାନ ସମ୍ମାନ ଯାତ୍ରା ରାଲି। (ଫଟୋ–ଚମନ ଗୌତମ)

# ୩୫,୪୪୦ କୋଟିରେ ୨ କୃଷି ଯୋଜନା ଶୁଭାରମ୍ଭ

ନୂଆଦିଲ୍ଲୀ,୧୧।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୩୫,୪୪୦ କୋଟି ଟଙ୍କା ବ୍ୟୟରେ ୨ଟି ବୃହତ୍ କୃଷି ଯୋଜନା ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଦେଶରେ ଡାଲି ଉତ୍ପାଦନ ବଢ଼ାଇବା ସହ ୧୦୦ଟି ଖରାପ ପ୍ରଦର୍ଶନକାରୀ ଜିଲାରେ କୃଷି ସେକ୍ଟରର ଉନ୍ନତିରେ ସହାୟକ ହେବ। ଦେଶର ଆମଦାନୀ ନିର୍ଭରଶୀଳତା କମାଇ ରପ୍ତାନି ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ଏହି ଅବସରରେ କୃଷକମାନଙ୍କୁ ଆହ୍ୱାନ କରିଛନ୍ତି।

ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ (ଆଇଏଆର୍ଆଇ) ପୁସା କ୍ୟାମ୍ପସ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋଦି ୨୪,୦୦୦ କୋଟି ଟଙ୍କାର 'ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା' (ପିଏମ୍–ଡିଡିକେୱାଇ) ଶୁଭାରମ୍ଭ କରିବା ସହ ୧୧,୪୪୦ କୋଟି ଟଙ୍କାର 'ଡାଲିରେ ଆତ୍ମନିର୍ଭରତା ପାଇଁ ମିଶନ' ଲଞ୍ଚ୍ କରିଛନ୍ତି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ କୃଷି, ପଶୁପାଳନ, ମତ୍ସ୍ୟଚାଷ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସେକ୍ଟରରେ ୫,୪୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଭର୍ଚୁଆଲି ଓଡ଼ିଶାର ସମ୍ବଲପୁରରେ ୧୦୦ କୋଟି ଟଙ୍କାର ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରାଠାରେ ୫୯.୧୩ କୋଟି ଟଙ୍କାରେ ମତ୍ସ୍ୟ ବଜାରର ଶିଳାନ୍ୟାସ କରିଛନ୍ତି। ପିଏମ୍–ଡିଡିକେୱାଇ ଏବଂ ପଲ୍ସ ମିଶନ ଅନେକ ହଜାର କୃଷକଙ୍କ ଭାଗ୍ୟ ବଦଳାଇଦେବ। ବିକଶିତ ଭାରତ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ କୃଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ମୋଦି କହିଛନ୍ତି।

ଆମଦାନୀ ନିର୍ଭରଶୀଳତା କମାଇବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ



ନରେନ୍ଦ୍ର ମୋଦି

## ଡିଜିଟାଲ ଯୁଗରେ ବାଳିକାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କଲେ ସିଜେଆଇ

ନୂଆଦିଲ୍ଲୀ, ୧୧।୧୦

ପ୍ରଧାନ ବିଚାରପତି (ସିଜେଆଇ) ବି. ଆର୍. ଗବଇ ଶନିବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଡିଜିଟାଲ ଯୁଗରେ ବାଳିକାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ୟୁନିସେଫ୍ ଇଣ୍ଡିଆ ଏବଂ ଜୁଭେନାଇଲ ଜଷ୍ଟିସ୍ କମିଟି ପକ୍ଷରୁ ମିଳିତ ଭାବେ ଆୟୋଜିତ ନ୍ୟାଶନାଲ ଆନୁଆଲ ଷ୍ଟେକ୍ ହୋଲ୍ଡର୍ସ କନ୍‌ସଲ୍‌ଟେଶନ କାର୍ଯ୍ୟକ୍ରମରେ 'କନ୍ୟା ସନ୍ତାନର ସୁରକ୍ଷା: ଭାରତରେ ସେମାନଙ୍କ ପାଇଁ ସୁରକ୍ଷିତ ପରିବେଶ ଗଠନ' ଶୀର୍ଷକ ବିଷୟବସ୍ତୁ ଉପରେ ସମ୍ବୋଧନ କରି ସିଜେଆଇ ଏପରି କହିଛନ୍ତି। ସେ କହିଛନ୍ତି, ସାମ୍ପ୍ରତିକ ଡିଜିଟାଲ ଯୁଗରେ ଅନ୍‌ଲାଇନ ଉତ୍ପୀଡ଼ନ, ସାଇବର ଆକ୍ରମଣ, ଡିପ୍‌ଫେକ୍, ବ୍ୟକ୍ତିଗତ ଡେଟାର ଦୁରୁପଯୋଗ ଆଦି ସମସ୍ୟା ଯୋଗୁ ସମାଜରେ ବାଳିକାମାନଙ୍କ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ଆଇନ ଏବଂ ତାଲିମର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ କିଛି ରାଜ୍ୟରେ ଲିଙ୍ଗ ଅନୁପାତ କମିବାକୁ ନେଇ ଜଷ୍ଟିସ୍ ବି.ଭି. ନାଗରତ୍ନା ଚିନ୍ତା ପ୍ରକଟ କରିଛନ୍ତି। କିଛି ରାଜ୍ୟରେ କନ୍ୟା ଭ୍ରୂଣ ହତ୍ୟା ଯୋଗୁ ଲିଙ୍ଗ ଅନୁପାତ ହ୍ରାସ ପାଉଛି। ଏ ଦିଗରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦୃଷ୍ଟିପଡୁ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।



ଜଷ୍ଟିସ୍ ବି. ଆର୍. ଗବଇ

# ଚାଇନା ଉପରେ ୧୦୦% ଟ୍ରମ୍ପ୍ ଟାରିଫ୍

### ପ୍ରଭାବିତ ହୋଇପାରେ ଭାରତୀୟ ରପ୍ତାନି

ୱାଶିଂଟନ,୧୧।୧୦

ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ଆସନ୍ତା ନଭେମ୍ବର ୧ରୁ ଆମେରିକା ଅତିରିକ୍ତ ୧୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଘୋଷଣା କରିଛି। ପୂର୍ବ ଟାରିଫ୍‌କୁ ମିଶାଇ ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକା ମୋଟ ୧୩୦ ପ୍ରତିଶତ ଶୁଳ୍କ କଷିବାକୁ ଯାଉଛି। ଆମେରିକା–ଚାଇନା ବାଣିଜ୍ୟରେ ଦେଖାଦେଇଥିବା ଉତ୍ତେଜନା ଭାରତର ରପ୍ତାନି ସମ୍ଭାବନାରେ ନୂଆ ଅନିଶ୍ଚିତତା ସୃଷ୍ଟି କରିବାକୁ ଯାଉଛି। ଏହା ଭାରତୀୟ ରପ୍ତାନିକାରୀମାନଙ୍କ ଚିନ୍ତା ବଢ଼ାଇଥିବାବେଳେ ଭାରତ–ଆମେରିକା ବାଣିଜ୍ୟ ଚୁକ୍ତିନାମା ନେଇ ଚାଲିଥିବା ଆଲୋଚନା ମଧ୍ୟ ପ୍ରଭାବିତ ହୋଇପାରେ ବୋଲି ବାଣିଜ୍ୟ ବିଶେଷଜ୍ଞମାନେ କହିଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଅଭିଯୋଗ କରିଛନ୍ତି, ବାଣିଜ୍ୟରେ ଚାଇନା ଏକ ଅସାଧାରଣ ଓ ଆକ୍ରମଣାତ୍ମକ ଆଭିମୁଖ୍ୟ ରଖୁଥିଲା। ୱାଶିଂଟନ ଏହାର ଦୃଢ଼ ଜବାବ ଦେବ ବୋଲି ସେ ଚେତାବନୀ ଦେଇଛନ୍ତି। ଆମେରିକାର ପ୍ରତିରକ୍ଷା, ବିଦ୍ୟୁତ୍‌ଚାଳିତ ଯାନ ଏବଂ ସ୍ୱଚ୍ଛ ଇନ୍ଧନ ଶିଳ୍ପ ପାଇଁ ଜରୁରୀ ବିରଳ ମୃତ୍ତିକା ରପ୍ତାନି ଉପରେ କଟକଣା ଲଗାଇବା ପାଇଁ ଗତ ୯ ତାରିଖରେ ବେଜିଂ ନିଷ୍ପତ୍ତି ନେବା ପରେ ଉତ୍ତେଜନା ବୃଦ୍ଧି ପାଇଛି। ଆମେରିକା ସହ କୌଣସି ଚୁକ୍ତିନାମା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଚଳିତ ବର୍ଷର ବହୁଚର୍ଚ୍ଚିତ ଭାରତ–ଚାଇନା ଫେଜ୍ ୱାନ୍ ଟ୍ରେଡ୍ ଡିଲ୍ ଯାହା ଚାଇନା ସାମଗ୍ରୀ ଉପରେ ଆମେରିକା ଟାରିଫ୍ ୩୦ ପ୍ରତିଶତ ଏବଂ ଆମେରିକା ସାମଗ୍ରୀ ଉପରେ ଚାଇନା ଟାରିଫ୍ ୧୦ ପ୍ରତିଶତରେ ସୀମିତ ରଖିବ ବୋଲି କୁହାଯାଉଥିଲା, ତାହା ଉପରେ ନୂଆ ୧୦୦ ପ୍ରତିଶତ ଅତିରିକ୍ତ ଟାରିଫ୍ ଲାଗୁ ହୋଇଛି। ତେଣୁ ଭାରତକୁ ସାବଧାନତାର ସହିତ ଆମେରିକା ସହ ଚୁକ୍ତି କରିବାକୁ ପଡ଼ିବ। ସମାନ ସର୍ତ୍ତରେ ପାରସ୍ପରିକତା ଓ ରଣନୈତିକ ସ୍ୱତନ୍ତ୍ରତାର ସଂରକ୍ଷଣକୁ ସୁନିଶ୍ଚିତ କରିବାକୁ ହେବ ବୋଲି ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍ଆଇ) ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି।

ଆମେରିକା ନୂଆ ଟାରିଫ୍ ଲଗାଇବାର ଦିନକ ପୂର୍ବରୁ ଚାଇନା ବିଦେଶୀ ପ୍ରତ୍ୟକ୍ଷ ଉତ୍ପାଦ ନୀତି ଲାଗୁ କରିଥିଲା। ଉକ୍ତ ନୀତି ଅନୁଯାୟୀ, ଚାଇନା ରେୟାର ଆର୍ଥର ୦.୧%ରୁ ଅଧିକ ଥିବା ଉତ୍ପାଦ କିମ୍ବା ଚାଇନା ରିଫାଇନିଂ ବ୍ୟବହାର କରି ଉତ୍ପାଦନ କରିଥିବା ଅଥବା ଚୁମ୍ବକ ତିଆରି ପ୍ରଯୁକ୍ତି ପାଇଁ ବେଜିଂର ରପ୍ତାନି ଅନୁମୋଦନ ହାସଲ ଜରୁରୀ। ବିଶ୍ୱ ରେୟାର ଆର୍ଥ ରିଫାଇନିଂର ପାଖାପାଖି ୭୦% ଚାଇନା ନିୟନ୍ତ୍ରଣରେ ରହିଛି।



ଡୋନାଲ୍ଡ ଟ୍ରମ୍ପ୍



ଶି.ଜିନ୍‌ପିଙ୍ଗ୍

## ଦଳ ଛାଡ଼ିଲେ ବିହାର ଭାଜପା ବିଧାୟକ ମିଶ୍ରିଲାଲ୍ ଯାଦବ

ପାଟନା, ୧୧।୧୦

ଆସନ୍ତା ନଭେମ୍ବର ୬ ଏବଂ ୧୧ରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ରାଜ୍ୟରେ ଭାଜପାକୁ ଝଟକା ଲାଗିଛି। ଦରଭଙ୍ଗା ଜିଲା ଅଲିନଗରର ଭାଜପା ବିଧାୟକ ମିଶ୍ରିଲାଲ୍ ଯାଦବ ଶନିବାର ଦଳରୁ ଇସ୍ତଫା ଦେଇଛନ୍ତି। ଭାଜପା ଶୀର୍ଷ ନେତୃତ୍ୱ ଦଳିତ ଏବଂ ପଛୁଆବର୍ଗର ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଉ ନ ଥିବା ସେ କହିଛନ୍ତି। ୨୦୨୦ ନିର୍ବାଚନରେ ମିଶ୍ରିଲାଲ ବିକାଶଶୀଳ ଇନ୍ସାନ ପାର୍ଟିରୁ ଜିତି ପରେ ଭାଜପାରେ ଯୋଗଦେଇଥିଲେ। ଅଲିନଗରରୁ ଗାୟିକା ମୈଥିଳୀ ଠାକୁରଙ୍କୁ ଭାଜପା ଟିକେଟ୍ ଦେବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ମିଶ୍ରିଲାଲ ଦଳରୁ ଇସ୍ତଫା ଦେଇଛନ୍ତି।

## ପାକିସ୍ତାନରେ ଇସ୍ରାଏଲ ବିରୋଧୀ ଶୋଭାଯାତ୍ରା ବେଳେ ହିଂସା: ପୋଲିସ ଗୁଳିରେ ୧୧ ମୃତ

ଲାହୋର,୧୧।୧୦

ଲାହୋରରେ ତେହରିକ୍–ଇ–ଲାବାଇକ୍ ପାକିସ୍ତାନ (ଟିଏଲ୍‌ପି) ଇସ୍‌ଲାମୀୟ ସଂଗଠନର ଶୋଭାଯାତ୍ରା ବେଳେ ପୋଲିସ ସହ ସଂଘର୍ଷ ଘଟିଥିଲା। ପାଲେଷ୍ଟାଇନ୍ ସପକ୍ଷବାଦୀ ରାଲି କରିବା ପାଇଁ ସେମାନେ ରାଜଧାନୀ ଅଭିମୁଖେ ଯିବାକୁ ଥିବାବେଳେ ସୁରକ୍ଷା ବଳ ଅଟକାଇବାକୁ ଉଦ୍ୟମ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଆଖିବୁଜା ଗୁଳି ଚଳାଇବାରୁ ଟିଏଲ୍‌ପିର ୧୧ ସଦସ୍ୟ ନିହତ ହେବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଗାଜାରେ ଇସ୍ରାଏଲ୍‌ର ଗଣହତ୍ୟା ପ୍ରତିବାଦରେ ଗୁରୁବାରଠାରୁ ପାକିସ୍ତାନରେ ବିକ୍ଷୋଭ ଜାରି ରହିଛି। ଶନିବାର ବିଭିନ୍ନ ସ୍ଥାନରେ ପୋଲିସ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ବିକ୍ଷୋଭକାରୀ ମଧ୍ୟ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଏଥିରେ ଅନେକ ପୋଲିସ ଆହତ ହୋଇଛନ୍ତି। ତେବେ ଲାହୋରର ଆଜାଦି ଚୌକରେ ଶୋଭାଯାତ୍ରା ହିଂସାତ୍ମକ ସଂଘର୍ଷରେ ପରିଣତ ହୋଇଥିଲା। ବିକ୍ଷୋଭକାରୀ ଅନେକ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଥିଲେ।

## ପାଲେଷ୍ଟିନୀୟ ନେତା ବାର୍‌ଘୌଟିଙ୍କୁ ଜେଲରୁ ମୁକ୍ତ କରିବନି ଇସ୍ରାଏଲ୍

ରାମାଲ୍ଲା(ୱେଷ୍ଟବ୍ୟାଙ୍କ),୧୧।୧୦

ନୂଆ ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ଇସ୍ରାଏଲୀ ପଣବନ୍ଦୀମାନଙ୍କୁ ହମାସ୍ ମୁକ୍ତ କରିବାକୁ ଥିବାବେଳେ ଏହା ବଦଳରେ ଇସ୍ରାଏଲ୍ ଜେଲରେ ଥିବା ପାଲେଷ୍ଟିନୀୟ ବନ୍ଦୀମାନଙ୍କୁ ମୁକ୍ତ କରାଯିବା ସର୍ତ୍ତ ରହିଛି। ତେବେ ଇସ୍ରାଏଲ୍ ମୁକ୍ତ କରିବାକୁ ଥିବା ବନ୍ଦୀମାନଙ୍କ ମଧ୍ୟରେ ପାଲେଷ୍ଟିନୀୟମାନଙ୍କ ସବୁଠୁ ଲୋକପ୍ରିୟ ନେତା ମାରୱାନ ବାର୍‌ଘୌଟି ନାହାନ୍ତି। ଏଥିସହିତ ହମାସ୍ ଦାବି କରିଆସୁଥିବା ଅନ୍ୟ କେତେଜଣ ହାଇପ୍ରୋଫାଇଲ ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଆବେଦନକୁ ମଧ୍ୟ ଇସ୍ରାଏଲ୍ ଖାରଜ କରିଦେଇଛି। ଇସ୍ରାଏଲ୍ ସରକାରଙ୍କ ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ପ୍ରାୟ ୨୫୦ ଜଣ ବନ୍ଦୀଙ୍କ ତାଲିକା ଚୂଡ଼ାନ୍ତ କି ନୁହେଁ, ତାହା ସ୍ପଷ୍ଟ ହୋଇନାହିଁ। ବାରଘୌଟି ଓ ଅନ୍ୟ ହାଇପ୍ରୋଫାଇଲ୍ ବନ୍ଦୀଙ୍କୁ ମୁକ୍ତ କରାଯିବା ନେଇ ହମାସ୍ ମଧ୍ୟସ୍ଥମାନଙ୍କ ସହ ଆଲୋଚନା କରିଥିଲା। ତେବେ ଇସ୍ରାଏଲ୍ ବାରଘୌଟିଙ୍କୁ ଆତଙ୍କବାଦୀଙ୍କ ନେତା ଭାବେ ଦେଖୁଛି। ୨୦୦୪ ଇସ୍ରାଏଲ୍ ଆକ୍ରମଣ ଘଟଣାରେ ସେ ଦୋଷୀସାବ୍ୟସ୍ତ ହେବା ପରେ ଅନେକ ଥର ଆଜୀବନ ଜେଲଦଣ୍ଡ ଭୋଗିଛନ୍ତି। ତେବେ ବିଶେଷଜ୍ଞଙ୍କ ମତରେ ଅନ୍ୟ କାରଣ ପାଇଁ ଇସ୍ରାଏଲ୍ ବାର୍‌ଘୌଟିଙ୍କୁ ମୁକ୍ତ କରିବାକୁ ଡରୁଛି। କାରଣ ୨ ରାଷ୍ଟ୍ର ସମାଧାନ ସୂତ୍ରର ପ୍ରବକ୍ତା ବାର୍‌ଘୌଟି ପାଲେଷ୍ଟିନୀୟମାନଙ୍କୁ ଏକାଠି କରିପାରନ୍ତି ବୋଲି ଇସ୍ରାଏଲ୍ ଆଶଙ୍କା କରୁଛି। ଶୁକ୍ରବାରଠାରୁ କାର୍ଯ୍ୟକାରୀ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ହମାସ୍ ପ୍ରାୟ ୨୦ ଜଣ ଜୀବନ୍ତ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ଥିବାବେଳେ ଏହା ବଦଳରେ ଇସ୍ରାଏଲ୍ ୨୫୦ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଛାଡ଼ିବ। ଏଥିସହିତ ଯୁଦ୍ଧବେଳେ ବିନା କାରଣରେ ଗାଜାରୁ ଇସ୍ରାଏଲ୍ ଅଟକ ରଖିଥିବା ପ୍ରାୟ ୧,୭୦୦ ଲୋକଙ୍କୁ ମୁକ୍ତ କରିବା ସର୍ତ୍ତ ରହିଛି। ତେବେ ଅଧିକାଂଶ ବନ୍ଦୀଙ୍କୁ ଇସ୍ରାଏଲ୍ ଆତଙ୍କବାଦୀ ଏବଂ ଆତ୍ମଘାତୀ ବିସ୍ଫୋରଣକାରୀ ଭାବେ ଦେଖୁଥିଲାବେଳେ ପାଲେଷ୍ଟିନୀୟମାନେ ସେମାନଙ୍କୁ ରାଜନୈତିକ ବନ୍ଦୀ ବା ସ୍ୱାଧୀନତା ସଂଗ୍ରାମୀ ବିବେଚନା କରିଥାନ୍ତି।



ମାରୱାନ ବାର୍‌ଘୌଟି

ଫୁରସତ୍

# ୨,୨୫୩ ଶବ୍ଦର ସବୁଠୁ ଲମ୍ବା ନାଁ

ଅକ୍‌ଲାଣ୍ଡ

ସବୁଠୁ ଲମ୍ବା ନାଁର ରେକର୍ଡ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ନିବାସୀ ଲରେନ୍ସ ୱାଟ୍‌କିନ୍ସଙ୍କ ନାମରେ ରହିଛି। ତାଙ୍କ ନାମରେ ୨,୨୫୩ ଶବ୍ଦ ଥିବାରୁ ୧୯୯୦ ମାର୍ଚ୍ଚରେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇଥିଲା। ସେତେବେଳେ ତାଙ୍କ ବୟସ ୨୪ ବର୍ଷ ଥିଲା। ବିଶ୍ୱର ସବୁଠାରୁ ଲମ୍ବା ନାଁର ରେକର୍ଡ ଲରେନ୍ସଙ୍କ ନାମରେ ରହିଥିବା ନେଇ କିଛିଦିନ ତଳେ ଜିଡବ୍ଲ୍ୟୁଆର୍ ପକ୍ଷରୁ ୱେବ୍‌ସାଇଟରେ ଅପ୍‌ଡେଟ୍ ଦିଆଯାଇଥିଲା। ଏହାପରେ ଲରେନ୍ସ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି।

ଲରେନ୍ସଙ୍କ ଜନ୍ମ ସମୟର ନାମ 'ଲରେନ୍ସ ଗ୍ରେଗୋରୀ ୱାଟ୍‌କିନ୍ସ' ଥିଲା। ୧୯୮୯ରେ ସେ ତାଙ୍କ ନାମକୁ ଏକ ବଡ଼ ନାମରେ ପରିବର୍ତ୍ତନ କରି ଜିଡବ୍ଲ୍ୟୁଆର୍ ରେକର୍ଡ ହାତେଇବା ପାଇଁ ସ୍ଥିର କରିଥିଲେ। ସେତେବେଳେ ନ୍ୟୁଜିଲାଣ୍ଡରେ ନାମର ଲମ୍ବ ଉପରେ କୌଣସି ପ୍ରତିବନ୍ଧକ ନ ଥିଲା। ଲରେନ୍ସ ସେତେବେଳେ ସିଟି ଲାଇବ୍ରେରିରେ କାର୍ଯ୍ୟ କରୁଥିବାରୁ ନିଜର ଲମ୍ବା ନାମ ପାଇଁ ସେ ପୁସ୍ତକରୁ ଖୋଜି ବିଭିନ୍ନ ଶବ୍ଦ ବାଛିଥିଲେ। ଏଥିପାଇଁ ସେ ତାଙ୍କ ସହକର୍ମୀଙ୍କଠାରୁ ମଧ୍ୟ ପରାମର୍ଶ ଲୋଡ଼ିଥିଲେ। ସେ ତାଙ୍କ ନାମରେ ସମସ୍ତ ୨,୨୫୩ ଶବ୍ଦକୁ ବର୍ଣ୍ଣାନୁକ୍ରମିକ ଭାବେ ସଜାଇଥିଲେ। ତାଙ୍କ ନାମରେ ଇଂଲିଶର 'A'ଠାରୁ 'Z' ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଣ୍ଣମାଳାର ଶବ୍ଦ ରହିଛି।

ନାମ ପରିବର୍ତ୍ତନ କରିବା ଲରେନ୍ସଙ୍କ ପାଇଁ ସହଜ ନ ଥିଲା। ତାଙ୍କ ନାମ ପରିବର୍ତ୍ତନ ଆବେଦନକୁ ଜିଲା କୋର୍ଟ ମଞ୍ଜୁର କରିଥିଲେ। ତେବେ ଯେତେବେଳେ ଲରେନ୍ସ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ଅପ୍‌ଡେଟ୍ କରିବାକୁ ଯାଇଥିଲେ, ତାଙ୍କର ଲମ୍ବା ନାମକୁ ଦେଖି ସେଠାକାର କିରାଣି ଚକିତ ହୋଇଯାଇଥିଲେ। ଏତେ ସଂଖ୍ୟାରେ ଶବ୍ଦ ଥିବା ନାମକୁ ଦେଖି ଡ୍ରାଇଭିଂ ଲାଇସେନ୍ସ ଅପଡେଟ୍ କରିବା ପାଇଁ ଲରେନ୍ସ କରିଥିବା ଆବେଦନକୁ ରେଜିଷ୍ଟ୍ରାର ଜେନେରାଲ ଖାରଜ୍ କରିଦେଇଥିଲେ। ଲରେନ୍ସ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ, ଯେଉଁଠାରେ ତାଙ୍କ ସପକ୍ଷରେ ରାୟ ଆସିଥିଲା। ତେବେ ଲରେନ୍ସଙ୍କ ଏହି ବିଜୟ ପରେ ନ୍ୟୁଜିଲାଣ୍ଡ ସରକାର ଦେଶରେ ଥିବା ଆଇନକୁ ପରିବର୍ତ୍ତନ କରିଥିଲେ। କୌଣସି ବ୍ୟକ୍ତିଙ୍କ ନାମକୁ ୭୦ ଅକ୍ଷର ମଧ୍ୟରେ ସୀମିତ ରଖିବାକୁ ନ୍ୟୁଜିଲାଣ୍ଡରେ ଆଇନ ଆସିଥିଲା। ଏହାଫଳରେ ଲମ୍ବା ନାଁକୁ ନେଇ ଲରେନ୍ସଙ୍କ ଏହି ଅନନ୍ୟ ରେକର୍ଡକୁ ନ୍ୟୁଜିଲାଣ୍ଡର ଆଉ କେହି ଭାଙ୍ଗି ପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା। ସମ୍ପ୍ରତି ୬୦ ବର୍ଷୀୟ ଲରେନ୍ସ ଅଷ୍ଟ୍ରେଲିଆର ସିଡ୍‌ନୀରେ ରୁହନ୍ତି। ତାଙ୍କର ପୂରା ନାମ ଏତେ ଲମ୍ବା ଯେ, ତାହାକୁ ଉଚ୍ଚାରଣ କରିବାକୁ ପ୍ରାୟ ୨୦ ମିନିଟ୍ ସମୟ ଲାଗିଥାଏ।





ଅଜୟ ଦେବ୍‌ଗନ୍

# ନଭେମ୍ବର ୧୪ରେ 'ଦେ ଦେ ପ୍ୟାର୍ ଦେ ୨'

ମୁମ୍ବାଇ

୨୦୧୯ରେ ରୋମାନ୍ସ କମେଡି ଫିଲ୍ମ 'ଦେ ଦେ ପ୍ୟାର୍ ଦେ' ରିଲିଜ୍ ହୋଇଥିଲା, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଫିଲ୍ମରେ ଅଭିନେତା ଅଜୟ ଦେବ୍‌ଗନ୍, ଅଭିନେତ୍ରୀ ରକୁଲ ପ୍ରୀତ୍ ସିଂ ଏବଂ ତବୁ ନଜରକୁ ଆସିଥିଲେ। ଏହାର ପ୍ରାୟ ୬ ବର୍ଷ ପରେ 'ଦେ ଦେ ପ୍ୟାର୍ ଦେ'ର ସିକ୍ୱେଲ 'ଦେ ଦେ ପ୍ୟାର୍ ଦେ ୨' ରିଲିଜ୍ ହେବାକୁ ଯାଉଛି। ଆସନ୍ତା ନଭେମ୍ବର ୧୪ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ଶନିବାର ଅଜୟ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଫିଲ୍ମର ପ୍ରଥମ ଭାଗରେ ଅଜୟ ଓ ରକୁଲଙ୍କ ମଧ୍ୟରେ ପରକୀୟା ପ୍ରୀତି ଥିବା ନେଇ ଦେଖିବାକୁ ମିଳିଥିଲା। ତେବେ ସିକ୍ୱେଲରେ ବିବାହ ପାଇଁ ରକୁଲଙ୍କ ମା'ବାପାଙ୍କୁ ଅଜୟ କିପରି ମନାଉଛନ୍ତି, ତାହାକୁ ନେଇ କାହାଣୀ ଗତି କରିବ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। 'ଦେ ଦେ ପ୍ୟାର୍ ଦେ ୨' ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଆର୍. ମାଧବନ, ଜାଭେଦ ଜାଫରୀଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ତେବେ ଫିଲ୍ମର ପ୍ରଥମଭାଗରେ ଥିବା ଅଭିନେତ୍ରୀ ତବୁଙ୍କୁ ଏହି ସିକ୍ୱେଲରେ ଦେଖିବାକୁ ମିଳିବ ନାହିଁ।

ଧରିତ୍ରୀ
DHARITRI
ଧରିତ୍ରୀ 51 Years





କେନ୍ଦୁଝର ଜିଲା ପାଟଣା ରେଞ୍ଜ ବୈତରଣୀ ନଦୀର ତିନି ଧାରିଆ ଟାପୁରେ ଫସିରହିଥିବା ହାତୀପଲ। (ରିପୋର୍ଟ: ପୃଷ୍ଠା–୩)




# ହାରିବାକୁ ଚାହୁଁଛି ବିଜେଡି

**ଭୁବନେଶ୍ୱର, ୧୧।୧୦ (ସୁନିତ୍ ମିଶ୍ର)**

୨୦୨୬ ଏପ୍ରିଲରେ ଓଡିଶାରୁ ୪ ରାଜ୍ୟ ସଭା ଆସନ ଖାଲି ହେବ। ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ(ମୁନା), ନିରଞ୍ଜନ ବିଶି, ସୁଜିତ କୁମାର ଓ ମମତା ମହନ୍ତଙ୍କ କାର୍ଯ୍ୟକାଳ ସରିବାକୁ ଯାଉଛି। ତେଣୁ ଏହି ୪ ଆସନ ପାଇଁ ନିର୍ବାଚନ ରୋଚକପୂର୍ଣ୍ଣ ହେବ ବୋଲି ଯାହା ଆକଳନ କରାଯାଉଥିଲା ସେହି ଅଙ୍କରେ ଶୁକ୍ରବାର ପରିବର୍ତ୍ତନ ହୋଇଯାଇଛି। ଖାଲି ହେବାକୁ ଥିବା ଏହି ୪ ଆସନର ନିର୍ବାଚନକୁ ନେଇ ଗତ ଜୁଲାଇ ୧୧ ତାରିଖରେ ଧରିତ୍ରୀରେ 'ନବୀନ ବିକିବେ ନା ନେତା ଚେତିବେ' ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା। ସେହି ଖବରରେ ମୁଖ୍ୟତଃ ଖାଲି ହେବାକୁ ଥିବା ରାଜ୍ୟ ସଭାର ଚାରୋଟି ଆସନ ମଧ୍ୟରୁ ୪ର୍ଥ ସିଟ୍‌କୁ ନେଇ ରାଜନୀତି ରୋଚକପୂର୍ଣ୍ଣ ହେବ ବୋଲି ଉଲ୍ଲେଖ କରାଯାଇଥିଲା। ରାଜ୍ୟ ସଭା ଭୋଟିଂର ଗଣିତକୁ ମଧ୍ୟ ଅତି ସରଳ ଭାବରେ ସେହି ଖବରରେ ବୁଝାଇ ଦିଆଯାଇଥିଲା। ଆସନ୍ତା ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ଆସନ ଲାଗି ଉଭୟ ବିଜେଡି ଏବଂ ଭାଜପା ପାଖରେ ସମାନ ସଂଖ୍ୟକ ଭୋଟ ରହିବ ବୋଲି ଆଶା କରାଯାଉଥିଲା। ହେଲେ ନୂଆପଡା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ବିଜେଡିର ଗୋଟିଏ ସଂଖ୍ୟା ଖସିଯାଇଛି। ଉପନିର୍ବାଚନ ଫଳ ବାହାରିବା ପରେ ହିଁ ବିଜେଡି ତା'ର ପୁରୁଣା ସଂଖ୍ୟା ରଖିପାରିଲା କି ନାହିଁ ଜଣାପଡିଯିବ। ହେଲେ ଶନିବାର ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ମିଶିଯିବା ପରେ ବିଜେଡି ତା'ର ପୂର୍ବ ସଂଖ୍ୟା ରଖିବାକୁ ଚାହୁଁ ନ ଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗତ ମାସ ୭ରୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତରେ ଯାଇ ଶୁକ୍ରବାର(ଗତକାଲି) ଫେରିଛନ୍ତି। ଜୟ ଗତ ଗୁରୁବାର ନୂଆଦିଲ୍ଲୀ ଗସ୍ତରେ ଯାଇ ଶନିବାର ଫେରିବା ପରେ ଭାଜପାରେ ଯୋଗ ଦେଇଛନ୍ତି। ଏହା ଭିତରେ ରାଜ୍ୟ ସଭା ଆସନକୁ ନେଇ ବିଜେଡି ଏବଂ ଭାଜପାର କେନ୍ଦ୍ରୀୟ ନେତାଙ୍କ ଭିତରେ ବୁଝାମଣା ହୋଇଗଲା ବୋଲି କେନ୍ଦ୍ରୀୟ ଗୋଇନ୍ଦା ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ବିଧାନସଭାରେ ଭାଜପା ପାଖରେ ୭୮ ବିଧାୟକ ରହିଛନ୍ତି। ୩ ଜଣ ସ୍ୱାଧୀନ ବିଧାୟକ ଭାଜପାକୁ ସମର୍ଥନ ଦେଇ ଶାସକ ଦଳ ସାଙ୍ଗରେ ଅଛନ୍ତି। ଏହିପରି ବିଧାନସଭାରେ ଭାଜପା ସଂଖ୍ୟା ୮୧ ରହିଛି। ବିଜେଡିର ୫୧ ବିଧାୟକ ଗତ ନିର୍ବାଚନରେ ଜିତିଥିବାବେଳେ ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ଏହି ସଂଖ୍ୟା ୫୦ରେ ପହଞ୍ଚିଛି। କଂଗ୍ରେସର ୧୪ ବିଧାୟକ ଥିବାବେଳେ ଜଣେ ସିପିଆଇ(ଏମ୍) ସଦସ୍ୟ ରହିଛନ୍ତି। ଗଣିତ ଅନୁଯାୟୀ ହେବାକୁ ଥିବା ଆଗାମୀ ରାଜ୍ୟ ସଭା ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ୩୦ ଖଣ୍ଡ ଭୋଟ ଆବଶ୍ୟକ। ସେହି ଦୃଷ୍ଟିରୁ ଦେଖିଲେ ଦୁଇଟି ଆସନରେ ଭାଜପା ନିଶ୍ଚିତ ବିଜୟୀ ହେଇଯିବ। ବିଜେଡି ମଧ୍ୟ ଗୋଟିଏ ଆସନରେ ବିଜୟୀ ହେବା ଏକପ୍ରକାର ନିଶ୍ଚିତ। ହେଲେ ୪ର୍ଥ ଆସନ ଲାଗି ବର୍ତ୍ତମାନ ସ୍ଥିତିରେ ଭାଜପା ପାଖରେ ୨୧ ସଂଖ୍ୟା ଥିବାବେଳେ ବିଜେଡି ସଂଖ୍ୟା ୨୦ରେ ପହଞ୍ଚିଛି। ନୂଆପଡା ଆସନକୁ ବିଜେଡି ପୁନର୍ବାର ଦଖଲ କରିବା ପାଇଁ ଜୟଙ୍କୁ ପ୍ରାର୍ଥୀ କରିବ ବୋଲି ତାଙ୍କ ଦଳର ବହୁ ନେତା କାମରେ ଲାଗିଥିଲେ। ଏହା ହୋଇଥିଲେ ବିଜେଡି ଅନୁକମ୍ପାମୂଳକ ଭୋଟ ପାଇ ବିଜୟୀ ହେବାର ସମ୍ଭାବନା ରହିବ ବୋଲି ଦଳୀୟ ନେତାମାନେ ଚିନ୍ତା କରୁଥିଲେ। ହେଲେ ଗୁରୁବାର ପର୍ଯ୍ୟନ୍ତ ସବୁକିଛି ଠିକ୍ ଥିବା ଅଙ୍କ ନବୀନ ଫେରିବାର ପରଦିନ କିପରି ବଦଳିଗଲା ତାକୁ ☞ପୃଷ୍ଠା–୨

## ଆଜିର ସମ୍ପାଦକୀୟ

ଦୁଇଟି ପଥ

## ଆଜିର ମନ୍ତବ୍ୟ

"ବିକଶିତ ଭାରତ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ କୃଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମକୁ ଖାଦ୍ୟରେ ଆତ୍ମନିର୍ଭର ହେବା ସହ ବିଶ୍ୱ ବଜାର ପାଇଁ ଉତ୍ପାଦନ କରିବାକୁ ପଡ଼ିବ।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ବିବାଦରେ ଆଫଗାନ ମନ୍ତ୍ରୀଙ୍କ ପ୍ରେସ୍ ମିଟ୍

## ମହିଳା ଖବରଦାତାଙ୍କୁ ନ ଡାକିବା ଦୁର୍ଭାଗ୍ୟଜନକ: ବିରୋଧୀ

**ନୂଆଦିଲ୍ଲୀ,୧୧।୧୦**

ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକିଙ୍କ ଶୁକ୍ରବାର ପ୍ରେସ୍ ମିଟ୍‌କୁ ମହିଳା ଖବରଦାତାଙ୍କୁ ଆମନ୍ତ୍ରଣ କରାଯାଇ ନ ଥିବାରୁ ତାଲିବାନ୍‌ର ଲିଙ୍ଗଗତ ଭେଦଭାବକୁ କଡ଼ା ସମାଲୋଚନା କରାଯାଇଛି। ପ୍ରେସ୍ ମିଟ୍‌ରେ କେବଳ ପୁରୁଷ ଖବରଦାତାଙ୍କୁ ଦେଖିବାକୁ ମିଳିଥିଲା। ଏହାକୁ ନେଇ ଖବରଦାତା, ରାଜନେତା ଓ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ମହିଳା ବିରୋଧୀ ମାନସିକତା ଓ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅପମାନ ବୋଲି ସେମାନେ ଦର୍ଶାଇଛନ୍ତି। ଏଭଳି କାର୍ଯ୍ୟ ମହିଳାମାନଙ୍କ ପ୍ରତି ଅପମାନ ଓ ଏହା ଗ୍ରହଣୀୟ ☞ପୃଷ୍ଠା–୯



ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି (ବାମ)ଙ୍କ ପ୍ରେସ୍ ମିଟ୍।

## ତାଲିବାନ୍‌ଙ୍କ ପାଇଁ ମହିଳା ମଣିଷ ନୁହନ୍ତି: ତସ୍‌ଲିମା


ନୂଆଦିଲ୍ଲୀରେ ଆଫଗାନିସ୍ତାନ ମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ଅନୁମତି ନ ଦେବା ଘଟଣାକୁ ବାଂଲାଦେଶର ନିର୍ବାସିତ ଲେଖିକା ତସ୍‌ଲିମା ନାସ୍‌ରିନ୍ ନିନ୍ଦା କରିଛନ୍ତି। ତାଲିବାନ୍ ମହିଳାମାନଙ୍କୁ ମାନବାଧିକାର ଦେଇନାହିଁ, କାରଣ ସେମାନେ ମହିଳାଙ୍କୁ ମାନବ ବିବେଚନା କରନ୍ତି ନାହ ବୋଲି ତସ୍‌ଲିମା କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୁରୁଷ ଖବରଦାତା ☞ପୃଷ୍ଠା–୯

# ମହାକାଶ ଯିବ ଓଡ଼ିଶା ନିର୍ମିତ 'ବ୍ୟୋମମିତ୍ର'

**ଭୁବନେଶ୍ୱର,୧୧।୧୦ (ସୁଚିସ୍ମିତା ସାହୁ)**

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଆସନ୍ତା ଡିସେମ୍ବରରେ 'ଗଗନୟାନ' ମିଶନରେ ହାଫ୍ ହ୍ୟୁମାନଏଡ୍ ବା ଅର୍ଦ୍ଧମାନବୀୟ ରୋବୋକୁ ସାମିଲ କରିବାକୁ ଯାଉଛି। ପ୍ରଥମଥର ମହାକାଶ ଯିବ ମହିଳା ରୋବୋ 'ବ୍ୟୋମମିତ୍ର'। ତେବେ ବ୍ୟୋମମିତ୍ରର ମୁଣ୍ଡ, ୨ଟି ହାତ ସହ ଶରୀରର ୯୦ ପ୍ରତିଶତ ଅଂଶକୁ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍ ଟ୍ରେନିଂ ସେଣ୍ଟର(ସିଟିଟିସି)ରେ ତିଆରି କରାଯାଉଛି। ଏହି ପରୀକ୍ଷଣ ସଫଳ ହେଲେ ୨୦୨୭ରେ ମହାକାଶଚାରୀଙ୍କୁ ଅନ୍ତରୀକ୍ଷକୁ ପଠାଯିବ। ସିଟିଟିସିରେ ଚାଲିଥିବା ଏହି ବଡ଼ ପ୍ରକଳ୍ପରେ ୨୦୦ରୁ ଅଧିକ ବୈଜ୍ଞାନିକ ଓ କର୍ମଚାରୀ ସାମିଲ ଅଛନ୍ତି। ତେବେ ଏହି ଟିମ୍‌ର ଦାୟିତ୍ୱ ନେଇଛନ୍ତି ଓଡ଼ିଆ ବୈଜ୍ଞାନିକ। ଟାଇଟାନିୟମ ଧାତୁରେ ନିର୍ମିତ ଏହା ରୋବୋର ମୁଣ୍ଡଟି ଏଏଲ୍‌ଏସ୍‌ଆଇ–୧୦ଏମ୍‌ଜି ଧାତୁରେ ତିଆରି କରାଯାଇଛି, ଯାହାର ଓଜନ ୮୦୦ ଗ୍ରାମ। ୪ ମାସ ଭିତରେ ରୋବୋର ମୁଣ୍ଡ, ଦୁଇଟି ହାତ ଏବଂ ଶରୀରର ଅଧା ଅଂଶ ତିଆରି କରାଯାଇଛି। ରୋବୋଟିକ୍ସ ☞ପୃଷ୍ଠା–୯





# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆହୋରଣ ଟ୍ରଷ୍ଟ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଏନ୍-୬, ରାମେଶ୍ୱର ମନ୍ଦିର, ଜୟଦେବ ବିହାର, ସମୟ: ସକାଳ ୯ଟା।
- ସେଣ୍ଟ୍ରାଲ୍ ବ୍ୟାଙ୍କ ରିଟାର୍ଡ ଆସୋସିଏଶନ୍ ପକ୍ଷରୁ ଜେନେରାଲ୍ ବଡି ମିଟିଂ, ସ୍ଥାନ: ହୋଟେଲ ଡୁରେନ୍, କଟକ ରୋଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ମାର୍ଟ ଗ୍ଲାସ୍ ଡିଷ୍ଟ୍ରିବ୍ୟୁଶନ୍ କ୍ୟାମ୍ପ, ସ୍ଥାନ: ରମାଦେବୀ ବିଶ୍ୱ ବିଦ୍ୟାଳୟ ଓଲ୍ଡ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୈଶିଷ୍ଟ୍ୟ ୨ୟ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୩ଟା।
- ଉତ୍କଳ ଭାରତୀ ବିଦୁଷ ସଭା ଓ ପାର୍ବତୀ ଗୋବିନ୍ଦ ସାହିତ୍ୟ ସଂସଦ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୪ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଭୁବନେଶ୍ୱର ମହାନଗର ପକ୍ଷରୁ ଶତାବ୍ଦୀ ବର୍ଷ ସ୍ୱାଗତ ସଞ୍ଚଳନ, ସ୍ଥାନ: ସହିଦ ନଗର ଦୁର୍ଗାମଣ୍ଡପ, ଖାରବେଳ ନଗର ଖଦି ବୋର୍ଡ ସାମ୍ନା, ୟୁନିଟ୍ ୩ ନୂଆ ସରସ୍ୱତୀ ଶିଶୁ ମନ୍ଦିର ଓ ୟୁନିଟ୍ ୩ ପୁରୁଣା ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦।
- ଫ୍ରେଣ୍ଡସ୍ କ୍ଲବ୍ ଗଜଲକ୍ଷ୍ମୀ ପୂଜା ପକ୍ଷରୁ ଷ୍ଟାର୍ ନାଇଟ୍ କାର୍ଯ୍ୟକ୍ରମ, ସ୍ଥାନ: ଫ୍ରେଣ୍ଡସ୍ କ୍ଲବ ୟୁନିଟ୍ ୯, ସମୟ: ସନ୍ଧ୍ୟା ୭ଟା।

## କଟକ

- ମହିଳା ପତଞ୍ଜଳି ଯୋଗ ସମିତି ତରଫରୁ ନାରୀ ସୁରକ୍ଷା ସଂଗଠନ ଆଲୋଚନା ଚକ୍ର, ସ୍ଥାନ : ପ୍ରାଣଯୋଗ ପ୍ରତିଷ୍ଠାନ, ବଡ଼ମ୍ବା, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ମା' ଅମ୍ବିକା ଆଶ୍ରମର ପ୍ରତିଷ୍ଠାତା ଓଁକାର ମୁନୀ ଉଦାସୀନଙ୍କର ମହାପ୍ରୟାଣ ଦିବସ, ସ୍ଥାନ: କୁପାରୀ ଅମ୍ବିକା ଆଶ୍ରମ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ରାଜ୍ୟସ୍ତରୀୟ ଭଲିବଲ୍ ଚାମ୍ପିୟନଶିପ୍‌ର ୨ୟ ଦିବସ ମ୍ୟାଚ୍, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଚନ୍ଦ୍ରଶେଖର କପ ଫୁଟବଲ ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ୩୨ ଦଳର ମ୍ୟାନେଜରଙ୍କ ବୈଠକ, ସ୍ଥାନ: ସଖୀ କଲ୍ୟାଣ ମଣ୍ଡପ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଜିଲା ମୂକ ଓ ବଧିର ସଂଘର ବାର୍ଷିକୋତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୯ଟା ।
- ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖାର ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ଭାଷା ଭବନ, ସମୟ: ପୂର୍ବାହ୍ନ ୧୦ ଟା।
- କଂଗ୍ରେସର ବାଇକ ଶୋଭାଯାତ୍ରା, ସ୍ଥାନ: ଗିରି ରୋଡ, ସମୟ: ମଧ୍ୟାହ୍ନ ୧୨ ଟା।

## ଗଞ୍ଜାମ

- ମାନବସେବା ସମିତି ପକ୍ଷରୁ ନାରାୟଣ ସେବା କାର୍ଯ୍ୟକ୍ରମ, ସ୍ଥାନ: ମା' ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡମ ଆସିକା, ସମୟ ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ୮ମ ଲୋକକଳା ମହୋତ୍ସବ ଉଦଘାଟନ, ସ୍ଥାନ: ପଲ୍ଲିଶ୍ରୀ ମେଳ ପଡିଆ, ମହିଷାପାଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଥମ ବାର୍ଷିକ ଭାଗବତ ପ୍ରବଚନ ଓ ଜ୍ଞାନଯଜ୍ଞ ଶୁଭାଧିବାସ, ସ୍ଥାନ: ତାରେଣୀ ଛକ, ଯୋରନ୍ଦା, ସମୟ: ପୂର୍ବାହ୍ନ ୧୧ଟା ୩୦।
- କାଞ୍ଚନ ବଜାର ପ୍ଲାଟିନମ ଜୟନ୍ତୀ ଷଷ୍ଠ ସନ୍ଧ୍ୟା, ସ୍ଥାନ: କାଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ

- ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନା ସହିତ ସମସ୍ତ ବୁଥ୍, ସମୟ: ସକାଳ ୮ରୁ।
- ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ, ସ୍ଥାନ : ଆଠମଲ୍ଲିକ ସହର, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ପ୍ରଜ୍ଞାନ ମିଶନ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ଗୀତ ଜ୍ଞାନ ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୁଆବଜାର ପାରାଦୀପ, ସମୟ: ସକାଳ ୮ଟା୩୦।
- ହସ୍ପିଟାଲ ସମ୍ମୁଖରୁ ମଦ ଦୋକାନ ହଟାଇବା ପାଇଁ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ମାନବ ଶୃଙ୍ଖଳ ପ୍ରତିବାଦ, ସ୍ଥାନ: ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୯ଟା।
- ଜଗତ୍‌ସିଂହପୁର ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚେସ ଚାମ୍ପିୟନଶିପ୍, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ନୂତନ ଖେଳପଡ଼ିଆର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ୫ ନଂ.ୱାର୍ଡ ବାଲିଝରା, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ନାଗପୁରା, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ମଡ଼ିଆଳ, ଗରାପୁର, ନୂଆ ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡା, ନାରାୟଣପୁର, କୁହୁଡି, ଅଙ୍ଗୁଳାଇ, ମାର୍ଶାଘାଇ, ସମୟ:ସନ୍ଧ୍ୟା ୬ଟା ।

## ଯାଜପୁର

- ବ୍ୟାସନଗର ନୂଆଁଖାଇ ପରିବାର ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ: ଯାଜପୁର ରୋଡ ସଂସ୍କୃତି ଭବନ, ସମୟ : ସକାଳ ୮ଟା।
- ପୋଲିଓ ବୁନ୍ଦା ସେବନ କାର୍ଯ୍ୟକ୍ରମ, ସ୍ଥାନ : ସରକାରୀ ଡାକ୍ତରଖାନା, କନ୍ହେଇପୁର ଶିବ ମନ୍ଦିର ପରିସର, କଲେଜ ଓ ସ୍କୁଲ ପରିସର, ସମୟ: ସକାଳ ୮ଟା।
- ଯାଜପୁର ରୋଡ ଚାନ୍ଦମା ଲକ୍ଷ୍ମୀ ପୂଜା ମେଢ଼ ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ : ଚାନ୍ଦମା ଥାନା ପଛପଟ ପଥରଛଇ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଜୟନ୍ତୀ, ସ୍ଥାନ: ନୟାଗଡ ପଠାଣୀ ସାମନ୍ତ ଅଡିଟୋରିୟମ୍ ପ୍ରତିମୂର୍ତ୍ତି ସମୟ: ସକାଳ ୮ଟା ।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ତେନ୍ତୁଳିଆପଲ୍ଲୀ, ଇଟିକିରି, ନଛିପୁର, ଟିପୁରା, ନୂଆଗାଁ, ଅଦାବନ୍ଧ ଓ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟାରୁ ରାତି ୯ଟା୩୦ ।
- ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ୧୯ ବର୍ଷରୁ କମ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ୟ ଦିବସ ମ୍ୟାଚ, ସ୍ଥାନ: ଓଡଗାଁ ମିନି ଷ୍ଟାଡିୟମ୍, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞର ୩ୟ ଦିବସରେ ରମଜନ୍ମ ଓ ଅହଲ୍ୟା ଉଦ୍ଧାରଣ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା ।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୩ୟଦିବସ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସଂଧ୍ୟା ୭ଟା ।
- ଗଜଲକ୍ଷ୍ମୀ ପୂଜା ଭସାଣି, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା କୃଷ୍ଣଚନ୍ଦ୍ରପୁର, ସମୟ: ସଂଧ୍ୟା ୭ଟା ।

## ରାୟଗଡ଼ା

- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ରାୟଗଡ଼ା କୈଳାସ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବିଦ୍ୟାଳୟ ସମୂହ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: କୋଷାଗୁମୁଡ଼ା ସରକାରୀ ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା।
- ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରବିସିଂ ମାଝୀଙ୍କ ୧୦୩ ତମ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ ବାଟିବେଡା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ପାଣ୍ଡରା ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମଲ୍ଟି ଫଙ୍କସନ ହଲ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ୧୦ ଟା।
- ଇପିଏଫ ପେନ୍‌ସନର୍ସ ସଂଘ ବୈଠକ, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରାଥମିକ ଶିକ୍ଷକ ସଂଘର ଶପଥ ଗ୍ରହଣ ସମାରୋହ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ଇଞ୍ଜିନିୟରିଂ କର୍ମଚାରୀ ଫୋରମ ବୈଠକ, ସ୍ଥାନ: ଦକ୍ଷତା ବିକାଶ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ପୋଲିଓ ଦିବସ, ସ୍ଥାନ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସ୍ଥାନ: ସକାଳ ୮ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ପୋଲିଓ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ମୁଖ୍ୟଚିକିତ୍ସାଳୟ, ସମୟ : ସକାଳ ୭ଟା ୩୦ ।
- ସମ୍ବଲପୁର ଲିଟିଲ ମିସ ଓ ଲିଟିଲ ମାଷ୍ଟର ପ୍ରତିଯୋଗୀତାର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇ ଶିକ୍ଷା ପରିଷଦ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦୃଢ଼ ଓ କଠୋରୋକ୍ତି ଫଳରେ ମୁହଁ ସାମ୍ନାରେ କଥା କହିବାକୁ ଅନ୍ୟମାନେ ପଛେଇ ରହିବେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। କୃତ୍ତିକା ନକ୍ଷତ୍ର ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବାକୁ ପଡ଼ିବ। ସାମାନ୍ୟ ଚେଷ୍ଟାରେ ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ମିଳିପାରିବ।

**ବୃଷ**
ବନ୍ଧୁ କିମ୍ବା ସହକର୍ମୀଙ୍କ ସହଯୋଗରେ ଆଜିର କାମ ଅଟକିବ ନାହିଁ। ଅଫିସରେ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ସ୍ୱାର୍ଥ ହାସଲ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ**
ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ କଟୁସତ୍ୟ କହିବାରୁ ତିକ୍ତତା ସୃଷ୍ଟି ହେବ। ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ ହାସଲ କରିବେ। ମୃଗଶିରା ନକ୍ଷତ୍ର ରାଜନୀତି ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ**
ଆପଣ ଉଦ୍ୟମ ଅବ୍ୟାହତ ରଖିଲେ ଯେତିକି ଓ ଯେମିତି ପାଇବା କଥା, ତାହାକୁ କିଏ ଅଟକାଇ ପାରିବେ ନାହିଁ। ଯଦିଓ ଅର୍ଥର ଅଭାବ ରହିବ ନାହିଁ ତଥାପି ଅପୂରଣୀୟ ଆଶା ଦୁଶ୍ଚିନ୍ତାର କାରଣ ହେବ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆତ୍ମବିଭୋର ହେବେ। ପୁଷ୍ୟା ନକ୍ଷତ୍ରର ବ୍ୟବସାୟ ଓ ପରିବହନରୁ ଅଶାନ୍ତି ବଢ଼ିବ।

**ସିଂହ**
ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା କାମରେ ଆସିବ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଏବଂ ସମସ୍ୟାର ସମାଧାନ କରିବାରେ ସଫଳ ହେବେ। ପ୍ରଶାସନ, ପ୍ରକାଶନ, ଔଦ୍ୟୋଗିକ କର୍ମ, ବାଣିଜ୍ୟ, ଶିଳ୍ପ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ନିଜ କାମ ସକାଶେ ପରିବାରବର୍ଗଙ୍କ ସହାୟତା ପାଇବେ।

**କନ୍ୟା**
ଆଜି କିଛି ପାଇବାର ଆଶା ରଖିଲେ ଦେବା ପାଇଁ ଚେଷ୍ଟା କରନ୍ତୁ। ଯାତ୍ରା କାଳରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ଅନୁଭବ କରିବେ।

**ତୁଳା**
ଅର୍ଥ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ଆଜି ହଁ କିମ୍ବା ନାହିଁ କରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନତୁବା ହଇରାଣ ହେବାକୁ ପଡ଼ିପାରେ। ତରବରିଆ ଭାବରେ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଚିତ୍ରା ନକ୍ଷତ୍ର ସକାଶେ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା**
ଯାହା ଦୀର୍ଘଦିନ ହେଲା ହୋଇ ପାରିନଥିଲା ଆଜି ତାହାକୁ ସମ୍ପନ୍ନ କରିବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ପାଇପାରିବେ। ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଅନୁରାଧାର ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ**
ଅତି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, କିନ୍ତୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବଶ୍ୟ ରହିବ। ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପ ମଧ୍ୟରେ କାମ କରି ଚାଲିବେ। ପୂର୍ବାଷାଢ଼ା ନକ୍ଷତ୍ର ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମକର**
କୌଣସି ବ୍ୟକ୍ତିଠାରୁ ହଠାତ୍ କୌଣସି ଦୁଃଖଦ ଖବର ପାଇ ବିଚଳିତ ବୋଧ କରିପାରନ୍ତି। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶ୍ରବଣା ସକାଶେ ପଡ଼ୋଶୀମାନେ ବିଭିନ୍ନ ଝାମେଲା ସୃଷ୍ଟି କରିପାରନ୍ତି। କିନ୍ତୁ ଯାତ୍ରା ସମୟରେ ଅସାବଧାନତା ହେତୁ ଧନ ହାନି ଘଟିପାରେ।

**କୁମ୍ଭ**
ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଏବଂ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ**
ପରିବାରରେ ଅଯଥା ବ୍ୟସ୍ତତା ପ୍ରକାଶ କରି ଅଶାନ୍ତ ରହିପାରନ୍ତି। କିନ୍ତୁ ଅନ୍ୟମାନଙ୍କ ଅସୁବିଧାକୁ ସୁଧାରିବା ସକାଶେ ସୁପରାମର୍ଶ ଦେବାରେ ପଛାଇବେ ନାହିଁ। ପରିସ୍ଥିତିବିଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନତୁବା ସମସ୍ୟା ଉପୁଜିପାରେ।

ଆଜି ଅକ୍ଟୋବର ୧୨ ତାରିଖ, କାର୍ତ୍ତିକ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ରାଶିନକ୍ଷତ୍ର-ଦିବା ଘ.୦୧।୩୭ମି. ପର୍ଯ୍ୟନ୍ତ ମୃଗଶିରା/ମିଥୁନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପାର୍ବଣ ଶ୍ରାଦ୍ଧ, ଦିବା ୦୬।୩୦ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୦ ଗତେ ଘ.୦୩।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୪ ଗତେ ଘ.୦୫।୨୨ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ହାରିବାକୁ ଚାହୁଁଛି ...

ନେଇ ନାନା ଚର୍ଚ୍ଚା ହେବାରେ ଲାଗିଛି। ମନେ କରାଯାଉ, ନୂଆପଡା ଆସନ ଯଦି ବିଜେଡି ହାତରେ ରାଜ୍ୟ ସଭା ନିର୍ବାଚନ ପର୍ଯ୍ୟନ୍ତ ସ୍ୱାଭାବିକ ଭାବେ ଥାଆନ୍ତା ତାହାଲେ ୪ର୍ଥ ଆସନ ଜିତିବା ଲାଗି ସେମାନଙ୍କୁ ନିଶ୍ଚିତରୂପେ କଂଗ୍ରେସ ଏବଂ ସିପିଆଇ(ଏମ୍) ଦଳର ସହଯୋଗ ନେବା କିମ୍ବା ଦେବାକୁ ପଡିଥାଆନ୍ତା। ହେଲେ ଯେଉଁମାନେ ବିଧାନସଭାର ଗତ ମୌସୁମୀ ଅଧିବେଶନ ବେଳେ କଂଗ୍ରେସ ରାଜ୍ୟ ସରକାର ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ବିରୋଧରେ ଆଣିଥିବା ଅନାସ୍ଥା ପ୍ରସ୍ତାବ ସମୟରେ ବିଜେଡି ଆଭିମୁଖ୍ୟ ଦେଖିଥିବେ ସେମାନେ ଅନେକ କିଛି ବୁଝିପାରିଥିବେ। ସରକାର ବିରୋଧରେ କଂଗ୍ରେସର ଅନାସ୍ଥା ପ୍ରସ୍ତାବକୁ ବିଜେଡି ସମର୍ଥନ ନ ଦେଇ ସମଦୂରତା କଥା କହି ଏଡାଇ ଯାଇଥିଲା। ସେହିପରି ଉପରାଷ୍ଟ୍ରପତି ଭୋଟିଂ ସମୟରେ ମଧ୍ୟ ବିଜେଡି ନିର୍ବାଚନରୁ ନିଜକୁ ବିରତ ରଖିଥିଲା। ଏହା ପରୋକ୍ଷରେ ଭାଜପା ପାଇଁ ସହାୟକ ହେଇଥିବା ଚର୍ଚ୍ଚା ହେଲା। ଏଥିରୁ ହିଁ ରାଜନୈତିକ ସମୀକ୍ଷକମାନେ ଆକଳନ କରିସରିଛନ୍ତି ରାଜ୍ୟ ସଭା ଭୋଟିଂରେ କଂଗ୍ରେସ ସମର୍ଥନରେ ବିଜେଡି ୪ର୍ଥ ଆସନ ରଖିବ ନାହିଁ। ଯଦି ରାଜେନ୍ଦ୍ରଙ୍କ ଦେହାନ୍ତ ନ ହୋଇ ସ୍ୱାଭାବିକ ଭାବେ ଏହି ସମୟ ଆସିଥାଆନ୍ତା ତେବେ ସେତେବେଳେ ବିଜେଡି ଲାଗି ଏକ ଅକଡିଆ ପରିସ୍ଥିତି ସୃଷ୍ଟି ହେଇଥାଆନ୍ତା। ରାଜ୍ୟରେ ବିଜେଡି ସରକାର ଥିବା ସମୟରେ ବର୍ତ୍ତମାନର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସଂଖ୍ୟା ଥିବା ସତ୍ତ୍ୱେ ବିଜେଡି ସମର୍ଥନ କରି ଭାଜପା ପ୍ରାର୍ଥୀ ଭାବେ ଦୁଇ ଥର ରାଜ୍ୟ ସଭାକୁ ପଠାଇସାରିଛି। ଅର୍ଥାତ୍ ଆସନ୍ତା ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ଆସନ କୌଣସି ମତେ କିପରି ଭାଜପା ହାତରୁ ନ ଖସିବ ସେଥିପାଇଁ ବିଜେଡି ସବୁ ପ୍ରକାର କାର୍ଯ୍ୟ କରିଥାଆନ୍ତା। ହେଲେ ବିଗତ ଦିନର ଭାଜପା ପ୍ରତି ରହି ଆସିଥିବା ଏହି ପ୍ରୀତି ବିଜେଡି ପାଇଁ ଏବେ ଯେତେବେଳେ କାଳ ହେଉଥିଲା, ରାଜେନ୍ଦ୍ରଙ୍କ ଦେହାନ୍ତ ବିଜେଡିଙ୍କୁ ଏକ ନୂଆ ସୁଯୋଗ ଦେଇଥିବା ଦେଇଥିବା ଦେଖାଯାଉଛି। ଏବେଠାରୁ ଯଦି ଗୋଟିଏ ଆସନ ଭାଜପା ହାତକୁ ଚାଲିଯିବ ତେବେ ସେତେବେଳେ ସମଦୂରତା କଥା କହି ପରୋକ୍ଷରେ ଭାଜପାକୁ ୪ର୍ଥ ରାଜ୍ୟ ସଭା ଆସନ ଟି ଦେଇଦେବାକୁ ବିଜେଡି ପାଇଁ ସହଜ ହେବ। ସୂଚନା ମୁତାବକ, କର୍ପୋରେଟ ଦୁନିଆରୁ ଆସିଥିବା ଜଣେ ବ୍ୟକ୍ତି ଯାହାଙ୍କୁ ବିଜେଡି ଆସନ୍ତା ରାଜ୍ୟ ସଭା ନିର୍ବାଚନରେ ପ୍ରାର୍ଥୀ କରିବେ ବୋଲି ଚର୍ଚ୍ଚା ହେଉଛି ତାଙ୍କ ମାଧ୍ୟମରେ ଏହି ନୂଆ ରାଜନୈତିକ ଡିଲ୍ ହୋଇଥିବା ଶୁଣିବାକୁ ମିଳୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆପଣା ହସ୍ତେ ଜିହା ଛେଦି**
**କେ ତା'ର ଅଛି ପ୍ରତିବାଦୀ !**

ଯେଉଁ ବ୍ୟକ୍ତି ଜାଣିଶୁଣି ନିଜ ଔଦ୍ଧତ୍ୟ ପ୍ରକଟ କରିବା ସହ ଭୁଲ ମାର୍ଗରେ ପରିଚାଳିତ ହେବ ଦିନେନା ଦିନେ ସେ ନିଶ୍ଚୟ ତା'ର ପରିଣତି ଭୋଗକରିବ। ଏପରିସ୍ଥଳେ ଅନ୍ୟକୁ ଦୋଷ ଦେବାରେ କୌଣସି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପେ ମାରେ ବଢେଇ**
**ଘର ମାରେ କମାର**
**ଘଇତା ମାରେ କେଉଟୁଣୀ**
**ବତାଶ ମାରେ କୁମ୍ଭାର ।**

ବଢେଇ ସବୁ କାମ କରେ, ସ୍ତ୍ରୀ ଓ ପିଲାଙ୍କୁ କାମରେ ଲଗାଏ ନାହିଁ। କମାର ଶାଳରେ ଲୁହା ତାତିଲେ, ଅନ୍ୟମାନେ ସାହାଯ୍ୟ କରନ୍ତି। କେଉଟୁଣୀକୁ ତା'ର ସ୍ୱାମୀ କାମରେ ସାହାଯ୍ୟ କରେ କିନ୍ତୁ କୁମ୍ଭାର ଘରେ ପରିବାରବର୍ଗ ସମସ୍ତେ କୁମ୍ଭାରକୁ ସାହାଯ୍ୟ କରୁଥିବା ବେଳେ ବାଆବତାଶ ହେଲେ ମାଟିପାତ୍ର ଓଦା ହୋଇ ନଷ୍ଟ ହୋଇଯାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ଜୟ ଢୋଲକିଆ ଭାଜପାରେ ସାମିଲ ହେବାବେଳେ ତାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଅଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ବଦଳିଲା ନୂଆପଡ଼ା ...

- ଦଳ ଯାହା ଦାୟିତ୍ୱ ଦେବ ନିଷ୍ଠାର ସହ ତୁଲାଇବି: ଜୟ
- ଭାଜପା ପ୍ରାର୍ଥୀ ବିଜୟୀ ହେବେ: ମନମୋହନ
- ନୈତିକତାକୁ ଜଳାଞ୍ଜଳି ଦେବି ନାହିଁ: ବସନ୍ତ
- ରାଜେନ୍ଦ୍ରଙ୍କ ରକ୍ତ ଜୟଙ୍କ ଦେହରେ ନାହିଁ, ସେ ପୋଷ୍ୟପୁତ୍ର: ବିଜେଡି

ଅନ୍ୟ ବିଶ୍ୱସ୍ତ ସୂତ୍ରରୁ ସେ ଭାଜପାରେ ଯୋଗଦେବା ସମ୍ଭାବନା ବାସ୍ତବ ରୂପ ନେଉଛି ବୋଲି ଧରିତ୍ରୀରେ 'ଢୋଲକିଆ ଯିବେ କୁଆଡ଼େ' ଶୀର୍ଷକ ଏକ ଖବର ଶୁକ୍ରବାର ପ୍ରକାଶ ପାଇସାରିଥିଲା। ଶନିବାର ଜୟ ନୂଆଦିଲ୍ଲୀ ଗସ୍ତରୁ ଫେରିବା ପୂର୍ବରୁ ଭାଜପାରେ ତାଙ୍କର ଯୋଗଦାନ ନେଇ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଥିଲା। ସେ ଓଡ଼ିଶାରେ ପହଞ୍ଚିବା ପରେ ଶତାଧିକ ଲୋକ ତାଙ୍କୁ ସ୍ୱାଗତ ଜଣାଇ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଜୟଙ୍କୁ ସ୍ୱାଗତ କରିଥିଲେ। ଏକ ମିଶ୍ରଣ ପର୍ବ ଆୟୋଜନ କରାଯାଇ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଜୟଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ତାଙ୍କୁ ଭାଜପାକୁ ସ୍ୱାଗତ କରିଛନ୍ତି। ଖୁବ୍‌ଶୀଘ୍ର ନୂଆପଡ଼ା ଉପନିର୍ବାଚନରେ ଜୟଙ୍କୁ ଭାଜପାରୁ ପ୍ରାର୍ଥୀ କରାଯିବା ନେଇ ଶୁଣିବାକୁ ମିଳିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଦଳ ହେଉଛି ବିଶ୍ୱର ସର୍ବବୃହତ୍ ଦଳ। ଓଡ଼ିଶାରେ ଭାଜପା ଏକାକୀ ସରକାର ଗଠନ କରିବା ପରେ ବିକଶିତ ପଥେ ଆଗେଇ ଚାଲିଛି। ଭାଜପା ସରକାର କଥାରେ ନୁହେଁ, କାମରେ ବିଶ୍ୱାସକରେ। ଗତ ୧୬ ମାସରେ ଏହି ସରକାର ତାହା କାର୍ଯ୍ୟରେ କରି ଦେଖାଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ନୂଆପଡ଼ା ଜିଲାବାସୀ ଜଣେ ଭଲ ନେତାଙ୍କୁ ହରାଇଛନ୍ତି। ସେ କେବଳ ଜଣେ ଦରଦୀ ନେତା ନ ଥିଲେ, ସାମାଜିକ କର୍ମୀ ହିସାବରେ ମଧ୍ୟ ତାଙ୍କର ପରିଚୟ ଥିଲା। ତାଙ୍କ ଅବର୍ତ୍ତମାନରେ ନୂଆପଡ଼ା ଜିଲାର ବିକାଶ ପ୍ରକ୍ରିୟା ଜାରି ରହିବା ଜିଲାବାସୀଙ୍କ ଦାୟିତ୍ୱ ସେ ନେଇଛନ୍ତି। ଯେତେବେଳେ ଜିଲାବାସୀ ଚାହିଁବେ ତାଙ୍କୁ ଭେଟିପାରିବେ। ଜୟ ଢୋଲକିଆଙ୍କ ଯୋଗଦାନ ଭାଜପାକୁ ଆହୁରି ସଶକ୍ତ କରିବ। ଗତ ସରକାରରେ ମନ୍ତ୍ରୀମାନେ ନିଜକୁ ଅସହାୟ ମନେକରୁଥିଲେ। ନୂଆପଡ଼ା ଉପନିର୍ବାଚନରେ ଜୟ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଦଳର ସମସ୍ତଙ୍କ ସହମତିରେ ଜୟଙ୍କୁ ଭାଜପା କୋଳେଇ ନେଇଛି। ସ୍ୱର୍ଗତ ରାଜୁବାବୁଙ୍କ ଅନେକ ଅଧୁରା ସ୍ୱପ୍ନ ରହିଯାଇଛି। ତାଙ୍କର ଅନେକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଥିଲେ ମାତ୍ର କେହି ଶତ୍ରୁ ନ ଥିଲେ। ରାଜୁବାବୁ ଅନେକ ସମସ୍ୟାର ସମାଧାନ ଲାଗି ନିଜକୁ ଅସହାୟ ମନେକରୁଥିଲେ। ତାଙ୍କ ଦଳର ସରକାର ଥାଇ ନିଜେ ଜଣେ ବରିଷ୍ଠ ନେତା ହୋଇ ସୁଦ୍ଧା ନିଜ ଅଞ୍ଚଳର ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଯାଇ ଅସହାୟ ହେଉଥିଲେ। ନୂଆପଡ଼ା ବିକାଶର ସ୍ୱପ୍ନ ଭାଜପା ପୂରଣ କରିବ। କୌଣସି ପ୍ରଲୋଭନ କିମ୍ବା ଜୋର ଜବରଦସ୍ତରେ ଜୟଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ସେ ତାଙ୍କ ସ୍ୱଇଚ୍ଛାରେ ମିଶିଛନ୍ତି। କେନ୍ଦ୍ରର ସ୍ୱୀକୃତି ପରେ ଜଣେ ଯୁବ ନେତୃତ୍ୱରେ ଦଳକୁ ଆସିଛନ୍ତି। ରାଜୁବାବୁଙ୍କ ସହ ୩ଟି ଟର୍ମରେ ସେ କାମ କରିଛନ୍ତି। ବର୍ତ୍ତମାନ ତାଙ୍କ ପୁଅ ଭାଜପାର ବିଚାରଧାରାରେ ଅନୁପ୍ରାଣିତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଜୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନୂଆପଡ଼ାର ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦେଇଛି। ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ ଓ ବିକଶିତ ଓଡ଼ିଶା'ର ସ୍ୱପ୍ନ ପୂରଣ କରିବା ପାଇଁ ଅନ୍ତିମ ନିଃଶ୍ୱାସ ପର୍ଯ୍ୟନ୍ତ ସେ ଚେଷ୍ଟା କରିବେ। ବିକାଶ ଧାରା ଏକ ନିରନ୍ତର ପ୍ରକ୍ରିୟା। ନୂଆପଡ଼ା ଏକ ଉପାନ୍ତ ଅଞ୍ଚଳ। ଏହି ଅଞ୍ଚଳର ବିକାଶ ପାଇଁ ବାପା ଅନେକ ସ୍ୱପ୍ନ ଦେଖିଥିଲେ। ଏହି ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ବର୍ତ୍ତମାନ ସେ ଭାଜପାରେ ଯୋଗଦେଇଛନ୍ତି। ନୂଆପଡ଼ାକୁ ରାଜ୍ୟର ୧ ନମ୍ବର ଜିଲା ଭାବେ ଗଢ଼ି ତୋଳିବାକୁ ଶପଥ ନେଉଛି ବୋଲି ସେ କହିଛନ୍ତି। ବାପାଙ୍କ ଭଳି ସମାଜସେବା କରିବା ତାଙ୍କର ସଂକଳ୍ପ। ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ତାକୁ ସେ ନିଷ୍ଠାର ସହ ତୁଲାଇବେ ବୋଲି ସେ କହିଛନ୍ତି।

ମନମୋହନ ସାମଲ କହିଛନ୍ତି, ରାଜେନ୍ଦ୍ର ଢୋଲକିଆଙ୍କ ଅକାଳ ବିୟୋଗ ପରେ ଉପନିର୍ବାଚନ ଆସନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ସାମିଲହେବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଯୋଗଦାନ ଦ୍ୱାରା ଦଳ ନୂଆପଡ଼ା ସମେତ ସମଗ୍ର ଓଡ଼ିଶାରେ ଆହୁରି ଅଧିକ ଶକ୍ତିଶାଳୀ ହେବ। ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟୀ ହେବେ ବୋଲି ସେ କହିଛନ୍ତି।

ଅନ୍ୟପଟେ ୨୦୨୪ ସାଧାରଣ ନିର୍ବାଚନରେ ଏହି ଆସନରୁ ଭାଜପାର ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ପ୍ରାର୍ଥୀ କରାଯାଇଥିଲା। ଏହି ନିର୍ବାଚନରେ ଅଭିନନ୍ଦନ ତୃତୀୟ ସ୍ଥାନ ପାଇଥିଲେ। ଆସନ୍ତା ଉପନିର୍ବାଚନରେ ବସନ୍ତ ପୁଣି ଥରେ ତାଙ୍କ ପୁଅକୁ ପ୍ରାର୍ଥୀ କରିବାକୁ ଇଚ୍ଛା କରିଥିବା ଚର୍ଚ୍ଚା ହୋଇଥିଲା। ହେଲେ ଜୟ ଭାଜପା ଯୋଗ ଦେବା ପରେ ବସନ୍ତଙ୍କୁ ଦଳର ରାଜ୍ୟ ସଭାପତି ଏବଂ ମୁଖ୍ୟମନ୍ତ୍ରୀ ବୁଝାଇଥିବା ଚର୍ଚ୍ଚା ହେଉଛି। ବସନ୍ତ ମଧ ଗଣମାଧମକୁ ପ୍ରତିକ୍ରିୟା ରଖି କହିଛନ୍ତି, ଜୟଙ୍କୁ ସେ ଶୁଭେଚ୍ଛା ଜଣାଉଛନ୍ତି। ତାଙ୍କ ମନରେ କୋହ ନାହିଁ। ନୈତିକତାକୁ ଜଳାଞ୍ଜଳି ଦେବେ ନାହିଁ। ସେଥିଲାଗି ସେ ଅସନ୍ତୁଷ୍ଟ ନୁହନ୍ତି। ଜୟ ପ୍ରାର୍ଥୀ ହୋଇନାହାନ୍ତି। ଭାଜପା ଯାହାକୁ ପ୍ରାର୍ଥୀ କରିବ ସେ ସମର୍ଥନ କରିବେ। ଦଳ ପାଇଁ ସେ ପ୍ରଚାର କରିବେ। ସେ ଓ ତାଙ୍କ ପୁଅ ଦଳର କୌଣସି ପଦପଦବୀ ଲାଗି କାମ କରୁନାହାନ୍ତି। ମାଟିର ସେବା ଲାଗି ରାଜନୀତିକୁ ଆସିଛନ୍ତି, ମରିବା ପର୍ଯ୍ୟନ୍ତ କରିବେ ବୋଲି ସେ କହିଛନ୍ତି।

ଅନ୍ୟପଟେ ଭାଜପାରେ ଜୟଙ୍କ ଯୋଗଦାନ ପରେ ବିଜେଡିର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ନବୀନ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ଜୟଙ୍କ ଯୋଗଦାନକୁ ନେଇ ଦଳର ବରିଷ୍ଠ ନେତା ପ୍ରତାପ ଜେନା କହିଛନ୍ତି, ଜୟ କହିଥିଲେ ନବୀନ ତାଙ୍କ ନେତା, ହେଲେ ଭାଜପାରେ ମିଶିଲେ। ଏହାର କୌଣସି ପ୍ରଭାବ ନିର୍ବାଚନରେ ପଡ଼ିବ ନାହିଁ। ତାଙ୍କ ମୁଖା ଖୋଲିଗଲା। ରାଜେନ୍ଦ୍ର ଢୋଲକିଆଙ୍କ ଆତ୍ମା କେବେହେଲେ ଜୟଙ୍କୁ କ୍ଷମା ଦେବନାହିଁ। ଭାଜପାରେ ଜୟଙ୍କ ମିଶ୍ରଣ ଲୋକଙ୍କ ଦ୍ୱାରା ନାପସନ୍ଦ କରାଯାଇଛି। ଜୟ ଯଦି ପ୍ରକୃତରେ ରାଜେନ୍ଦ୍ରଙ୍କ ନିଜ ପୁଅ ହୋଇଥାଆନ୍ତେ ତେବେ ସେ ଭାଜପାରେ ମିଶି ନ ଥାଆନ୍ତେ। ଜୟ ଢୋଲକିଆ ପୋଷ୍ୟପୁତ୍ର ହୋଇଥିବାରୁ ଭାଜପାକୁ ଗଲେ। ରାଜେନ୍ଦ୍ରଙ୍କ ରକ୍ତ ଜୟଙ୍କ ଦେହରେ ନାହିଁ ବୋଲି ପ୍ରତାପ କହିଛନ୍ତି।

**ସ୍କ୍ରାପ୍ ବୋଝେଇ ୨ ଗାଡ଼ି ଜବତ, ୫ ଗିରଫ**

ପବିତ୍ରନଗର,୧୧।୧୦(ନିରୋଜ ପ୍ରଧାନ): ଅନୁଗୋଳ ଜିଲା କଣିହାଁ ଥାନା ମଶୁଣିହତା ଅଞ୍ଚଳରୁ ଶନିବାର ୨ଟି ସ୍କ୍ରାପ୍ ବୋଝେଇ ଗାଡ଼ି ପୋଲିସ ଜବତ ହୋଇଛି। ଏଥିସହ ୫ ଜଣ ହନୁମାନପୁର ପଞ୍ଚାୟତ ଝରାବେରଣୀ ଗ୍ରାମର ସୁସ୍ମନ୍ତ ବେହେରା, ତପନ ବେହେରା, ବଡଗୁଣ୍ଡୁରୀ ପଞ୍ଚାୟତ ବଇଣ୍ଡା ଗ୍ରାମର ଦୀପକ ଷଣ୍ଡ, ଟୋଲକବେଡ଼ା ଗ୍ରାମର ଲିକୁନ ନାଏକ, କଣିହାଁର ଜିତେନ୍ଦ୍ର ସାହୁଙ୍କୁ ଗିରଫ କରିଛି। କଣିହାଁ ଥାନା ଆଇଆଇସି ରମଣି ରଞ୍ଜନ ଦଳେଇ କହିଛନ୍ତି, ବେଆଇନ ସ୍କ୍ରାପ ବୋଝେଇ ଗାଡ଼ି ଅନୁଗୋଳକୁ ଯାଉଥିଲା ବେଳେ ତାହାକୁ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।




# ୧,୬୩୧ ମାମଲାରେ ବଳାତ୍କାର ପୀଡ଼ିତା, ନାବାଳକଙ୍କ ପରିଚୟ ପ୍ରଘଟ

ଯାଜପୁର,୧୧।୧୦(ହର୍ଷବର୍ଦ୍ଧନ ବେହେରା)

**ସିଏଜି ଧରିଲେ ତ୍ରୁଟି**

**ପୋଲିସ ଅଧିକାରୀଙ୍କ ଦାୟିତ୍ୱହୀନ କାର୍ଯ୍ୟ**

କ୍ରାଇମ୍ ଏବଂ କ୍ରିମିନାଲ ଟ୍ରାକିଂ ନେଟଓ୍ୱର୍କ ସିଷ୍ଟମ୍(ସିସିଟିଏନ୍ଏସ୍) ଅନୁଯାୟୀ କେତେକ ଆପରାଧିକ ମାମଲାକୁ ସମ୍ବେଦନଶୀଳ ଭାବରେ ଚିହ୍ନଟ କରାଯାଇଛି। ଏଥିରେ ବଳାତ୍କାର ଓ ଗଣବଳାତ୍କାର ପୀଡ଼ିତାଙ୍କ ସମେତ ପ୍ରୋଟେକ୍ସନ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ ଅଫେନ୍ସ (ପୋକ୍‌ସୋ) ଆଇନ ଏବଂ ନାବାଳକ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ସହିତ ଜଡ଼ିତ ମାମଲାଗୁଡ଼ିକରେ ଶିଶୁଙ୍କ ପରିଚୟ ପ୍ରକାଶ କରିବାକୁ ନାଗରିକ ପୋର୍ଟାଲରେ ନିଷେଧ କରାଯାଇଛି। ଏହିସବୁ ସମ୍ବେଦନଶୀଳ ମାମଲା ଚିହ୍ନଟ କରିବାକୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। କିନ୍ତୁ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ୨୦୧୮ ଜାନୁୟାରୀରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ରାଜ୍ୟର ୩୯ ପୋଲିସ ଜିଲାରେ ୧,୬୩୧ଟି ସମ୍ବେଦନଶୀଳ ମାମଲାରେ ପୀଡ଼ିତା/ପୀଡ଼ିତଙ୍କ ନାମ ଓ ପରିଚୟ ଉକ୍ତ ନାଗରିକ ପୋର୍ଟାଲରେ ପ୍ରକାଶ କରାଯାଇଛି ବୋଲି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି) ରିପୋର୍ଟରେ ପ୍ରକାଶ ପାଇଛି। ଯେଉଁଥିରେ ନାଗରିକମାନେ ବିବରଣୀ ଡାଉନଲୋଡ୍ କରିପାରିବେ ଏବଂ ମହିଳା ପୀଡ଼ିତା ଓ ନାବାଳକ ଅପରାଧୀଙ୍କ ପରିଚୟ ଜାଣିପାରିବେ। ଏପରି ମାମଲାରେ ପୀଡ଼ିତାଙ୍କ ପରିଚୟ ପ୍ରକାଶ କରିବା ଆଇପିସିର ଧାରା ୨୨୮(କ) ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ସିସିଟିଏନ୍ଏସ୍ ଡାଟାବେସ୍‌ର ଉପରୋକ୍ତ ସମ୍ବେଦନଶୀଳ ମାମଲାଗୁଡ଼ିକର ଅଡିଟ ହୋଇଥିଲା। ଏଥିରେ ଲକ୍ଷ୍ୟ କରାଯାଇଥିଲା ଯେ, ୨୦୧୮ ଜାନୁୟାରୀରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ୧୫,୫୭୯ଟି ସମ୍ବେଦନଶୀଳ ମାମଲା ଥିଲା। ସେଥିମଧ୍ୟରୁ କେବଳ ୧୩,୯୪୯ ମାମଲାକୁ ସମ୍ବେଦନଶୀଳ ଭାବରେ ଚିହ୍ନିତ କରାଯାଇଥିଲା ଏବଂ ସେମାନଙ୍କ ପରିଚୟ ପ୍ରକାଶରୁ ବାଦ୍ ଦିଆଯାଇଥିଲା। ତଥାପି ୪୦୫ ଥାନାରେ ବାକି ୧୬୩୧ ମାମଲାକୁ ସମ୍ବେଦନଶୀଳ ଭାବରେ ଚିହ୍ନିତ କରାଯାଇ ନ ଥିଲା। ଏଥିରେ କେନ୍ଦ୍ରାପଡା ଜିଲାରେ ସର୍ବାଧିକ ୨୮୨ ମାମଲା, ଗଞ୍ଜାମ ଜିଲାରେ ୧୮୩ ମାମଲା, ଗଜପତି ଜିଲାରେ ୧୪୯ ମାମଲା, ଭୁବନେଶ୍ୱର ପୋଲିସ ଜିଲାରେ ୧୨୧ ମାମଲା, ସମ୍ବଲପୁର ଜିଲାରେ ୬୧ ମାମଲା, ପୁରୀ ଜିଲାରେ ୫୮ ମାମଲା, କଟକ ଜିଲାରେ ୬୧ ମାମଲା, ଯାଜପୁର ଜିଲାରେ ୪୧ଟି ସମ୍ବେଦନଶୀଳ ମାମଲାରେ ପରିଚୟ ପ୍ରକାଶ ପାଇଥିଲା।

# ହୀରାକୁଦରେ ୧୦୦ କୋଟିର ଆକ୍ୱା ପାର୍କ, ପାଣ୍ଡରାରେ ୫୯ କୋଟିର ମାଛ ମାର୍କେଟ

ଭୁବନେଶ୍ୱର,୧୧।୧୦(ସୁନିତ୍ ମିଶ୍ର)

**କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଓ ନୂଆପଡ଼ାରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଆରମ୍ଭ**

**କୃଷକଙ୍କୁ ସ୍ୱାବଲମ୍ବୀ କରିବ: ମୁଖ୍ୟମନ୍ତ୍ରୀ**

ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହିସବୁ ଯୋଜନା କୃଷକମାନଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶର ୧୦୦ ଜିଲାରେ ଉକ୍ତ ଯୋଜନା ଆରମ୍ଭ କରାଯାଇଛି। ସେଥିମଧ୍ୟରେ ଓଡ଼ିଶାର ୪ ଜିଲା କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଓ ନୂଆପଡ଼ା ରହିଛି। ଏହି ଯୋଜନାରେ ସାରା ଦେଶରେ ଆସନ୍ତା ୬ ବର୍ଷ ପାଇଁ ବର୍ଷକୁ ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଦେଶର ୧.୭ କୋଟି କୃଷକ ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଶନିବାର ପ୍ରଧାନମନ୍ତ୍ରୀ ସମ୍ବଲପୁରର ବସନ୍ତପୁରଠାରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରାଠାରେ ପ୍ରାୟ ୬୦ କୋଟି ଟଙ୍କାର ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ କେବଳ ଓଡ଼ିଶାର ନୁହେଁ, ସାରା ଦେଶର ପ୍ରମୁଖ ଜୀବିକା। ବର୍ତ୍ତମାନ ମଧ୍ୟ ଓଡ଼ିଶାର ୬୦%ରୁ ଅଧିକ ଏବଂ ଦେଶର ପ୍ରାୟ ୫୦% ଲୋକ ଏହା ମାଧ୍ୟମରେ ଜୀବିକା ନିର୍ବାହ କରିଥାନ୍ତି। ତେଣୁ ମୋଦି ସରକାର ୨୦୧୪ରୁ କୃଷକଙ୍କ ପାଇଁ ଅଭୂତପୂର୍ବ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଆସୁଛନ୍ତି। ଫଳରେ ବର୍ତ୍ତମାନ କୃଷକ ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିଛି। ଭୁବନେଶ୍ୱରର ପାଣ୍ଡରା ହୋଲ୍‌ସେଲ୍ ମାଛ ମାର୍କେଟ ପ୍ରକଳ୍ପ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ୫୯ କୋଟି ୧୩ ଲକ୍ଷ ଟଙ୍କା ବିନିଯୋଗରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଏହା ନିର୍ମିତ ହେବ। ଏଥିରେ ୩୦ କୋଟି ଟଙ୍କା କେନ୍ଦ୍ର ଓ ୨୯ କୋଟି ୧୩ ଲକ୍ଷ ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିବେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ଏବଂ ବିଏମ୍‌ସିର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ମାର୍କେଟ ସିଧାସଳଖ ୧୪୩ ବ୍ୟବସାୟୀଙ୍କୁ ଉପକୃତ କରାଇବ। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଏବଂ ପ୍ରକଳ୍ପ କାର୍ଯ୍ୟ ୨୦୨୭ ନଭେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କ ଏବଂ ହୋଲ୍‌ସେଲ୍ ମାଛ ବିକ୍ରୟ କେନ୍ଦ୍ର- ଏହି ୨ଟି ପ୍ରକଳ୍ପ ମିଶି ପ୍ରଥମେ ଉତ୍ପାଦନ ପରେ ପ୍ରସ୍ତୁତି ଓ ବିପଣନ ପର୍ଯ୍ୟନ୍ତ ଏକ ଭାଲ୍ୟୁ ଚେନ୍ ସୃଷ୍ଟି କରିବ। ଭାରତର ନୀଳ ବିପ୍ଳବରେ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ସ୍ଥାନ ପାଇବ। ହୀରାକୁଦରେ ଏହି ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ୯୫.୪୭ ଏକର ସରକାରୀ ଜମିରେ ନିର୍ମିତ ଏକ ସମଯୋପଯୋଗୀ ପଦକ୍ଷେପ, ଯାହା ଆଧୁନିକ ମତ୍ସ୍ୟ ଚାଷକ୍ଷେତ୍ରକୁ ଆହୁରି ବିକଶିତ କରିବ। ଏଥିରେ ୧୦୦ କୋଟି ଟଙ୍କା ବିନିଯୋଗ ହେବ। କେନ୍ଦ୍ର ୬୦ କୋଟି ଓ ରାଜ୍ୟ ସରକାର ୪୦ କୋଟି ଟଙ୍କା ବିନିଯୋଗ କରିବେ। ଏହା ହେବ ପୂର୍ବ ଭାରତର ପ୍ରଥମ ଆକ୍ୱା ପାର୍କ ପ୍ରକଳ୍ପ। ପ୍ରକଳ୍ପର କାର୍ଯ୍ୟ ୨୦୨୭ ଜାନୁଆରୀ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ବର୍ତ୍ତମାନ ଧାନରେ ଆତ୍ମନିର୍ଭର ହୋଇସାରିଛୁ, କିନ୍ତୁ ଡାଲି ଓ ତୈଳବୀଜରେ ହେବାର ସମୟ ଏବେ ଉପନୀତ। ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ ଯୁଗାନ୍ତକାରୀ ଯୋଜନା। ଓଡ଼ିଶାରେ କୃଷିର ସାମଗ୍ରିକ ବିକାଶ ପାଇଁ ତାହା ଏକ ଦୃଷ୍ଟାନ୍ତ ସୃଷ୍ଟିକରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବିଶ୍ରାରୁ ଆଭାସି ମାଧ୍ୟମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉପସ୍ଥିତ ଥିବାବେଳେ କୃଷି ଶିକ୍ଷା ସଦନଠାରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ



# ସ୍ୱପ୍ନର ଶକ୍ତି

ଆମ ଶରୀରରେ ଜନ୍ମ ସମୟରେ ପାଖାପାଖି ୨୭୦ଟି ହାଡ଼ ବା ଅସ୍ଥି ଥାଏ। ତାହା ସମୟକ୍ରମେ ୨୦୬କୁ ହ୍ରାସ ପାଇଥାଏ। ସେହିପରି ଆମ ଶରୀରରେ ପାଖାପାଖି ୩୬୦ ଖଞ୍ଜା ବା ଗଣ୍ଠି ଥାଆନ୍ତି। ମୁଣ୍ଡରେ ଗୋଟିଏ ହାଡ଼ ସହ ଆଉ ଗୋଟିଏ ହାଡ଼ ଲାଗିଥାଏ, ମାତ୍ର କୌଣସି ଚଳନ ନ ଥାଏ। ସେହିପରି ଛାତି ଓ ଅନ୍ୟ ସ୍ଥାନରେ ଥିବା ଉପାସ୍ଥିର ଗତିଶୀଳ ଖଞ୍ଜା ନ ଥାଏ। ମେରୁଦଣ୍ଡରେ ଥିବା ଖଞ୍ଜାର ଚଳନ ମଧ୍ୟ ଖୁବ୍ ସୀମିତ ଯଥା ସାମାନ୍ୟ ଓ ଆଗ ପଛକୁ ଥାଏ। ମାତ୍ର କାନ୍ଧ, ଆଣ୍ଠୁ ଇତ୍ୟାଦି ଅନେକ ଦିଗକୁ ବୁଲିପାରନ୍ତି। ଆଣ୍ଠୁ କେବଳ ପଛକୁ, କହୁଣି କେବଳ ପଛକୁ ଓ ଆଗକୁ ହୋଇଥାଏ। ହାତ୍‌ର ଆଙ୍ଗୁଠି ଓ ପାଦର ଆଙ୍ଗୁଠି ମଧ୍ୟ ସୀମିତ ବୁଲିପାରନ୍ତି। ହିପ୍ ଜଏଣ୍ଟ ବା ନିତମ୍ବ ଖଞ୍ଜା ଓ କାନ୍ଧର ଖଞ୍ଜାରେ ଦୁଇଟି ହାଡ଼ ବଲ୍ ଓ ସକେଟ ପରି ଥାଆନ୍ତି। ଦୁଇଟି ହାଡ଼ କିମ୍ବା ଏକାଧିକ ହାଡ଼ର ମିଳନ ଯହିଁରେ, ସେହି ହାଡ଼ ବିଭିନ୍ନ ଦିଗକୁ, ତଳୁ ଉପରକୁ, ପାର୍ଶ୍ୱରୁ ପାର୍ଶ୍ୱକୁ ବୁଲିପାରନ୍ତି ଓ ସ୍ଥଳ ବିଶେଷରେ କେବଳ ପାଖକୁ ପାଖ ଲାଗି କରି ଥାଆନ୍ତି, ତାହାକୁ ଗଣ୍ଠି ବା ଖଞ୍ଜା କୁହାଯାଏ।

ପ୍ରତିବର୍ଷ ଅକ୍ଟୋବର ୧୨ ତାରିଖକୁ ବିଶ୍ୱ ଆଣ୍ଠୁଗଣ୍ଠିବାତ ଦିବସ (ୱାର୍ଲ୍ଡଆର୍ଥ୍ରାଇଟିସ୍ ଡେ’) ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି-‘ସ୍ୱପ୍ନର ଶକ୍ତି’। ଆର୍ଥ୍ରାଇଟିସ୍ ବା ଗଣ୍ଠିବାତ ରୋଗ ବିଷୟରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରାମଚନ୍ଦ୍ର ରାଉତ କୁହନ୍ତି, ଏହି ବାତ ରୋଗ ପୁରୁଷଙ୍କଠାରୁ ମହିଳାମାନଙ୍କୁ ଅଧିକ ମାତ୍ରାରେ ହୋଇଥାଏ। ପ୍ରାୟ ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମଧ୍ୟରୁ ୪୦% ଏଥିରେ ପୀଡ଼ିତ ହୋଇଥାଆନ୍ତି। ଏକ ସର୍ଭେରୁ ଜଣାପଡ଼ିଛି, ଡାକ୍ତରଙ୍କ ପରାମର୍ଶ ପାଇଁ ଆସୁଥିବା ଲୋକଙ୍କ ମଧ୍ୟରୁ ଚାରି ଜଣରୁ ଜଣଙ୍କର ଗଣ୍ଠିଜନିତ ରୋଗ ଥାଏ।

ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ସାଧାରଣତଃ ଶରୀରର ଓଜନ ବହନ କରୁଥିବା ଆଣ୍ଠୁ, ହାତରେ ଉଠାଯାଉଥିବା ସମସ୍ତ ଜିନିଷର ଭାର କାନ୍ଧ, ଶରୀରର ଓଜନ ବହନ କରୁଥିବା, ଚାଲିବା, ଦୌଡ଼ିବା, କୁଦା ମାରିବାରେ ସାହାଯ୍ୟ କରୁଥିବା ନିତମ୍ବ ବା ହିପ୍ ଗଣ୍ଠିବାତ ଦ୍ୱାରା ଆକ୍ରାନ୍ତ ହୋଇଥାଏ।




# କୋମ୍ବିଂ ଅପରେଶନ ବେଳେ ଗୁରୁତର ଯବାନ ଶହୀଦ

ରାଉରକେଲା,୧୧।୧୦(ସଙ୍ଗୀତା ଜେନା)

**୨ ଆହତଙ୍କୁ ଦିଲ୍ଲୀ ଏୟାର ଲିଫ୍ଟ କରାଗଲା**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ପଶ୍ଚିମ ସିଂଭୂମ ଜରେଇକେଲା ଥାନା ଅଧୀନ ସରଣ୍ଡା ଜଙ୍ଗଲ ଅଞ୍ଚଳରେ କୋମ୍ବିଂ ଅପରେଶନ ବେଳେ ଆଇଇଡି ବିସ୍ଫୋରଣରେ ଗୁରୁତର ଜଣେ ସିଆର୍‌ପିଏଫ୍ ଯବାନଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଆସାମ ରାଜ୍ୟର ମୂଳନିବାସୀ ତଥା ସିଆର୍‌ପିଏଫ୍ ୬୦ ବାଟାଲିୟନର ହେଡ୍ କନ୍‌ଷ୍ଟେବଲ ମହେନ୍ଦ୍ର ଲସ୍କର। ତାଙ୍କୁ ଶୁକ୍ରବାର ରାତି ୧ଟାରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଶନିବାର ସକାଳ ପ୍ରାୟ ୭ଟାରେ ମୃତଦେହକୁ ରାଞ୍ଚି ନିଆଯାଇ ସେଠାରେ ଗାର୍ଡ ଅଫ୍ ଅନର ପ୍ରଦାନ ପରେ ଆସାମକୁ ପଠାଯାଇଥିବା ସୂଚନା ମିଳିଛି। ବିସ୍ଫୋରଣରେ ଆହତ ରାମକୃଷ୍ଣ ଗାଗରାଇ ଏବଂ ସିଆର୍‌ପିଏଫ୍ ଇନ୍ସପେକ୍ଟର କୌଶଲ କୁମାର ମିଶ୍ରଙ୍କୁ ଉନ୍ନତ ଚିକିତ୍ସା ପାଇଁ ଶନିବାର ଅପରାହ୍ନ ୨ଟାରେ ରାଉରକେଲା ବିମାନ ବନ୍ଦରରୁ ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀସ୍ଥିତ ଏମ୍ସ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି। ଶନିବାର ସକାଳେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ହସ୍ପିଟାଲରେ ପହଞ୍ଚି ଆହତମାନଙ୍କ ବିଷୟରେ ପଚାରି ବୁଝିଥିଲେ। ଆହତ ଗାଗରାଇଙ୍କ ଭାଇ ତଥା ଝାଡଖଣ୍ଡ ରାଜଖରସୁଆଁ ବିଧାୟକ ଦଶରଥ ଗାଗରାଇ ଓ ପରିବାର ଲୋକେ ମଧ୍ୟ ଆହତମାନଙ୍କୁ ଭେଟିବାକୁ ରାଉରକେଲାରେ ପହଞ୍ଚିଥିଲେ। ଅପରପକ୍ଷେ ଡିଆଇଜି ରାୟ କହିଛନ୍ତି, ମାଓବାଦୀ ଦମନ ପାଇଁ ୨ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଉଛି। ଶୁକ୍ରବାର ଜରେଇକେଲାରେ ହୋଇଥିବା ଆଇଇଡି ବିସ୍ଫୋରଣରେ ୩ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଏୟାରଲିଫ୍ଟ କରାଯାଇଛି ଓ ଅନ୍ୟ ଜଣେ ଶହୀଦ ହୋଇଛନ୍ତି।

# ବୈତରଣୀ ଟାପୁରେ ୯ ଘଣ୍ଟା ଫସିଲେ ହାତୀପଲ

ପାଟଣା,୧୧।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରି ସେକ୍ସନ ରାଜନଗର ବିଟ୍ ଅଧୀନ ସୀମାନ୍ତ ବୈତରଣୀ ନଦୀର ତୁରୁମୁଙ୍ଗା ୩ ଧାରିଆ ଟାପୁରେ ଶୁକ୍ରବାର ରାତିରୁ ୩୦ଟିକିଆ ହାତୀପଲ ଫସି ରହିଥିଲେ। ନଦୀର ଉଭୟ ପାର୍ଶ୍ୱରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ଲୋକେ ଘେରି ରହିଥିବାରୁ ହାତୀପଲ ୯ ଘଣ୍ଟା ଧରି ଟାପୁରେ ରହିଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ହାତୀପଲ ମୟୂରଭଞ୍ଜ ସୀମା ତଥା ବୈତରଣୀ ନଦୀ ପାରହେଉଥିବା ସମୟରେ ଟାପୁରେ ଅଟକି ରହିଥିଲେ। ହାତୀପଲରେ ୧୧ ଦନ୍ତା, ୧୨ ମାଈ ଓ ୭ ଛୁଆହାତୀ ରହିଛନ୍ତି। ଛୁଆହାତୀ ସାଙ୍ଗରେ ଥିବାରୁ ଦନ୍ତା ଓ ମା’ହାତୀ ଘେରି ରହିଥିଲେ। ନଦୀର ଉଭୟ ପାର୍ଶ୍ୱରେ ହାତୀ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ପ୍ରଖର ସ୍ରୋତ ସାଙ୍ଗକୁ ଲୋକଙ୍କ ଭିଡ଼ କାରଣରୁ ହାତୀ କୂଳକୁ ଆସିପାରି ନ ଥିଲେ। ଅପରାହ୍ନ ୩ଟାରେ ହାତୀପଲ ନଦୀ ପାରହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସନ୍ଧ୍ୟାରେ ରାଇକଳା ନିକଟରେ ପହଞ୍ଚିଥିବା ଖିରେଇଟାଙ୍ଗିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଖୋଦ୍ ଡିଏଫ୍‌ଓ ଧନ୍‌ରାଜ ହନୁମନ୍ତ ଉପସ୍ଥିତ ରହିଛନ୍ତି।




# ମସ୍ତିଷ୍କରୁ ବାହାରିଲା ୪ ସେ.ମି.ର ମାଂସ

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

**ଏମ୍‌କେସିଜିରେ ପୁଣି ବିରଳ ଅସ୍ତ୍ରୋପଚାର**



ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ପୁଣି ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ପାତି ସୁନାପୁର ଅଞ୍ଚଳର ଗୱାଲା ମାସେନୁ (୫୬ )ଙ୍କ ମସ୍ତିଷ୍କରୁ ୪ ସେ.ମି.ର ଟ୍ୟୁମର ବାହାର କରାଯାଇଛି। ଗୱାଲା ମାନସିକ ବିକାରଗ୍ରସ୍ତଙ୍କ ପରି ଆଚରଣ କରୁଥିଲେ। ମୁଣ୍ଡର ଉପର ଭାଗରେ ଘା ହୋଇ ପୂଜ ବାହାରୁଥିଲା ବୋଲି ତାଙ୍କ ପରିବାରବର୍ଗ କହିଛନ୍ତି। ତାଙ୍କର ଚିକିତ୍ସା ପାଇଁ ପ୍ରଥମେ ଇଚ୍ଛାପୁରମ ଡାକ୍ତରଖାନା ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନଥିଲା। ପରିବାର ଲୋକେ ନିରୁପାୟ ହୋଇ ଗତ ୨୦ ତାରିଖରେ ଏମ୍‌କେସିଜି ମେଡିକାଲକୁ ଆଣିଥିଲେ। ନ୍ୟୁରୋ ସର୍ଜରି ବିଭାଗୀୟ ମୁଖ୍ୟ ଡା. ରବି ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଆରମ୍ଭ କରାଯାଇଥିଲା। ପରୀକ୍ଷା ନିରୀକ୍ଷା ପରେ ଗୱାଲାଙ୍କ ମସ୍ତିଷ୍କର ମଧ୍ୟଭାଗରେ ୪ ସେ.ମି.ର ମାଂସ ରହିଥିବା ଜଣାପଡିଥିଲା। ସେ ଉଚ୍ଚ ମଧୁମେହ ରୋଗରେ ଆକ୍ରାନ୍ତ ଥିବାରୁ ସ୍ୱାସ୍ଥ୍ୟାବସ୍ଥାରେ ସ୍ଥିରତା ଆସିବା ପରେ ଗତ ବୁଧବାର ଡା. ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରାୟ ୪ ଘଣ୍ଟା ଅସ୍ତ୍ରୋପଚାର କରି ମସ୍ତିଷ୍କରୁ ମାଂସ କାଢ଼ିବାରେ ସଫଳ ହୋଇଛନ୍ତି। ଏହି ଜଟିଳ ଅସ୍ତ୍ରୋପଚାର ପାଇଁ ଖପୁରି ପାଖର ଏକ ହାଡ଼ ବାହାର କରି ପେଟ ପାଖରେ ରଖା ଯାଇଛି। ସୁସ୍ଥ ଅବସ୍ଥାକୁ ଫେରିଲେ ତାହାକୁ ପୁନଃ ସ୍ଥାପନ କରାଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ସେ ସାଧାରଣ ୱାର୍ଡରେ ଅଛନ୍ତି। ଡା.ଦେବଦତ୍ତ ସେନାପତି, ଡା.ଦେବଶ୍ରୀ ମହାରଣା, ଡା.ତୁଷାର କାନ୍ତ ରଥ, ଡା ପି.ହରି ପ୍ରସାଦ ଓ ନିଶ୍ଚେତକ ବିଭାଗର ଡାକ୍ତର ମାନସ କୁମାର ନାହାକ ପ୍ରମୁଖ ଅସ୍ତ୍ରୋପଚାରରେ ସହଯୋଗ କରିଥିଲେ।

# ବିବାହ ପ୍ରସ୍ତାବ ଦେଖିବାକୁ ଆସି ଯୁବତୀଙ୍କ ଗଳାକାଟି ଯୁବକ ଗିରଫ

ରାଜକନିକା,୧୧।୧୦(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଜୟନଗର ପଞ୍ଚାୟତ କୁଜିପୁରୁ ଗାଁର ସୁଶାନ୍ତ କିଶୋର ଦାସଙ୍କ ଭାଣିଜୀ ପ୍ରିୟଙ୍କା ଦାସ(୨୦)ଙ୍କୁ ଗାରଡ଼ପୁର ଗାଁର ସୁବ୍ରତ ନାୟକ(୨୬) ଓ ତାଙ୍କ ମା’ ମନୋରମା ନାୟକ ଶନିବାର ବିବାହ ପ୍ରସ୍ତାବ ନେଇ ଦେଖିବାକୁ ଆସିଥିଲେ। ସେଠାରେ ଦେଖାଚାହାଁ ଚାଲିଥିଲା। ପରେ ପୁଅ ସୁବ୍ରତ ଝିଅ ପ୍ରିୟଙ୍କା ସହ କିଛି କଥା ହେବା ଲାଗି କହିଥିଲେ। ଉଭୟ ଏକ କୋଠରିକୁ କଥା ହେବାକୁ ଯାଇଥିଲେ। ହେଲେ ସୁବ୍ରତ ଘର କବାଟ ବନ୍ଦକରି ଝିଅ ପ୍ରିୟଙ୍କାଙ୍କୁ ଏକ ଛୁରିରେ ଆକ୍ରମଣ କରି ଗଳାର ଦୁଇ ଜାଗାକୁ କାଟି ଦେଇଥିଲେ। ଝିଅର ଚିତ୍କାର ଶୁଣି ପରିବାର ଲୋକ କବାଟ ଭାଙ୍ଗି ଉଦ୍ଧାର କରିଥିଲେ। ଏହା ଜଣାପଡ଼ିବା ପରେ ଗାଁ ଲୋକମାନେ ଜମା ହୋଇ ସୁବ୍ରତଙ୍କୁ କାବୁକରି ଏକ ଖୁଣ୍ଟରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସୁବ୍ରତଙ୍କୁ ଥାନାକୁ ଆଣିଥିଲା। ପ୍ରିୟଙ୍କାଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ସେଠାରେ ଚିକିତ୍ସା କରାଇ ଥାନାରେ ପ୍ରିୟଙ୍କାଙ୍କ ମାମୁ ସୁଶାନ୍ତ କିଶୋର ଦାସ ଅଭିଯୋଗ କରିଥିଲେ। ପୋଲିସ ନଂ: ୫୧୪/୨୫ରେ ମାମଲା ରୁଜୁ କରି ସୁବ୍ରତଙ୍କୁ ଗିରଫକରି ତଦନ୍ତ ଚଳାଇ ଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।


ଗିରଫ ଯୁବକ ସୁବ୍ରତ ନାୟକ

ସୂଚନାଯୋଗ୍ୟ, ପୂର୍ବରୁ ଏ ନେଇ ଉଭୟ ଝିଅ ଓ ପୁଅଙ୍କ ମଧ୍ୟରେ ବିବାହ ଲାଗି ନିଷ୍ପତ୍ତି ସହ ଦେଖାସାକ୍ଷାତ ଶେଷ ହୋଇଥିଲା। ଶନିବାର ପୁନର୍ବାର ସୁବ୍ରତ ଏବଂ ତାଙ୍କ ମା’ ମନୋରମା ଝିଅ ପ୍ରିୟଙ୍କାଙ୍କୁ ଦେଖିବାକୁ ଆସି ଏଭଳି ଘଟଣା ଘଟିଛି। କିନ୍ତୁ ଆକ୍ରମଣର କାରଣ ଜଣାପଡ଼ି ନାହିଁ।

ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି- ତେବେ ମୁଁ ଜାଣେ ନା- ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି? କାରଣ- ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା। - ଶ୍ରୀଅରବିନ୍ଦ



# ଦୁଇଟି ପଥ



ଆକାର ପଟେଲ

ପଇଁତିରିଶ ବର୍ଷ ପୂର୍ବେ ଭାରତ ଯେଉଁ ଦୁଇଟି ପଥରେ ଯିବାକୁ ବାଛିଥିଲା, ଏଯାବତ୍ ସେହି ଉଭୟ ରାସ୍ତାରେ ରହିଛି। ପ୍ରଥମ ପଥ ଥିଲା ଏକ ନୂତନ ରୂପର ଅର୍ଥନୀତିକୁ ଆପଣେଇବା, ଯାହାର ଔପଚାରିକ ଭାବେ ନାମ ଦିଆଯାଇଥିଲା ଉଦାରୀକରଣ। ଏହାର ଉଦ୍ଦେଶ୍ୟ ଥିଲା ଭାରତକୁ ବିଦେଶୀ ପୁଞ୍ଜି ଆଣିବା, ଲାଇସେନ୍ସରାଜକୁ ଭାଙ୍ଗିବା ସହ ସାର୍ବଜନୀନ କ୍ଷେତ୍ରର ଏକଚାଟିଆ ଅଧିକାରକୁ ସମାପ୍ତ କରିବା। ଏହାର ଲକ୍ଷ୍ୟ (ଅଘୋଷିତ)ଥିଲା ଜାପାନ, ତାଇୱାନ ଏବଂ ଦକ୍ଷିଣ କୋରିଆ ଭଳି ଏସୀୟ ରାଷ୍ଟ୍ରଗୁଡ଼ିକର ପଥ ଅନୁସରଣ କରି ଭାରତକୁ ଶିଳ୍ପାୟନରେ ସମୃଦ୍ଧ କରିବା। ଆମ ଭଳି ସେହି ସମାନ ସମୟରେ ଚାଇନା ଉଦାରୀକରଣ ପାଇଁ ଚେଷ୍ଟା କରୁଥିଲା। ଆମେ ୨୪ ଜୁଲାଇ ୧୯୯୧ (ଯେତେବେଳେ ଅର୍ଥମନ୍ତ୍ରୀ ମନମୋହନ ସିଂହ ତାଙ୍କ ବଜେଟ ଉପସ୍ଥାପନ କରିଥିଲେ)ରେ ଉଦାରୀକରଣରେ ପାଦ ଥାପିଥିବାବେଳେ ଭାରତ ଏବଂ ଚାଇନାର ଅର୍ଥନୈତିକ ବିକାଶ ସମାନ ସ୍ତରରେ ରହିଥିଲା। ବିଶ୍ୱ ବ୍ୟାଙ୍କ ଅନୁଯାୟୀ ୧୯୯୧ରେ ଉଭୟ ଦେଶର ମୁଣ୍ଡପିଛା ଜିଡିପି ୩୩୪ ଆମେରିକୀୟ ଡଲାର ଥିଲା। ଏହା ଦର୍ଶାଇଥିଲା ଯେ ଚାଇନା ଟିକେ ଆଗୁଆ ଥିଲା, କାରଣ ଭାରତଠାରୁ ପ୍ରାୟ ଏକ ଦଶନ୍ଧି କିମ୍ବା ତା'ପୂର୍ବରୁ, ମାଓ ସେ ତୁଙ୍ଗଙ୍କ ମୃତ୍ୟୁ ପରେ, ତାହାର ପ୍ରଗତି ଆରମ୍ଭ ହୋଇଥିଲା। କିନ୍ତୁ ଚାଇନା ଏକ ଅତ୍ୟନ୍ତ ଅବିକଶିତ ସ୍ତରରୁ ଉଠୁଥିଲା, ଯେଉଁଠି କୌଣସି ଘରୋଇ କ୍ଷେତ୍ର ନ ଥିଲା ଏବଂ ସାଂସ୍କୃତିକ ବିପ୍ଳବ ଓ ଏକକ ସନ୍ତାନ ନୀତି ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ତେଣୁ କୁହାଯାଇପାରେ ଯେ, ୧୯୯୧ରେ ଆମେ ପ୍ରକୃତରେ ତା' ସହ ସମାନ ଥିଲୁ। ସେହି ସମୟରୁ ଉଦାରୀକରଣ ପଥର ଘଟଣାଗୁଡ଼ିକୁ ଦେଖିଲେ ବୁଝିହେବ। ୧୯୯୦ ଦଶକର ଶେଷ ସୁଦ୍ଧା ଚାଇନାର ମୁଣ୍ଡପିଛା ଜିଡିପି ଭାରତର ଦୁଇଗୁଣ ହୋଇଗଲା। ପରବର୍ତ୍ତୀ ଦଶନ୍ଧିରେ ଅଟଳ ବିହାରୀ ବାଜପେୟୀଙ୍କ ଶାସନ ଆମକୁ 'ଉଜ୍ଜ୍ୱଳ ଭାରତ'ର ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ୨୦୦୦ ଦଶକର ଶେଷ ସୁଦ୍ଧା ଚାଇନାର ମୁଣ୍ଡପିଛା ଜିଡିପି ତିନି ଗୁଣ ଆଗରେ ଥିଲା। ପରେ ମନମୋହନ ସିଂହଙ୍କ ଶାସନ କାଳରେ ଚାଇନା ଚାରି ଗୁଣ ଆଗରେ ଥିଲା ଏବଂ ମୋଦିଙ୍କ ନୂତନ ଭାରତରେ ପାଞ୍ଚ ଗୁଣ ଆଗରେ ରହିଛି।

୨୦୦୮ର ବିଶ୍ୱ ଆର୍ଥିକ ସଙ୍କଟ ପର୍ଯ୍ୟନ୍ତ ବୈଶ୍ୱିକ ଅର୍ଥନୀତି ଉପରେ ନଜର ରଖୁଥିବା ଦି ଇକୋନୋମିଷ୍ଟ, ଦି ୱାଲ ଷ୍ଟ୍ରିଟ ଜର୍ନାଲ ଏବଂ ଫାଇନାନ୍ସିଆଲ ଟାଇମ୍ସ ଆକଳନଭିତ୍ତିକ ଖବର ପ୍ରକାଶ କରିଥିଲେ ଯେ ଜାପାନ, ଦକ୍ଷିଣ କୋରିଆ ଏବଂ ଚାଇନାର ଅର୍ଥନୈତିକ ପଥରେ ଭାରତ ସାମିଲ ହେବାକୁ ଯାଉଛି। କିନ୍ତୁ ତାହା କୋଭିଡ୍ ମହାମାରୀ ସମୟରେ ଶେଷ ହୋଇଗଲା। କିନ୍ତୁ ଏହା ସ୍ପଷ୍ଟ ଯେ, ଏସିଆର ଶକ୍ତିଶାଳୀ ଦେଶଗୁଡ଼ିକ ଯାହା କରୁଥିଲେ ଭାରତ ତାହା କରୁ ନ ଥିଲା ଏବଂ କରିପାରି ନ ଥିଲା। ଏହାର ଅନେକ କାରଣ ଥାଇପାରେ, କିନ୍ତୁ ମୁଖ୍ୟ କାରଣ ହେଉଛି ପ୍ରଭାବୀ ଢଙ୍ଗରେ ବିକାଶ ଏବଂ ନୀତି କାର୍ଯ୍ୟକାରୀ କରିବାରେ ଅକ୍ଷମତା। ଏବେ ଭାରତର ମୁଣ୍ଡପିଛା ଜିଡିପି ୨୬୯୬ ଆମେରିକୀୟ ଡଲାର ଥିବାବେଳେ ବାଂଲାଦେଶର ୨୫୯୩, ପାକିସ୍ତାନର ୧୪୮୪ ଏବଂ ଚାଇନାର ୧୩,୩୦୩ ଆମେରିକୀୟ ଡଲାର ରହିଛି। ଏହା ସ୍ପଷ୍ଟ ଯେ, ଭାରତ ଲକ୍ଷ୍ୟ ଅନୁଯାୟୀ କାମ କରୁ ନ ଥିବାରୁ ସେହି ସ୍ଥିତିରେ ରହିଛି। ୧୯୯୦ରେ ଭାରତ ଯେଉଁ ଦ୍ୱିତୀୟ ପଥ ବାଛିଥିଲା ତାହା ମଧ୍ୟ ଜାରି ରହିଛି। ଏହା ଥିଲା ବିବିଧତାର ସହାବସ୍ଥାନ ଏବଂ ଧର୍ମନିରପେକ୍ଷତାରୁ ଦୂରେଇ ଯାଇ ଭାଜପା ବିଚାରଧାରା ଦ୍ୱାରା ପ୍ରତିଶ୍ରୁତି ଦିଆଯାଇଥିବା ଏକ ଭିନ୍ନ ସ୍ୱର୍ଗ ଆଡ଼କୁ ଯିବା, ଯାହାକୁ ୧୯୯୬ର ଇସ୍ତାହାରରେ ହିନ୍ଦୁତ୍ୱ ବୋଲି କୁହାଯାଇଥିଲା। ବାବ୍ରୀ ମସ୍‌ଜିଦ ବିରୋଧରେ ଦଳର ସଫଳ ଅଭିଯାନ ଏବଂ ପରବର୍ତ୍ତୀ ହତ୍ୟାକାଣ୍ଡ ଭାରତକୁ ଏକ ନୂତନ ଦିଗକୁ ନେଇଯାଇଥିଲା। ୧୯୫୧ରେ ଗଠିତ ଦଳର ୧୯୯୦ ପର୍ଯ୍ୟନ୍ତ ନିଜସ୍ୱ ମୁଖ୍ୟମନ୍ତ୍ରୀ ନ ଥିଲା ଏବଂ ସମସ୍ତ ଦଶନ୍ଧିରେ ଏହାର ଜାତୀୟ ଭୋଟ ହାର ଏକକ ସଂଖ୍ୟାବିଶିଷ୍ଟ ରହିଥିଲା। ଲାଲକୃଷ୍ଣ ଆଡ୍‌ଭାନୀଙ୍କ ନେତୃତ୍ୱରେ ହୋଇଥିବା ବାବ୍ରୀ ମସ୍‌ଜିଦ ଘଟଣା ପରେ ଏହା ଦୁଇଗୁଣ ବୃଦ୍ଧି ପାଇ ପାଖାପାଖି ୧୮% ପହଞ୍ଚିଥିଲା। ନରେନ୍ଦ୍ର ମୋଦିଙ୍କ ଅଧୀନରେ ପୁନର୍ବାର ଦ୍ୱିଗୁଣିତ ହୋଇ ୩୬% ହୋଇଥିଲା।

ବିକାଶର ପ୍ରଥମ ପଥ ଧିମା ହୋଇଥିବାବେଳେ ଦ୍ୱିତୀୟ ପଥର ଗତି ଅଧିକ ଦ୍ରୁତ ହୋଇଛି। ବାଜପେୟୀଙ୍କ ସମୟରେ ଏବକାର ସଂଖ୍ୟାଲଘୁ ବିରୋଧୀ ରାଜନୀତିର ସ୍ୱର ଏତେ ଦୃଢ଼ ନ ଥିଲା। ଏହାର କାରଣ, କିଛି ଲୋକ ଅନୁଭବ କରୁଥିଲେ ଯେ ବାଜପେୟୀ ଉଦାର ଥିଲେ ଏବଂ ଏହା ସତ୍ୟ। ସେ ସରକାରରେ ଥିବା ସହଯୋଗୀଙ୍କ ଉପରେ ନିର୍ଭରଶୀଳ ଥିଲେ, ତେଣୁ ଦ୍ୱନ୍ଦ୍ୱରେ ରହିବାକୁ ବାଧ୍ୟ ହୋଇଥିଲେ। ୨୦୦୨ର ଘଟଣାବଳୀ ଏହାକୁ ପରିବର୍ତ୍ତନ କରିଦେଲା। ଭାଜପା ତାହାର ନୂତନ ନେତା ପାଇଲା। ୧୯୯୧ର ଅର୍ଥନୈତିକ ସଂସ୍କାରରୁ ସର୍ବାଧିକ ଲାଭ ପାଇଥିବା ଏକ ରାଜ୍ୟରୁ ଆସି ସେ ଦାବି କଲେ ଯେ, ଏହାର ତୁଳନାତ୍ମକ ପ୍ରଗତି ତାଙ୍କ ଯୋଗୁ ଘଟିଥିଲା। ଏବଂ ୨୦୦୨ର ନରସଂହାର ପରେ ତାଙ୍କୁ ହଟାଇବାରେ ବାଜପେୟୀଙ୍କ ଅକ୍ଷମତା ତାଙ୍କୁ ଭବିଷ୍ୟତର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠା କରିଥିଲା, ଯେଉଁଥିପାଇଁ ସେ ତାଙ୍କ ଲକ୍ଷ୍ୟ ପୂରଣ କରିପାରିଥିଲେ। ୧୯୯୦ରେ ଭାରତ ବାଛିଥିବା ଉଭୟ ପଥରେ ସେ ପ୍ରଗତି ପାଇଁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ କେବଳ ଗୋଟିଏ ରାସ୍ତାରେ ଆଗେଇ ଗଲେ। ଏବେ ଚାଇନା ସହ ଭାରତ ତୁଳନୀୟ ନୁହେଁ ଏବଂ ସରକାର ବିଶ୍ୱର ଅନ୍ୟ ଦେଶମାନଙ୍କ ସହିତ ନିଜକୁ ତୁଳନା କରୁ ନାହାନ୍ତି। ଏହା ବଦଳରେ, ଆମେ ଆଭ୍ୟନ୍ତରୀଣ ନିର୍ଯାତନା, ପାକିସ୍ତାନୀ ସେନା ଏବଂ ବାଂଲାଦେଶୀ ଶରଣାର୍ଥୀଙ୍କ ସହିତ ଲଢ଼ି ନିଜକୁ ସାନ୍ତ୍ୱନା ଦେଉଛୁ। ୧୯୯୦ ପରେ ଭାଜପାର ନିର୍ବାଚନୀ ସଫଳତାରୁ ବୁଝାପଡୁଛି ଯେ, ଏହି ରାସ୍ତା ଛାଡ଼ିବା ତା' ପାଇଁ କଷ୍ଟକର ହେବ, କାରଣ ଏହି ନୀତିଗୁଡ଼ିକୁ ଗ୍ରହଣ କରିଛି। ଯୁବ ପାଠକଙ୍କ ପାଇଁ ୧୯୯୦ ବହୁତ ପୁରୁଣା ମନେହେବ, କିନ୍ତୁ ଆମ ମଧ୍ୟରୁ ଅନେକଙ୍କ ପାଇଁ ଏହା ଏବକାର ସ୍ମୃତି। ଆମେ ସେହି ଦଶନ୍ଧିଗୁଡ଼ିକୁ ଦେଖିଲେ ଜାଣିପାରିବା ଯେ ସେତେବେଳେ ଏସବୁ କାହିଁକି ଘଟିଥିଲା ଏବଂ ପରବର୍ତ୍ତୀ ଦଶନ୍ଧିଗୁଡ଼ିକ ସମାନ ଘଟଣା ଘଟିବ। ଏକ ସମୃଦ୍ଧ ଏବଂ ସମାନତାର ସମାଜ ଗଢ଼ିବାର ପଥରେ ଦ୍ୱିଧା ଏବଂ ଧିମା ଯାତ୍ରା ଦେଖିବାକୁ ମିଳିବ। ଅନ୍ୟ ପଟେ ଆତ୍ମବିଶ୍ୱାସର ସହିତ ଦ୍ରୁତ ଗତିରେ ହିନ୍ଦୁତ୍ୱ ବିଚାରଧାରା ପଥରେ ଆଗେଇ ଚାଲିବ।

Email:aakar.patel@gmail.com

# ବଡ଼ ମାଛ ଧର



ଡ. ସନ୍ତୋଷ କୁମାର ମହାପାତ୍ର

ଖବରକାଗଜ ଖୋଲିଲେ ବା ଟିଭି ଦେଖିଲେ ବିଭିନ୍ନ ଶ୍ରେଣୀର ଲୋକ ବିଶେଷକରି ଉଚ୍ଚ ପଦବୀରେ ଅଧିଷ୍ଠିତ ବ୍ୟକ୍ତି ଦୁର୍ନୀତିକରି ଆୟ ବହିର୍ଭୂତ ବହୁ କୋଟି ଟଙ୍କାର କଳା ସମ୍ପତ୍ତି ଠୁଳକରିବା ଖବର ପଢ଼ିବାକୁ ବା ଶୁଣିବାକୁ ମିଳେ। ବେଶି ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କ ନାମ ପଢ଼ିବାକୁ ମିଳେ, ଯେଉଁମାନେ ଚାକିରି ପୂର୍ବରୁ ଜନତାଙ୍କ ସେବା କରିବେ ବୋଲି କହିଥାନ୍ତି। ପ୍ରଶାସନିକ ସେବାରେ ଟପ୍ପର ହୋଇଥିବା ବ୍ୟକ୍ତି ମଧ୍ୟ ଏହି କଳାକାରନାମାରୁ ମୁକ୍ତ ନୁହନ୍ତି। ବାସ୍ତବରେ ଦୁର୍ନୀତିରେ ଲିପ୍ତ କିଛି ହାତଗଣତି ଯନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଧରିପକାଇଲେ ଦୁର୍ନୀତି ଦୂରହେବନାହିଁ। ଏହାର ମୂଳ କାରଣ ଖୋଜି ତାହାର ନିରାକରଣ ଆବଶ୍ୟକ ଅର୍ଥାତ୍ ଛୋଟ ମାଛ ଧରୁଛନ୍ତି, ବଡ଼ ମାଛ ଧରିବାକୁ ପ୍ରୟାସ କରିବା ଉଚିତ। ନିକଟରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଦୁର୍ନୀତିଗ୍ରସ୍ତଙ୍କୁ କେବଳ ଦଣ୍ଡ ଦେଇଦେଲେ ଦୁର୍ନୀତି ରୋକିହେବନାହିଁ ଏବଂ ଦୁର୍ନୀତିର ମୂଳ କାରଣ ଖୋଜି ପ୍ରଶାସନିକ, ଆଇନଗତ,ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟବସ୍ଥାଗତ ପ୍ରଣାଳୀରେ ଦୂରକରିବାକୁ କଡ଼ା ପଦକ୍ଷେପ ନେବାକୁ ପଡ଼ିବ ବୋଲି ପରାମର୍ଶ ଦେଇଛନ୍ତି।

ବାସ୍ତବରେ ଦୁର୍ନୀତି ଆଜି ଜୀବନଶୈଳୀରେ ପରିଣତ ହୋଇଛି। ଦୁର୍ନୀତିର ଏକ ବଡ଼ କାରଣ ହେଉଛି ଅବକ୍ଷୟମୁଖୀ ସମାଜ ଏବଂ ଜୀବନଚର୍ଯ୍ୟାରେ ନୈତିକତା, ମାନବିକତା ଓ ମୂଲ୍ୟବୋଧର ଦ୍ରୁତ ହ୍ରାସ ଘଟିବା ଓ ମଣିଷର ଚିନ୍ତାଧାରାରେ ପରିବର୍ତ୍ତନ ଘଟିବା। ସରକାର ଦେଶର ପ୍ରଗତିକୁ ଜିଡିପିରେ ଏବଂ ଲୋକ ଜୀବନର ସଫଳତାକୁ ଅର୍ଥ ଓ ସମ୍ପତ୍ତିରେ ମାପିବା ଆଜିର ଦୁର୍ନୀତିର ଏକ ବଡ଼ କାରଣ। ନବ୍ୟ ଉଦାରୀକରଣ ଅର୍ଥନୀତି ଓ ତଜ୍ଜନିତ ଉଗ୍ର ଉପଭୋକ୍ତାବାଦ; ଜୀବନଚର୍ଯ୍ୟାରେ ତ୍ୟାଗ, ସେବା, ବଳିଦାନ ଅପେକ୍ଷା ଉପଭୋଗ, କଳେବଳେ ସମ୍ପତ୍ତି ଠୁଳ କରିବା ମାନସିକତାରୁ ଦୁର୍ନୀତି ବୃଦ୍ଧି ପାଉଛି। ଦୁର୍ନୀତିକରି ଦଣ୍ଡିତ ହେବା ଦେହସୁଆ ହୋଇଗଲାଣି। ଲାଜ, ସରମ ଟିକେ ବି ଲାଗୁନାହିଁ। ଆଜି ଦୁର୍ନୀତିର ମାନସିକତା ଅଧିକାଂଶକୁ ଗ୍ରାସକରିବାର କାରଣ ହେଉଛି ସମାଜ ଦିନକୁ ଦିନ ଅଧିକ କଳୁଷିତ ହେଉଛି ଏବଂ ଭଲ ଲୋକକୁ ଓ ଭଲ କାର୍ଯ୍ୟର ହତାଦର କରାଯାଉଛି। ଅର୍ଥ, କ୍ଷମତା ଓ ପ୍ରତିପତ୍ତି ନ ଥିଲେ କେହି ପଚାରିବେନାହିଁ। ଉଦାହରଣ ସ୍ୱରୂପ ଯଦି ଜଣେ କଳାଟଙ୍କାରୁ କେଉଁଠି ଚାନ୍ଦା ଦେଲେ, ଲୋକ ପ୍ରଶଂସାରେ ପୋତିଦେବେ, ନ ଦେଲେ କାମ୍ପି କହି ଘୃଣାକରିବେ। ଅନେକ ସମୟରେ ଦୁର୍ନୀତିଗ୍ରସ୍ତ ହୋଇ ଦଣ୍ଡିତହେବା ପରେ ମଧ୍ୟ ଅନେକଙ୍କୁ ଗୌରବମଣ୍ଡିତ କରାଯାଉଛି। ଯଦି ଶାସକ ଦଳରେ ଯୋଗଦେଲା ବା ସମର୍ଥନ କଲା ତେବେ ସବୁ ଦୋଷ ମାପ।

ଦୁର୍ନୀତିର ମୂଳ ଉତ୍ସ ହେଉଛି ରାଜନୀତିର ଅପରାଧୀକରଣ, ବ୍ୟୟବହୁଳ ନିର୍ବାଚନ ପ୍ରକ୍ରିୟା ଓ କ୍ରୋନି କ୍ୟାପିଟାଲିଜମ୍ ବା ଅନ୍ତରଙ୍ଗ ପୁଞ୍ଜିବାଦ। ଆଜିର ସମାଜରେ ବିତ୍ତଶାଳୀ, କ୍ଷମତାଶାଳୀଙ୍କୁ ବେଶି ସମ୍ମାନ ମିଳୁଛି। ଅଧିକ କ୍ଷମତାଶାଳୀ ହେବାର ବଡ଼ ମାଧ୍ୟମ ହେଲା ରାଜନୀତିକରି ଜନପ୍ରତିନିଧି, ନେତା, ମନ୍ତ୍ରୀ ହେବା। ଏଥିପାଇଁ ନିର୍ବାଚନରେ ଜିତିବା ଦରକାର ଓ ସେଥିପାଇଁ ପ୍ରଚୁର ଅର୍ଥ ଆବଶ୍ୟକ। ଏଣୁ ସେଇଠୁ ଆରମ୍ଭ ହୁଏ କଳାଟଙ୍କା ଠୁଳକରିବା, ଲାଞ୍ଚ ନେବା ଓ ଚାନ୍ଦା ଆଦାୟ କରିବା, ଯାହା ଉପରୁ ତଳସ୍ତର ପର୍ଯ୍ୟନ୍ତ ବ୍ୟାପିଥାଏ। ନିର୍ବାଚନରେ ବିଭିନ୍ନ ଦଳ ଓ ପ୍ରାର୍ଥୀ ପ୍ରଚୁର କଳାଟଙ୍କା ଖର୍ଚ୍ଚ କରୁଛନ୍ତି। ବିନା କଳାଟଙ୍କାରେ ଜିତିବା ଅସମ୍ଭବ। ୨୦୨୪ ସାଧାରଣ ନିର୍ବାଚନ ସମୟରେ ୫ଟି ଜାତୀୟ ଏବଂ ୨୭ଟି ଆଞ୍ଚଳିକ ରାଜନୈତିକ ଦଳ ଦ୍ୱାରା ସଂଗୃହୀତ ମୋଟ ପାଣ୍ଠି ପରିମାଣ ୭୪୪୫.୫୬୬ କୋଟି ଟଙ୍କା ଥିଲା। ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ ଅନୁଯାୟୀ ୨୦୨୪ ଲୋକ ସଭା ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳର ମୋଟ ଖର୍ଚ୍ଚ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଥିଲା। ପ୍ରାର୍ଥୀମାନେ ୧୯୫୧-୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ସମୟରେ ହାରାହାରି ୨୫,୦୦୦ ଟଙ୍କା ଖର୍ଚ୍ଚ କରିଥିଲେ ଯାହା ବର୍ତ୍ତମାନ ୭୫.୯୫ ଲକ୍ଷ ଟଙ୍କା(୩୦୦ ଗୁଣ ବୃଦ୍ଧି)କୁ ବୃଦ୍ଧିପାଇଛି। ସରପଞ୍ଚ ନିର୍ବାଚନରେ ଜଣେ ପ୍ରାର୍ଥୀ ପାଖାପାଖି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଆଜି ଲୋକମାନେ ସାମୂହିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଛନ୍ତି। ଟଙ୍କା ନ ଦେଲେ କେହି ନେତାଙ୍କ ରାଲିରେ, ସଭାକୁ ଯିବେନାହିଁ। ଭୋଟ ଦେବା ପାଇଁ ନେତା ଅର୍ଥ ଦେଲାବେଳେ ଲୋକ ମଧ୍ୟ ଅର୍ଥ ଚାହୁଁଛନ୍ତି। ସାମୂହିକ ସ୍ୱାର୍ଥ ଆଉ ଗୁରୁତ୍ୱ ପାଉନାହିଁ। ଏଣୁ ନିର୍ବାଚନ ବ୍ୟୟ ଭରଣା ପାଇଁ ଏବଂ



ନିଜ ଅନୁଗାମୀଙ୍କୁ ଆର୍ଥିକ ସାହାଯ୍ୟ ଦେବା ପାଇଁ ଅଧିକାଂଶ ନେତା ଅସତ୍ ଉପାୟରେ ପ୍ରଚୁର ଅର୍ଥ ଠୁଳ କରୁଛନ୍ତି। ପୁନଶ୍ଚ କ୍ଷମତା ଚାଲିଗଲେ କେହି ପଚାରିବେ ନାହିଁ। ଜଣେ ନିର୍ବାଚନରେ ସବୁବେଳେ ଟିକେଟ ପାଇବ ବା ଜିତିବ ବୋଲି କେହି ଗାରେଣ୍ଟି ଦେଇପାରିବେ ନାହିଁ। ଭବିଷ୍ୟତର ଅନିଶ୍ଚିତତା ଯୋଗୁ ମଧ୍ୟ ଥରେ ନେତା ଓ ମନ୍ତ୍ରୀ ହେଲେ ଅଧିକାଂଶ ସାତପୁରୁଷ ପାଇଁ ସମ୍ପତ୍ତି ଠୁଳ କରିଦେଉଛନ୍ତି। ସେମାନେ ସିଧା ଲାଞ୍ଚ ନେବେନାହିଁ। ଅନ୍ୟ ପ୍ରଶାସନିକ ଅଧିକାରୀ, ଯନ୍ତ୍ରୀ ତଥା ଅନ୍ୟମାନଙ୍କ ଜରିଆରେ ନେଉଛନ୍ତି। ଯିଏ ଉପରସ୍ତର ଲୋକଙ୍କୁ ଲାଞ୍ଚ ଦେବ, ସେ ଅନ୍ୟମାନଙ୍କଠାରୁ ଆଦାୟ କରିବ ଏବଂ ନିଜ ପାଇଁ ମଧ୍ୟ ରଖିବ, ଯାହା ସ୍ୱାଭାବିକ। ଫଳରେ ଦୁର୍ନୀତି ବ୍ୟାପୁଛି।

ପୁନଶ୍ଚ ଅଧିକାଂଶ ବଡ଼ କମ୍ପାନୀ, ବ୍ୟବସାୟୀ ଓ ଉଦ୍ୟୋଗୀ ନିଜ ବ୍ୟବସାୟ ପ୍ରତିଷ୍ଠା ଓ ସମ୍ପ୍ରସାରଣ ସାଙ୍ଗକୁ ଟିକସ ରିହାତି ଆଦି ସୁବିଧା ପାଇଁ ବିଭିନ୍ନ ରାଜନୈତିକ ନେତା, ପ୍ରଶାସକ ଓ ବିଭିନ୍ନ ଦଳୀୟ ପାଣ୍ଠିକୁ ବିଶେଷକରି କ୍ଷମତାରେ ଥିବା ଦଳକୁ ପ୍ରଚୁର ଅର୍ଥ ଦେଇଥାନ୍ତି। ଯେତିକି ଦିଅନ୍ତି, ତାହାର ୧୦୦୦ଗୁଣ ଫାଇଦା ଉଠାନ୍ତି। ସେମାନଙ୍କ ସ୍ୱାର୍ଥ ସାଧନ ପାଇଁ ଆଇନରେ ପରିବର୍ତ୍ତନ କରାଯିବା ସହ ଟିକସ ହ୍ରାସ କରାଯାଏ। ସେମାନେ ବହୁ କୋଟି ଟଙ୍କା ଟିକସ ଫାଙ୍କିଲେ ବା ବ୍ୟାଙ୍କ ଋଣ ନ ଶୁଝିଲେ ମଧ୍ୟ ଆଇନ ତାଙ୍କୁ ସ୍ପର୍ଶ କରିପାରେନାହିଁ। ବରଂ ସହଜରେ ବିଦେଶକୁ ପଳାନ୍ତି ଓ ଅୟସ କରନ୍ତି। ୨୦୨୩-୨୪ ସୁଦ୍ଧା ଅନାଦାୟ ଟିକସ ପରିମାଣ ୩୧.୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗତ ୧୦ ବର୍ଷରେ ବ୍ୟାଙ୍କଗୁଡ଼ିକର ଋଣ ରାଇଟ୍ ଅଫ୍ ପରିମାଣ ୧୬.୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହାର ମାତ୍ର ୧୬ ପ୍ରତିଶତ ଆଦାୟ ହୋଇଛି। ଯେଉଁମାନେ ଏତେ ମାତ୍ରାରେ ଟିକସ ଫାଙ୍କୁଛନ୍ତି ବା ବ୍ୟାଙ୍କ ଋଣ ଶୁଝୁନାହାନ୍ତି, ସେମାନଙ୍କୁ କାହିଁକି ଦଣ୍ଡିତ କରାଯାଉନାହିଁ? ପୁନଶ୍ଚ ବିଶ୍ୱରେ ଅନେକ ଟାକ୍ସ ହାଭେନ୍ସ ବା ଟିକସ ଭୂସ୍ୱର୍ଗ ରହିଛି, ଯେଉଁଠି ଟଙ୍କା ରଖିଲେ ଟିକସ ବହୁତ କମ୍ ପଡ଼େ ଏବଂ ନାମ ଲୁକ୍କାୟିତ ରୁହେ। ପାନାମା ପେପର୍ସ ଏବଂ 'ପାଣ୍ଡୋରା ପେପର୍ସରୁ' ମଧ୍ୟ ଜଣାପଡ଼ିଛି, ଭାରତୀୟମାନେ କିପରି କଳାଟଙ୍କା ଟିକସ ଭୂସ୍ୱର୍ଗରେ ରଖିଛନ୍ତି ଏବଂ ଟିକସ ଫାଙ୍କୁଛନ୍ତି। କର୍ପୋରେଟମାନେ ସେଠି ପଞ୍ଜୀକୃତ ହୋଇ ଟିକସ ମଧ୍ୟ ଫାଙ୍କୁଛନ୍ତି। କଳାଟଙ୍କା ଆମ ଦେଶରୁ ଯାଇ ବିଭିନ୍ନ ଟିକସ ଭୂସ୍ୱର୍ଗରେ ପଞ୍ଜୀକୃତ ହୋଇ ଆମ ଦେଶକୁ ଏଫ୍ ବା ଷ୍ଟକ୍ ମାର୍କେଟରେ ବିଦେଶୀ ଆନୁଷ୍ଠାନିକ ନିବେଶକ ଭାବେ ଆସୁଛନ୍ତି। ଏହାଦ୍ୱାରା କଳାଟଙ୍କା ଧଳା ହେଉଛି। ୨୦ ଜାନୁଆରୀ ୨୦୨୫ରେ ଅକ୍ସଫାମ୍‌ର ରିପୋର୍ଟ 'ଟେକର୍ସ ନଟ୍ ମେକର୍ସ' ରିପୋର୍ଟ ଅନୁସାରେ ଅଧିକାଂଶ କୋଟିପତି ସମ୍ପତ୍ତି ନିଜ ଦକ୍ଷତା, ପରିଶ୍ରମ ଓ ପ୍ରତିଭା ଯୋଗୁ ଅର୍ଜନ କରି ନ ଥାନ୍ତି, ୬୦% ଉତ୍ତରାଧିକାର, ସମ୍ପର୍କବାଦ ଏବଂ ଦୁର୍ନୀତି କିମ୍ବା ଏକାଧିକାର ଶକ୍ତିରୁ ଆସିଥାଏ। ଏଣୁ ଦୁର୍ନୀତି ବିଲୋପ ପାଇଁ ଉପର ସ୍ତରରୁ ପ୍ରକ୍ରିୟା ଆରମ୍ଭ ହେବା ଉଚିତ।

ମୋ:୯୪୩୭୨୦୮୭୬୨

# ଭେନେଜୁଏଲାର ଲୌହ ମାନବୀ

ବ୍ୟକ୍ତିତ୍ୱ



ମାରିଆ କୋରିନା ମାଚାଡୋ

'ଶାନ୍ତି କ୍ଷମତା କିମ୍ବା ପ୍ରଚାର ମାଧ୍ୟମରେ ନୁହେଁ, ବରଂ ତ୍ୟାଗ ଓ ନ୍ୟାୟ ପ୍ରତି ଦୃଢ଼ ପ୍ରତିବଦ୍ଧତା ଜରିଆରେ ଅର୍ଜନ କରାଯାଏ'। ନରୱେଜିଆନ୍ ନୋବେଲ କମିଟି ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇବେ ବୋଲି ଘୋଷଣା କରିବା ଅବସରରେ ଉପରଲିଖିତ ମନ୍ତବ୍ୟ ବାଢ଼ି ବିଶ୍ୱକୁ ଏକ ସ୍ପଷ୍ଟ ସନ୍ଦେଶ ଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱରେ ଦେଖାଦେଇଥିବା ଅନେକ ଯୁଦ୍ଧକୁ ରୋକିଥିବା ଦାବି କରି ଆସୁଥିବାରୁ ଚଳିତ ବର୍ଷ ନୋବେଲ ପୁରସ୍କାର ପାଇବାକୁ ହକ୍‌ଦାର ବୋଲି କହିଆସୁଥିଲେ। ୧୦ ଅକ୍ଟୋବରରେ ମାରିଆଙ୍କ ନାମ ଘୋଷଣା ପରେ ଭେନେଜୁଏଲାର ଏକଛତ୍ରବାଦୀ ଶାସକଙ୍କ ବିରୋଧରେ ଲଢ଼େଇ କରୁଥିବା ଏହି ଲୌହ ମାନବୀ ୩୩୮ ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରେ ଏକମାତ୍ର ତାରକା ହେବାର ଗୌରବ ଅର୍ଜନ କରିଛନ୍ତି। ଆଲୋଚନାର ବିଷୟ ଏହା ପାଲଟିଛି ଯେ, ମାରିଆଙ୍କ ନାମ ନୋବେଲ ଶାନ୍ତି ପୁରସ୍କାର ପାଇଁ ଘୋଷଣା ହେବା ପରେ ସେ ଟ୍ରମ୍ପ୍, ଆମେରିକୀୟ ଜନସାଧାରଣ, ଲାଟିନ୍ ଆମେରିକୀୟ, ଗଣତନ୍ତ୍ର ପାଇଁ ଉଦ୍ୟମ କରୁଥିବା ରାଷ୍ଟ୍ରଗୁଡ଼ିକୁ ଧନ୍ୟବାଦ ଜଣାଇଛନ୍ତି। ଯନ୍ତ୍ରଣା ଭୋଗୁଥିବା ଭେନେଜୁଏଲାବାସୀଙ୍କ ସହ ଟ୍ରମ୍ପ୍ ତାଙ୍କୁ ସମର୍ଥନ ଦେଇଥିବାରୁ ମାରିଆ ଏହି ପୁରସ୍କାରକୁ ସେମାନଙ୍କ ସକାଶେ ଉତ୍ସର୍ଗ କରିଛନ୍ତି। ଏଠି ମଧ୍ୟ ମାରିଆଙ୍କ ମହାନତାର ପରିଚୟ ମିଳିଛି।

ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ତଥା ଗଣତାନ୍ତ୍ରିକ ଦଳ 'ଭେଣ୍ଟ ଭେନେଜୁଏଲା'ର ପ୍ରତିଷ୍ଠାତା ମାରିଆ ୧୯୬୭ ମସିହାରେ କାରାକାସରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାତା ଜଣେ ମନୋବିଜ୍ଞାନୀ ଥିବା ବେଳେ ପିତା ଇସ୍ପାତ ବ୍ୟବସାୟୀ। ସେ ଇଞ୍ଜିନିୟରିଂ ଓ ଅର୍ଥନୀତିରେ ସ୍ନାତକୋତ୍ତର କରିବା ପରେ କିଛି ସମୟ ପାରିବାରିକ ବ୍ୟବସାୟରେ ନିଜକୁ ନିୟୋଜିତ କରିଥିଲେ। କିନ୍ତୁ ସାମାଜିକ ନେତୃତ୍ୱ ନେବା ପାଇଁ ତାଙ୍କ ମନ ଟାଣିବାରୁ ପ୍ରାରମ୍ଭିକ ଅବସ୍ଥାରେ ୧୯୯୨ରେ ସେ 'ଆଟେନିଆ ଫାଉଣ୍ଡେଶନ' ଗଢ଼ି ରାଜଧାନୀ କାରାକାସ୍‌ର ଦୁଃଖୀରଙ୍କୀଙ୍କୁ ସହାୟତା ଯୋଗାଇଥିଲେ। ପରେ ୨୦୦୨ରେ 'ସୁମାଟେ' ନାମକ ଭୋଟର ଅଧିକାର ସଙ୍ଗଠନ ପ୍ରତିଷ୍ଠା କରିଥିଲେ। ଏହାରି ମାଧ୍ୟମରେ ପରବର୍ତ୍ତୀ ସମୟରେ ସେ ରାଜନୀତି ଆଡ଼କୁ ଢଳିଥିଲେ ଓ ୨୦୧୧ରେ ରେକର୍ଡ ସଂଖ୍ୟକ ଭୋଟ ପାଇ ଭେନେଜୁଏଲାର ନ୍ୟାଶନାଲ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ। କିନ୍ତୁ ସରକାରଙ୍କ କାର୍ଯ୍ୟକୁ ଦୃଢ଼ ବିରୋଧ କରିବାରୁ ୨୦୧୪ରେ ତାଙ୍କୁ ବହିଷ୍କାର କରାଯାଇଥିଲା। ମାରିଆ ଭେଣ୍ଟ ଭେନେଜୁଏଲା ବିରୋଧୀ ଦଳର ମୁଖ୍ୟ ଅଛନ୍ତି। ୨୦୧୭ରେ ସେ ସୋୟ ଭେନେଜୁଏଲା ଆଲାଏନ୍ସ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୨୩ରେ ସେ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଘୋଷଣା କରିଥିଲେ। କିନ୍ତୁ ରାଷ୍ଟ୍ରପତି ନିକୋଲାସ ମଦୁରୋ ଷଡ଼ଯନ୍ତ୍ର କରି ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ତେଣୁ ମାରିଆ ବିରୋଧୀ ଦଳଗୁଡ଼ିକର ବିକଳ୍ପ ପ୍ରାର୍ଥୀ ଏଡ୍‌ମୁଣ୍ଡୋ ଗୋଞ୍ଜାଲେଜ୍ ଉରୁଟିଆଙ୍କୁ ସମର୍ଥନ ଘୋଷଣା କରିଥିଲେ। ହେଲେ ଏକଛତ୍ରବାଦୀ ଶାସକଙ୍କ ଆଗରେ ଗଣତନ୍ତ୍ରର ଅର୍ଥ କିଛି ନ ଥାଏ। ଭୋଟରେ ବ୍ୟାପକ କାରସାଦି କରିବାରୁ ମଦୁରୋ ପୁଣି ରାଷ୍ଟ୍ରପତି ହୋଇଥିଲେ। ସୂଚନା ଦିଆଯାଇପାରେ ଯେ, ୧୯୯୦ ଦଶକ ଯାଏ ଭେନେଜୁଏଲା ଲାଟିନ୍ ଆମେରିକାରରେ ସର୍ବାଧିକ ସମୟ ପାଇଁ ଅନ୍ୟତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପରିଚିତ ଥିଲା। କିନ୍ତୁ ଏବେ ସେହି ଭୂଖଣ୍ଡରେ ଭେନେଜୁଏଲା ଏକଛତ୍ରବାଦୀ ଶାସକଙ୍କ କବଳକୁ ଚାଲିଯାଇଛି। ହୁଗୋ ଚାଭେଜ ଗଣତନ୍ତ୍ରକୁ ମୋଡ଼ିମକଚି ଏକଛତ୍ରବାଦର ଧ୍ୱଜା ଉଡ଼ାଇଲା ପରେ ତାଙ୍କ ପଥ ଅନୁସରଣ କରିଚାଲିଛନ୍ତି ନିକୋଲାସ ମଦୁରୋ। ଏଭଳି ପରିପ୍ରେକ୍ଷୀରେ ଦେଶରେ ଗଣତନ୍ତ୍ରକୁ ପୁନଃ ପ୍ରତିଷ୍ଠା କରିବା ଲାଗି ମାରିଆ ପୂର୍ଣ୍ଣପ୍ରାଣରେ ଲାଗି ପଡ଼ିଛନ୍ତି।

ମାରିଆଙ୍କ ବ୍ୟକ୍ତିତ୍ୱକୁ ଦେଖିଲେ ସେ ଜଣେ ଦୃଢ଼ମନା, ନୀତିବାନ୍ ଓ ନ୍ୟାୟ ପାଇଁ ଲଢୁଥିବା ମହୀୟସୀ ମହିଳା ପାଲଟିଯାଇଛନ୍ତି। ଏକଛତ୍ରବାଦ ବିରୋଧରେ ସେ ଯେଉଁଭଳି ଭାବେ ଲଢ଼ିଚାଲିଛନ୍ତି, ତାଙ୍କୁ ସମର୍ଥକମାନେ ଦେଶର 'ଆଇରନ୍ ଲେଡି' ଭାବେ ଆଖ୍ୟା ଦେଇଛନ୍ତି। ଏପରି କି ତାଙ୍କୁ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ ଥାଚରଙ୍କ ସହ ତୁଳନା କରାଯାଉଛି। ଯୁକ୍ତରାଷ୍ଟ୍ର ଆମେରିକାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ତାଙ୍କୁ 'ଟାଇମ୍ସ ୨୦୨୫'ର ସବୁଠାରୁ ପ୍ରଭାବଶାଳୀ ୧୦୦ ତାଲିକାରେ 'ଦୃଢ଼ତା, ଅଦମ୍ୟ ସାହସୀ ଓ ଦେଶପ୍ରେମର ପ୍ରତୀକ' ଭାବେ ଅଭିହିତ କରିଛନ୍ତି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଭଳି ବ୍ୟକ୍ତି ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ମାରିଆ କରୁଥିବା ଉଦ୍ୟମକୁ ଉଚ୍ଚପ୍ରଶଂସା କରିଛନ୍ତି। ମାରିଆଙ୍କୁ ଦେଖିଲେ ମ୍ୟାନ୍‌ମାରର ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାନ୍ ସୁ ଚୀଙ୍କ ବ୍ୟକ୍ତିତ୍ୱ ଆଖିଆଗକୁ ଆସିଥାଏ। ସୁ ଚୀ ମଧ୍ୟ ତାଙ୍କ ଦେଶରେ ଗଣତନ୍ତ୍ରକୁ ଏକପ୍ରକାର ସଫଳ କରିଆଣିଥିଲେ। ହେଲେ ଏକଛତ୍ରବାଦୀମାନେ ପୁନଶ୍ଚ ଲେଉଟି ପଡ଼ିଲେ। ତେବେ ସୁ ଚୀଙ୍କ ସଂଘର୍ଷ ତାଙ୍କୁ ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ଦେଇଥିଲା। ଭେନେଜୁଏଲା ତୈଳ ଭଣ୍ଡାରରେ ଭରପୂର ଏକ ଦେଶ, ଯାହାର ସୁଦୃଢ଼ ଅର୍ଥନୀତିକୁ ଏକଛତ୍ରବାଦୀ ଓ ତାଙ୍କ ସମର୍ଥକମାନେ କୋରି ଖାଇଚାଲିଛନ୍ତି। ମାରିଆଙ୍କ ଆଶା ରହିଛି ଦେଶକୁ ଗଣତନ୍ତ୍ର ଫେରିଆସିଲେ ସେଠାକାର ଜନସାଧାରଣ ତାହାର ସୁଫଳ ପାଇପାରିବେ। ଯେତେବେଳ ଯାଏ ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ନ ହୋଇଛି ସେବେ ଯାଏ ତାଙ୍କ ସଂଗ୍ରାମ ଜାରି ରହିବ ବୋଲି ମାରିଆ କହିଛନ୍ତି।

ବ୍ୟକ୍ତିଗତ ଜୀବନ ଦେଖିଲେ ମାରିଆ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇଛନ୍ତି। ତାଙ୍କର ତିନିସନ୍ତାନ। ନିଜ ଦେଶରେ ଜୀବନ ପ୍ରତି ବିପଦ ଥିବାରୁ ପିଲାମାନେ ବିଦେଶରେ ଅଛନ୍ତି। ମାରିଆ ମାଚାଡୋ ଜଣେ କ୍ୟାଥୋଲିକ୍।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

କାଶ୍ମୀରରେ ପୁରୁଣା ଚିନାର ଗଛଗୁଡ଼ିକର ସୁରକ୍ଷା ପାଇଁ ଏକ ଅଭିନବ ଉପାୟ ଆପଣାଇ ସେଠାକାର ବନ ବିଭାଗ ଗଛଗୁଡ଼ିକରେ କ୍ୟୁଆର୍ ଆଧାର ଟ୍ୟାଗ ଲଗାଇଛି। ବସନ୍ତଋତୁରେ ଏହି ଗଛର ସୌନ୍ଦର୍ଯ୍ୟ ଆକର୍ଷଣୀୟ। ଏହା ଭଲ ଛାଇ ଦେଇଥାଏ ଏବଂ ଏକ ପୂର୍ଣ୍ଣାଙ୍ଗ ଉଚ୍ଚତା ବିଶିଷ୍ଟ ଗଛ ଅର୍ଥାତ୍ ୩୦ମିଟର ଉଚ୍ଚ ଓ ୧୦ରୁ ୧୫ ମିଟର ଗୋଲେଇର ଗଣ୍ଡି ହେବା ଲାଗି ୧୫୦ ବର୍ଷ ଲାଗିଯାଏ। ଏହି ଗଛକୁ ସ୍ଥାନୀୟ ଅଞ୍ଚଳରେ ବୋଉନି ବୋଲି କୁହାଯାଏ, ଯାହା ସଂସ୍କୃତ ଶବ୍ଦ ଭୱାନି(ଦେବୀ)ରୁ ଆସିଛି। ଉଲ୍ଲେଖନୀୟ ଯେ, କଶ୍ମୀରୀରେ ମୋଗଲ ଓ ଡୋଗ୍ରା ରାଜତ୍ୱ ସମୟରେ ଏହି ସବୁ ଗଛ ଲଗାଯାଇଥିଲା। କୁହାଯାଏ, ଆକବର ମଧ୍ୟ ୧୨୦୦ ଚିନାର ଗଛ ଲଗାଇଥିଲେ। ହେଲେ ଏହାକୁ କାଟିବା ଯୋଗୁ ଗଛ ସଂଖ୍ୟା ଆଶାତୀତ ଭାବେ କମିଯାଇଛି। ୧୯୭୦ ମସିହା ସୁଦ୍ଧା ମୋଟ ଗଛ ସଂଖ୍ୟା ୪୨,୦୦୦ ଥିବାବେଳେ ଏବେ ତାହା ୧୭,୦୦୦ରୁ ୩୪,୦୦୦ ମଧ୍ୟରେ ରହିଛି। ତେବେ ବନ ବିଭାଗ ପାଖାପାଖି ୧୦,୦୦୦ ଗଛରେ କ୍ୟୁଆର୍ ଆଧାର ଲଗାଯିବା ପରେ ଗଛଗୁଡ଼ିକର ରକ୍ଷଣାବେକ୍ଷଣ ସହଜ ହୋଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଅକ୍ଟୋବର ୧୯୭୬

- ଲେବାନନରେ ଚାଲିଥିବା ଗୃହଯୁଦ୍ଧର ଅବସାନ ନିମିତ୍ତ ସିରିୟା, ଲେବାନନ ଓ ପାଲେଷ୍ଟାଇନ ପ୍ରତିନିଧିମାନେ ଏକ ନୂତନ ଉଦ୍ୟମର ପ୍ରଚେଷ୍ଟା ଆରମ୍ଭ କରିଛନ୍ତି।
- ଭାରତ ଓ ମୋଜାମ୍ବିକ ମଧ୍ୟରେ ଏକ ଅର୍ଥନୈତିକ, ବୈଷୟିକ ସହଯୋଗ ଚୁକ୍ତି ସ୍ୱାକ୍ଷରିତ।
- ବିହାରର ଜନୈକ ଏମ୍.ଏଲ୍.ଏ. ଶ୍ରୀ ଭୋଲା ସିଂହ କମ୍ୟୁନିଷ୍ଟ ଦଳ ତ୍ୟାଗ କରି କଂଗ୍ରେସରେ ଯୋଗଦେଇଛନ୍ତି।

## ଚିରନ୍ତନୀ

ଷଡ଼ ଦର୍ଶନ ସକଳ ଗ୍ରନ୍ଥ
ସବୁ ଧରମର ପରମ ଅର୍ଥ
ଅତୀତର ପ୍ରିୟ କେଉଁ ଶାରଦୀୟ
ଗୋଧୂଳି ଅରୁଣ ପରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | 7 | | | |
| | 6 | | 9 | | | 7 | 3 | |
| | | | | | 5 | | | 4 |
| | | | 5 | | | | 8 | |
| | | 2 | | 4 | 1 | | | 3 |
| | | 8 | | | | | 7 | |
| | 5 | | 3 | | | | | 8 |
| | 4 | | | 6 | | | | |
| | 3 | 9 | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 3 | 4 | 8 | 6 | 1 | 9 | 2 |
| 9 | 4 | 8 | 3 | 1 | 2 | 5 | 6 | 7 |
| 1 | 6 | 2 | 9 | 7 | 5 | 4 | 8 | 3 |
| 5 | 3 | 1 | 6 | 4 | 9 | 2 | 7 | 8 |
| 4 | 7 | 9 | 8 | 2 | 3 | 6 | 5 | 1 |
| 8 | 2 | 6 | 7 | 5 | 1 | 3 | 4 | 9 |
| 6 | 8 | 5 | 2 | 3 | 7 | 9 | 1 | 4 |
| 2 | 1 | 4 | 5 | 9 | 8 | 7 | 3 | 6 |
| 3 | 9 | 7 | 1 | 6 | 4 | 8 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେବଳ ଦୁର୍ଗାପୂଜା କାହିଁକି

ମହାଶୟ,

ଓଡ଼ିଶା ସରକାର ରାଜ୍ୟର ବିଭିନ୍ନ ଦୁର୍ଗା ମେଢ଼କୁ ଆର୍ଥିକ ଅନୁଦାନ ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ଓଡ଼ିଶାର ସର୍ବମୋଟ ଏକ ହଜାର ପଞ୍ଚାଅଶୀ ଗୋଟି ଦୁର୍ଗା ମେଢ଼କୁ କ, ଖ, ଓ ଗ ଶ୍ରେଣୀରେ ବିଭକ୍ତ କରି ଯଥାକ୍ରମେ ୧ ଲକ୍ଷ ୧ ହଜାର, ୭୫ହଜାର ଏବଂ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ଆମର କହିବାର କଥା କେବଳ ଦୁର୍ଗାମେଢ଼ କାହିଁକି? ଓଡ଼ିଶାର ଜଟଣୀ ଗଣେଶ ପୂଜା, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ତଥା ଭଦ୍ରକ କାଳୀ ପୂଜା ଭାରତ ପ୍ରସିଦ୍ଧ। ଏହି ସବୁ ପୂଜା ଅନୁଷ୍ଠାନରୁ ଅନେକ ହୁଏତ ୧୦୦ ବର୍ଷ ପୂରଣ କରିସାରିଥିବେ। ସରକାର ଦୁର୍ଗାପୂଜା ବା ଦୁର୍ଗାମେଢ଼କୁ ଯେତିକି ଗୁରୁତ୍ୱ ଦେଉଛନ୍ତି, ସେତିକି ଗୁରୁତ୍ୱ ଉପରୋକ୍ତ ପୂଜାଗୁଡ଼ିକୁ ଦିଅନ୍ତୁ। ଅନୁଷ୍ଠାନଗୁଡ଼ିକୁ ଶ୍ରେଣୀ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ।

**- ଅରୁଣ କୁମାର ନାୟକ, ଏରେଇଁ, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ ଆଜିଠାରୁ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲ୍ଲା ମହିମାଗାଦୀ ଯୋରନ୍ଦା ତାରିଣୀ ଛକଠାରେ ସପ୍ତାହବ୍ୟାପୀ ପ୍ରଥମ ବାର୍ଷିକ ଶ୍ରୀମଦ୍ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ ୧୨ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୧୨ ତାରିଖ ପୂର୍ବାହ୍ନରେ ଶୁଭାଧିବାସ, ଘଟ ସ୍ଥାପନ ହେବ। ହେବା ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ପ୍ରବଚକ ଓ ବକ୍ତା ଭାବେ ଆଚାର୍ଯ୍ୟ ଆଦିକନ୍ଦ ଷଡଙ୍ଗୀ, ବ୍ୟାସ ଶ୍ରୀକାନ୍ତଦାସ ମହାରାଜ, ବାବା ଶ୍ରୀଧର ଦାସ, ପଣ୍ଡିତ ବିକ୍ରମ ମହାରଣା, ଭଗବାନ ଦାସ ମହାରାଜ, ପଣ୍ଡିତ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେବେ ।

# ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ୍ ଶୁଭାରମ୍ଭ

ଢେଙ୍କାନାଳ,୧୧।୧୦(ରତନ ନାୟାର)



ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ଅଡିଟୋରିୟମ ହଲଠାରେ କୃଷି ଓ କୃଷକ ସଶକ୍ତୀକରଣ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ଶନିବାର ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ ଶୁଭାରମ୍ଭ କାର୍ଯ୍ୟକ୍ରମର ଏକ ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ପୌର ଅଧକ୍ଷା ଜୟନ୍ତୀ ପାତ୍ର, ପୌର ନିର୍ବାହୀ ଅଧିକାରୀ କାମାକ୍ଷ୍ୟା ସାମଲ କଲ୍ୟାଣ ରାଓ (ଆଇଏଏସ୍), ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ, ବରିଷ୍ଠ କୃଷି ବିଜ୍ଞାନୀ ବିମଳେନ୍ଦୁ ମହାନ୍ତି, କୃଷି ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୋତ ପଟ୍ଟନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ସୌରମ୍ୟ ପ୍ରଧାନ, ସମବାୟ ସମିତି ସମୂହର ଉପନିବନ୍ଧକ ଉମାଶଙ୍କର ଷାଷ, କୃଷି ଜିଲ୍ଲା ଅଧିକାରୀ, କାମାକ୍ଷାନଗର ପ୍ରଦୀପ ବେଉରା ପ୍ରମୁଖ ଉପସ୍ଥିତ ଥିଲେ । ଡାଲି ଜାତୀୟ ଫସଲ ଉତ୍ପାଦନ ବୃଦ୍ଧି ହେଲେ ଆମର ଖାଦ୍ୟ ପୋଷଣ ଅଧିକ ହୋଇପାରିବ । ତେଣୁ ଏଥିନିମନ୍ତେ ସଚେତନତା ବୃଦ୍ଧିର ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଧାନ ସହିତ ଡାଲି ଜାତୀୟ ଓ ମାଛଚାଷ କରି ଅଧିକ ଲାଭବାନ୍ ହେବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କୃଷି ଓ କୃଷକମାନଙ୍କର ପ୍ରକୃତ ଉନ୍ନତି ନିମନ୍ତେ ବିଶେଷ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ପ୍ରକାଶ କରିଥିଲେ। ଏହି ସମାରୋହରେ ଜିଲ୍ଲାର ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଭଉଣୀ ଭାଇ ଯୋଗ ଦେଇଥିଲେ । ଶେଷରେ ବରିଷ୍ଠ କୃଷି ବିଜ୍ଞାନୀ ବିମଳେନ୍ଦୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀସ୍ଥିତ ଜାତୀୟ କୃଷି ବିଜ୍ଞାନ କେନ୍ଦ୍ରରୁ ଆଭାସି ମାଧ୍ୟମରେ ଧନଧାନ୍ୟ କୃଷି ଯୋଜନା ଓ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ ଶୁଭାରମ୍ଭ କରିଥିଲେ। ୪୨ ହଜାର କୋଟି ଟଙ୍କାର ବିଭିନ୍ନ ପରିଯୋଜନାର ଉଦ୍ଘାଟନ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, କୃଷି କ୍ଷେତ୍ରରେ ଆମେ ଆତ୍ମନିର୍ଭରଶୀଳ ହୋଇପାରିଛେ। କୃଷିକ୍ଷେତ୍ରର ନିରନ୍ତର ବିକାଶ ଆମର ପ୍ରଧାନ ଲକ୍ଷ୍ୟ। ଦେଶର ୧୦୦ଟି ପଛୁଆ ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲା ଭାବେ ଗ୍ରହଣ କରାଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ମାଧ୍ୟମରେ ବିକାଶକୁ ତ୍ୱରାନ୍ୱିତ କରାଯାଉଛି। କୃଷି ଓ କୃଷକମାନଙ୍କ ସଶକ୍ତୀକରଣ ଦ୍ୱାରା ଦେଶର ଭାଗ୍ୟ ପରିବର୍ତ୍ତନ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ।

# ରାସ୍ତା ଉପରେ ହବିଷିଆଳିଙ୍କ ବାଲୁଙ୍କା ଓଷା

**ଠିକା ସଂସ୍ଥା ରାସ୍ତା ନିର୍ମାଣ କରୁ ନ ଥିବା ଅଭିଯୋଗ**



ମହିଳାମାନେ ରାସ୍ତା ଅବରୋଧ କରି ରାସ୍ତାରେ ବାଲୁଙ୍କା ପୂଜା କରୁଛନ୍ତି।

ଭୁବନ, ୧୧।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲ୍ଲା ଭୁବନରୁ ଜିଲ୍ଲା ସଦର ମହକୁମାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ପୁରୁଷୋତ୍ତମପୁର ଗ୍ରାମଠାରେ ଶନିବାର ୩ ଘଣ୍ଟା ଧରି ଅବରୋଧ କରିବା ସହିତ ହବିଷିଆଳିମାନେ ରାସ୍ତା ଉପରେ ବାଲୁଙ୍କା ଓଷା କରିଛନ୍ତି। ନଦୀ ରାସ୍ତାକୁ ଠିକା ସଂସ୍ଥା ମରାମତି କରୁ ନ ଥିବା ଅଭିଯୋଗ କରି ମହିଳାମାନେ ଶନିବାର ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ମେଘା କମ୍ପାନୀ ପକ୍ଷରୁ ଗ୍ରାମରେ ଏକ ଜଳବିଶୋଧନ କେନ୍ଦ୍ର ନିର୍ମାଣ କରାଯାଉଛି। ତେବେ ନିର୍ମାଣ ସ୍ଥାନ ଦେଇ ହବିଷିଆଳିମାନେ ବ୍ରାହ୍ମଣୀ ନଦୀକୁ ସ୍ନାନ କରିବାକୁ ଯିବା ସହିତ ମନ୍ଦିରକୁ ପୂଜା କରିବାକୁ ଯାଉଥାନ୍ତି। ଠିକାସଂସ୍ଥା ସେହି ରାସ୍ତାକୁ ଖୋଳି ନଷ୍ଟ କରିଦେଇଥିବାରୁ ଗ୍ରାମବାସୀଙ୍କ ଯାତାୟତ ବନ୍ଦ ହୋଇଯାଇଛି। ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଠିକା ସଂସ୍ଥା ରାସ୍ତା ନିର୍ମାଣ ନ କରି ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ରାସ୍ତାରେ କମ୍ପାନୀର ବଡ଼ବଡ଼ ଗାଡ଼ି ଯାତାୟତ କରି ଆଣ୍ଠୁଏ ଆଣ୍ଠୁଏ ଖାଲ କରିଦେବା ସହିତ ରାସ୍ତାକୁ ବିପଦସଙ୍କୁଳ କରିଦେଇଛି। ଫଳରେ ହବିଷିଆଳୀମାନେ ରାଇ ଦାମୋଦର ଓଷା ପାଇଁ ମନ୍ଦିରକୁ ଯିବାରେ ଅସୁବିଧା ସୃଷ୍ଟି ହେଉଛି। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ମନ୍ଦିରରେ ଓଷା ନ କରି ପୂର୍ତ୍ତ ବିଭାଗ ରାସ୍ତା ଉପରେ ବାଲୁଙ୍କା ଓଷା କରିଥିଲେ। ମହିଳାମାନେ ଉତ୍ତେଜିତ ହୋଇ କମ୍ପାନୀର ମୁଖ୍ୟ ଫାଟକରେ ତାଲା ପକାଇଦେଇଥିଲେ। ଖବର ପାଇ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

## ବାଇକ୍-ବୁଲେଟ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ପରଜଙ୍ଗ, ୧୧।୧୦
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ ନଂ ଜାତୀୟ ରାଜପଥର ବିଶାନାଳି ଛକ ନିକଟରେ ବାଇକ୍ ଓ ବୁଲେଟ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଚାଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମହାବିରୋଡ଼ ଥାନା ଦଶିପରୁ ଗ୍ରାମର ଜୟଦେବ ମୁଣ୍ଡା (୩୫) ଓ ବୁଲେଟ୍ ଚାଳକ ଖମାର ଗ୍ରାମର କୃଷ୍ଣଚନ୍ଦ୍ର କିଶନ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଦୁହିଁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ହାତୀ ଆକ୍ରମଣରେ ଜଣେ ମୃତ

ସାତମାଇଲ, ୧୧।୧୦
(ସୁଶାନ୍ତ ପତି)

ବାଲିମିଥାନା ଗାଲପଡ଼ା ପଞ୍ଚାୟତ ଭାନୁପଡ଼ା ନିକଟରେ ଜଣେ ବୋରୱେଲ ଖନନ କମ୍ପାନୀର କର୍ମଚାରୀ ଶୌଚ ପାଇଁ ଏକ ପଡ଼ିଆ ନିକଟକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ନାଲଗୋଣ୍ଡା ଜିଲ୍ଲା ଚିଉଗମା ଥାନା ଅଞ୍ଚଳର ରୁଦ୍ରରାପୁ ଇସ୍ତଲଙ୍କ ପୁଅ ରୁଦ୍ରରାପୁ ସାଇଡୁଲୁ (୪୬)। ହାତିଟି ତାଙ୍କୁ କଚାଡ଼ି ଦେବା ପରେ ମୁଣ୍ଡକୁ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବାଲିମି ପୋଲିସ ଓ ହିନ୍ଦୋଳ ବନାଞ୍ଚଳ ଅଧିକାରୀ ତାଙ୍କୁ ଉଦ୍ଧାର କରି ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଇଶୋ ପକ୍ଷରୁ ଶିଶୁକନ୍ୟା ଦିବସ




ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଇନ୍ଦିରା ସମାଜ ମଙ୍ଗଳ ଅନୁଷ୍ଠାନ (ଇଶୋ) ପକ୍ଷରୁ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ଶନିବାର ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ, କଲେଜର ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ସମାଜସେବୀ ଶୈଳବାଳା ମିଶ୍ର, ଅଧ୍ୟାପିକା ସୁନନ୍ଦା ସ୍ୱାଇଁ, ଆଲୁମିନି ଆସୋସିଏଶନର ସଦସ୍ୟ ବରିଷ୍ଠ ଶିକ୍ଷାବିତ ଡ. ଦେବୀ ପ୍ରସାଦ ମିଶ୍ର, ସିଦ୍ଧାର୍ଥ ଯୋଶୀ ଏବଂ ଆଇଆଇଏମ୍‌ସି ଛାତ୍ର ପ୍ରମୁଖ ଯୋଗଦେଇ ଶିଶୁ କନ୍ୟା ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ସମାଜର ମୁଖ୍ୟ ହେଉଛନ୍ତି ନାରୀ। ଝିଅ ନ ଥିଲେ ସୃଷ୍ଟି ରହିବ ନାହିଁ। ଢେଙ୍କାନାଳରେ ପୁଅ ଅପେକ୍ଷା ଝିଅ ସଂଖ୍ୟା କମ୍ ରହୁଛି । ତେଣୁ ଭ୍ରୂଣ ହତ୍ୟାକୁ ରୋକିବାକୁ ସମସ୍ତେ ତତ୍ପରତାର ସହିତ କାମ କରିବା ଉଚିତ୍ ବୋଲି ଅତିଥିମାନେ ମତ ରଖିଥିଲେ । ଆଇଆଇଏମ୍‌ସି ଛାତ୍ରୀଛାତ୍ର ପ୍ରୋଜେକ୍ଟର ମାଧ୍ୟମରେ କନ୍ୟାମାନଙ୍କ ସୁରକ୍ଷା ପାଇଁ ସଚେତନତାର ବାର୍ତ୍ତା ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଇଶୋ ସମ୍ପାଦିକା ପୁଷ୍ପାଞ୍ଜଳି ଜେନାଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ତାଳବରକୋଟ ଗ୍ରାମରେ ଶୁକ୍ରବାର ରାତିରେ ଧୀରେନ୍ଦ୍ର ସାମଲ ନାମକ ଜଣେ ଯୁବକଙ୍କୁ କିଛି ବ୍ୟକ୍ତି ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଫଳରେ ସେ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ ହୋଇଥିବା ଜଣାପଡିଛି। ଧୀରେନ୍ଦ୍ରଙ୍କ ସହିତ ଗ୍ରାମର କିଛି ବ୍ୟକ୍ତିଙ୍କର କୌଣସି କାରଣରୁ ଶତ୍ରୁତା ରହିଥିଲା। ଶୁକ୍ରବାର ରାତିରେ ଧୀରେନ୍ଦ୍ର ଚାଲିଚାଲି ଯାଉଥିବା ବେଳେ ୪ଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଗୋବିନ୍ଦପୁର ଫାଣ୍ଡି ପୋଲିସ ଘଟଣାର ତଦନ୍ତ କରୁଛି ।

## ଷଣ୍ଢ, ଜଣେ ବ୍ୟକ୍ତିଙ୍କୁ ବାଘ ମାରିଥିବା ଚର୍ଚ୍ଚା

ଢେଙ୍କାନାଳ/କାମାକ୍ଷନଗର,
୧୧।୧୦(ରତନ ନାୟାର/ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ଓ ମହାବିରୋଡ ରେଞ୍ଜ ଅନନ୍ତପୁର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଏକ ମହାବଳ ବାଘର ଉପଦ୍ରବ ଚର୍ଚ୍ଚାର ବିଷୟ ହୋଇଛି। ବାଘଟି ଏକ ଷଣ୍ଢ ଓ ଜଣେ ବ୍ୟକ୍ତିଙ୍କୁ ମାରିଦେଇଥିବା ଆଲୋଚନା ହେଉଛି। ଫଳରେ ଅନନ୍ତପୁର ସଂରକ୍ଷିତ ଜଙ୍ଗଲର ଆଖପାଖ ଗ୍ରାମରେ ଆତଙ୍କ ଖେଳିଯାଇଛି। ବନ ବିଭାଗ ପକ୍ଷରୁ ବାଘକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ବାଘ ବୁଲୁଥିବା ଦୃଶ୍ୟ ସହିତ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ଟ୍ରାପ୍ କ୍ୟାମେରାକୁ ମଧ୍ୟ ବନ ବିଭାଗ ଅଧିକାରୀମାନେ ପ୍ରତିଦିନ ଯାଞ୍ଚ କରୁଛନ୍ତି। ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ବାଘ ବୁଲୁଥିବା ସମ୍ପର୍କରେ ଅଯଥାରେ କିଛିଲୋକ ସୋସିଆଲ ମିଡିଆରେ ଗୁଜବ ସୃଷ୍ଟି କରୁଛନ୍ତି। ବାଘକୁ ଠାବ କରିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ଉଦ୍ୟମ ଜାରିରହିଛି। ଯେହେତୁ ବାଘ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହେ ନାହିଁ, ତେଣୁ ଖୋଜିବା କଷ୍ଟକର ହେଉଛି । ବନ ବିଭାଗ ନଜରରେ ଆସିଲେ ତୁରନ୍ତ ସମସ୍ତଙ୍କୁ ଜଣାଇ ଦିଆଯିବ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି।

## ଓପିଏସ୍ କଲେଜରେ ଶିଶୁକନ୍ୟା ଦିବସ ପାଳିତ

ଓଡ଼ାପଡ଼ା, ୧୧।୧୦ (ରଞ୍ଜିତ ନାୟକ)

ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି (ଓପିଏସ୍) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଡ.ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଶିଶୁମଙ୍ଗଳ ଅଧିକାରୀ ପୁଷ୍ପକ ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରୀମାନେ ସାବାଳିକା ହେବା ପରେ ବିବାହ କରିବା ଉଚିତ ବୋଲି କହିଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ବାଲ୍ୟବିବାହ ନିରୋଧ ଆଇନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ଲାଭ କରି ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ରବିନାରାୟଣ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱ ଯୁବକେନ୍ଦ୍ରର କାର୍ଯ୍ୟ ସଞ୍ଚାଳିକା ମନସ୍ୱିତା ନାୟକ, ସଂଯୋଜିକା ମାନୀ ସ୍ୱାଇଁ, ପ୍ରକଳ୍ପ ସହାୟିକା କୁମୁଦିନୀ ସ୍ୱାଇଁ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ଶିଶିର କୁମାର ବେହେରା ଓ ଦୀପକ ରଞ୍ଜନ ପଟ୍ଟନାୟକ ସହାୟତା କରିଥିଲେ।

## ରାଜପଥ ମରାମତି ଦାବିରେ ଆନ୍ଦୋଳନ

ତାଳଚେର,୧୧।୧୦ (ମନୋଜ ନନ୍ଦ)

ତାଳଚେର ଦେଇ ଯାଇଥିବା ଜାତୀୟ ରାଜପଥର ଗୋଡ଼ିବନ୍ଧ ଠାରୁ ବଅଁରପାଳ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣର କଛପ ଗତିର ବିରୋଧ ସହିତ ଖାଲଖମା ମରାମତି, ଗୋଡ଼ିବନ୍ଧ ଠାରୁ ଏନ୍‌ଟିପିସି ପର୍ଯ୍ୟନ୍ତ ରାସ୍ତାକୁ ତୁରନ୍ତ ନିର୍ମାଣ ଆଦି ଦାବି ନେଇ ତାଳଚେର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗତ୪ ତାରିଖ ଠାରୁ ଆରମ୍ଭ ହେଇଥିବା ଅର୍ଥନୈତିକ ଅବରୋଧ ଆନ୍ଦୋଳନ ଶନିବାର ଅଷ୍ଟମ ଦିନରେ ପହଞ୍ଚିଛି। ଏହି ଅବସରରେ କଣିହାଁ ବ୍ଲକ ଅନ୍ତର୍ଗତ ନୂଆବଲଣ୍ଡା ଓ ତାଳଚେର ସହର ନିକଟସ୍ଥ କୋଲ କରିଡର ରାସ୍ତାପାର୍ଶ୍ୱରେ ଯାଇଥିବା ଏନ୍‌ଟିପିସି ରେଳ ଧାରଣାରେ ସକାଳ ୮ଟା ୩୦ରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଆନ୍ଦୋଳନ କରାଯାଇଥିଲା। ଫଳରେ କୋଇଲା ପରିବହନ ବନ୍ଦ ରହିଥିଲା। ଏହି ଆନ୍ଦୋଳନରେ ପୂର୍ବତନ ଏମ୍‌ପି ମହେଶ ସାହୁ ସାମିଲ ହୋଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ସାହୁ କଣିହାଁ ଠାରେ, ଟ୍ରକ୍ ମାଲିକ ସଂଘ ପୂର୍ବତନ ସଭାପତି ଟୁକୁନା ସ୍ୱାଇଁଙ୍କ ନେତୃତ୍ୱରେ ବାଙ୍କଧରାଠାରେ ଅନ୍ଦୋଳନ କରାଯାଇଥିଲା। ସରକାରୀ ଓକିଲ ଗିରିଜା ମିଶ୍ର, ତପନ ମହାରଣା, ଟ୍ରକ୍ ମାଲିକ ସଂଘ କୋଷାଧକ୍ଷ ଧନେଶ୍ୱର ମହାପାତ୍ର ଓ ନୁଆବଲଣ୍ଡାଠାରେ ମଞ୍ଚର ସଦସ୍ୟମାନେ ଆନ୍ଦୋଳନ କରିଥିଲେ।

## ବାଲ୍ୟବିବାହମୁକ୍ତ ଭାରତ ଅଭିଯାନ ଶୁଭାରମ୍ଭ

ବଇଣ୍ଡା,୧୧।୧୦(ପରିକ୍ଷିତ ସାହୁ)



ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ପାଳନ ଅବସରରେ ଅତିଥିମାନେ।

ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଗୋଳ ଜିଲ୍ଲାର କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲ୍ଲା ପରିଷଦ ସଭାପତି ବବିତା ପ୍ରଧାନ, ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ଖମାରି, ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ମହାବିଦ୍ୟାଳୟ ଅଧାପକ ଅସିତ କୁମାର ଜେନା ଓ ଅଧାପିକା ସୁମିତ୍ରା ସ୍ୱାଇଁ, ଶୁଭ୍ରାସିନୀ ପ୍ରଧାନ ଯୋଗ ଦେଇଥିଲେ। ୧୧ ଅକ୍ଟୋବର ୨୦୨୫ ରୁ ୨୬ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ୧୦୦ ଦିନିଆ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନକୁ ଜିଲ୍ଲା ପରିଷଦ ସଭାପତି ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଶୁକନ୍ୟାଙ୍କ ଗୁରୁତ୍ୱ, ଅଧିକାର, ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା ଓ ନିରାକରଣ ଉପରେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ଆଲୋକପାତ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନେଇ ବାଲ୍ୟ ବିବାହ ନିରାକରଣ ପାଇଁ ଏକ ଶପଥପାଠ କରାଯାଇଥିଲା। ମହାବିଦ୍ୟାଳୟର ୧୫୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ଅଭୟ ଚରଣ ସ୍ୱାଇଁ, ପୂଜା ସ୍ୱାଇଁ, ଗୋଲକ ବିହାରୀ ପରିଚାଳନା କରିଥିଲେ।

## ବଇଣ୍ଡାରେ ଲକ୍ଷ୍ମୀପୂଜା ଭସାଣି

ବଇଣ୍ଡା,୧୧।୧୦(ପରିକ୍ଷିତ ସାହୁ)



ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ଚାଲିଥିବା ଲକ୍ଷ୍ମୀପୂଜାର ଭସାଣି କାର୍ଯ୍ୟକ୍ରମ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଚନ୍ଦନନଗର, ଆନନ୍ଦମୁଣ୍ଡା, ବୈଷ୍ଣବସାହି ଅଞ୍ଚଳରେ ହୋଇଥିବା ଲକ୍ଷ୍ମୀପୂଜାର ଭସାଣି କରାଯାଇଛି। ମା'ଙ୍କୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯିବା ପରେ ଚନ୍ଦନ ପୋଖରୀରେ ବିସର୍ଜନ କରାଯାଇଥିଲା। ଶୋଭାଯାତ୍ରାରେ ବିଭିନ୍ନ ପ୍ରକାର ବାଦ୍ୟ ସାମିଲ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବଇଣ୍ଡା ଫାଣ୍ଡି ପୋଲିସ ମୁତୟନ ହୋଇଥିଲେ।

## ଅମାନିଆଙ୍କ ପାଇଁ ନୟାନ୍ତ ପୋଲିସ

**ଡାକ୍ତରଖାନା ପାର୍କିଂ ସ୍ଥାନରେ ଗାଡ଼ି ରଖୁଛନ୍ତି ପୂଜା ଦେଖଣାହାରୀ**

ଅନୁଗୋଳ,୧୧।୧୦(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହରରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଚତୁର୍ଥ ଦିନରେ ପହଞ୍ଚିଥିବା ବେଳେ ଅନୁକୂଳ ପାଗ ଯୋଗୁ ଶନିବାର ପ୍ରବଳ ଜନସମାଗମ ହୋଇଛି। ହେଲେ ପୂଜା ଦେଖିବାକୁ ଆସୁଥିବା ବହୁ ବାଇକ୍ ଆରୋହୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍କିଂ ସ୍ଥଳରେ ଗାଡ଼ି ରଖୁଥିବାରୁ ଏଥିପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ପୋଲିସକୁ ମଧ୍ୟ ନୟାନ୍ତ ହେବାକୁ ପଡ଼ିଛି। ସୂଚନା ମୁତାବକ, ସହର ମଧ୍ୟସ୍ଥଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରହିଥିବାରୁ ପୂଜା ଦେଖିବାକୁ ବାଇକ୍‌ରେ ଆସୁଥିବା ଲୋକେ ମେଡିକାଲ ଯିବା ବାହାନା ଦେଖାଇ ଡାକ୍ତରଖାନା ପରିସରକୁ ପଶିଯାଉଛନ୍ତି। ଏହାପରେ ସେମାନେ ମେଡିକାଲ ପାର୍କିଂସ୍ଥଳରେ ଗାଡ଼ି ରଖି ପୂଜା ଦେଖିବାକୁ ପଳାଇ ଯାଉଛନ୍ତି। ଏହା ଜଣାପଡ଼ିବା ପରେ ଟ୍ରମାକେୟାର ୟୁନିଟ୍ ସମ୍ମୁଖରେ ଚେକିଂ ପାଇଁ ଥିବା ପୋଲିସ ବହୁ ଅମାନିଆଙ୍କୁ ରୋକିବାକୁ ଉଦ୍ୟମ କରିଥିଲା। ହେଲେ କିଏ ବାସ୍ତବରେ ରୋଗୀ ଓ କିଏ ପୂଜା ବୁଲିବାକୁ ଆସିଛନ୍ତି, ତାହା ଜାଣିବା ପାଇଁ ପୋଲିସକୁ ବଡ଼ କଷ୍ଟ କରିବାକୁ ପଡ଼ିଥିଲା।

## ଷଣ୍ଢ ଲଢ଼େଇ, ପୂଜାରେ ଭୟର ବାତାବରଣ



ଅନୁଗୋଳ,୧୧।୧୦(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହରରେ ଲକ୍ଷ୍ମୀ ପୂଜା ଚାଲିଥିବା ବେଳେ ସନ୍ଧ୍ୟାରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ତେବେ ଡେଲି ମାର୍କେଟରେ ଶନିବାର ଷଣ୍ଢ ଲଢ଼େଇ ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଦୁଇଟି ଷଣ୍ଢ ପ୍ରାୟ ୨୦ ମିନିଟ ଧରି ଡେଲି ମାର୍କେଟ ପୂଜା ମଣ୍ଡପ ଆଗରେ ଲଢ଼େଇ କରିଥିଲେ। ସ୍ଥାନୀୟ ଲୋକେ ଏହାକୁ ଛଡ଼ାଇବାକୁ ପ୍ରାଣପଣେ ଚେଷ୍ଟା କରିଥିଲେ। ହେଲେ ଲଢ଼େଇ କରୁଥିବା ଷଣ୍ଢ ଆଖପାଖରେ ଥିବା ଦୋକାନଗୁଡ଼ିକରେ ପଶି ବ୍ୟାପକ ସାମଗ୍ରୀ ନଷ୍ଟ କରିଦେଇଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.37-SBP-TRD-OT-2025-26, ତା.07.10.2025ରିଖ

କାର୍ଯ୍ୟର ନାମ : "ଡୁଙ୍ଗୁରିପାଲି ଷ୍ଟେସନ ୟାର୍ଡ଼ ଠାରେ ଉଲଙ୍ଘନ (Infringement) ରୁ ରକ୍ଷା ପାଇବା ପାଇଁ ଫିଡିଙ୍ଗ୍ ପୋଷ୍ଟ ଏବଂ ଅନ୍ୟ ଟ୍ରାକ୍ସନ ଷ୍ଟ୍ରକ୍‌ଚରଗୁଡ଼ିକର ବ୍ୟବସ୍ଥା ଏବଂ ସ୍ଥାନାନ୍ତରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ"।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 95,46,042.48, EMD (ଟଙ୍କାରେ) : 1,90,900/-, ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.10.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)
PR-676/Q/25-26 ସମ୍ବଲପୁର

No.O-865

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.in
INVITATION FOR BIDS
**NATIONAL COMPETITIVE BIDDING**
**Bid Identification No. : RWDSE_MKG_II_ONLINE_07/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work : Road Repair works, 2. No. of Works : **31 Nos**, 3. Estimated Cost : **Rs.5.98 lakhs to Rs.39.88 Lakhs**,
4. Tender Paper Cost : Rs.4000/- & Rs.6000/-, 5. Class of Contractor :

| Estimated cost up to ₹ 20.00 lakhs | Estimated cost up to ₹ 40.00 lakhs | Estimated cost more than ₹ 20.00 lakhs & within ₹ 300.00 lakhs |
|---|---|---|
| 'D' | 'C' | 'B' |

6. Period of Completion : 02 (Two) Calendar months
7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking Tender Clarification | Date of Opening of Tender |
|---|---|---|---|---|---|
| | | From | To | | |
| **Superintending Engineer, Rural Works Division-II, Malkangiri** | **RWDSE_MKG_II_ONLINE_07 of 2025-26** | **13.10.2025 at 11.00 AM** | **24.10.2025 up to 05.30 PM** | **23.10.2025 up to 3.00 P.M.** | **27.10.2025 up to 11.00 A.M.** |

- Further details can be seen in the bidding documents, which is available in the e-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

**Sd./- Superintending Engineer**
**Rural Works Division-II, Malkangiri**
**OIPR-25079/11/0033/2526**

No.O-963

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**
E_Mail : eerw_kuchinda@yahoo.com
**"e" Procurement Notice for Roads Works**
**Identification No Online Tender / 04 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid from experienced & eligible bidders for 03 (Three) no. of Roads works in the District of Sambalpur for the year 2025-26.

1. Name of the work : Roads Works
2. Total Number of Works : 03 Nos.
3. estimated Cost : 57.81 Lakhs, 61.68 Lakhs & 66.15 Lakhs
4. Class of Contractor : "B" Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

**Summary of key dates are provided below :-**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 15.10.2025 at 11 A.M. | 23.10.2025 at 5.00 P.M. | 22.10.2025 at 5.00 A.M. | 24.10.2025 at 11.00 A.M. | To be Intimated Later |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

**Sd./- Superintending Engineer**
**Rural Works Division**
**Kuchinda**
OIPR-25151/11/0029/2526

No.O-951

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
**e-Procurement for Building works**
**Bid Identification No. : EERWJYP - Online - 06/2025-26**

**Letter No. : 4452** **Date : 04.10.2025**

01. Name of the work : Building works, 02. Total Number of works : 05 (Five) Nos., 03. Approximate Estimated cost : Rs.4.20 lakhs to Rs.65.96 lakhs (approximately), 04. Class of Contractor : "B", "C" & "D" Class, 05. Period of Completion : Within 1 or 9 Months, 06. Other Details

| Procurement officer | Bid Identification No. | Sl. No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| **Executive Engineer, R.W. Division, Jeypore** | **Online Tender - 06/ RWD-JYP/2025-26** | **05 Nos.** | **13.10.2025 at 10.00 A.M.** | **23.10.2025 upto 05.00 P.M.** | **22.10.2025 at 1.30 P.M.** | **24.10.2025 at 10.00 A.M.** |

**For details can be seen from the website www.tendersodisha.gov.in/nicgep/app**
**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**
***N.B. Any Addendum or Corrigendum will be available in the Website only.**

**Sd./- Executive Engineer**
**Rural Works Division, Jeypore**
**OIPR-25160/11/0024/2526**

No.O-942

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Road Work**
**Identification No.- Online Tender- Road N.C.B. No.392 for 2025-26.**
**Letter No.4588/Date. 26.09.2025//**

1. Name of the work : Post DLP Maintenance of PMGSY Road Works (PR-KNJ-25) in the District of Mayurbhanj for the year 2024-25. 2. Total No. of work : 01 No. (One). 3. Estimated Cost : **Rs.38.72 lakhs** (approximately). 4. Eligible Class of Contractor : As per annexure. 5. Period of Completion : As per annexure. 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.392 | Dt.13.10.2025 at 11.00 A.M. | Dt.23.10.2025 up to 5.00 P.M. | Dt.22.10.2025 up to 5.00 P.M. | Dt.24.10.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in.**
- **Any Corrigendum / Addendum will be displayed in the above e_tender website only.**

**Sd./- Chief Construction Engineer,**
**R.W. Circle, Baripada**
OIPR-25130/11/0058/2526

No.O-920

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BALLIGUDA**
Email : rw_balliguda@yahoo.com
**GEPNIC e-Procurement Notice**
**Bid Identification No. : EERWBLG - Online - 04/2025-26**

**No. : 3561 / Date : 25.09.2025**
01. Name of the work : Repair of Road Works, 02. Total No. of works : 3 Nos. (Percentage rate tender), 03. Estimated cost : As mentioned in Col.3 of Annexure, 04. Class of Contractor : As mentioned in Col.5 of Annexure, 05. Period of Completion : As mentioned in Col.4 of Annexure, 06. EMD : As mentioned in Col.6 of Annexure, 07. Paper Cost : As mentioned in Col.7 of Annexure, 08. Other Details

| Procurement officer | Bid Identification No. | Availability of tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Balliguda | EERWBLG - Online-04/2025-26 | 13.10.2025 at 10.00 A.M. | 27.10.2025 upto 5.00 P.M. | 28.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

**Sd./- Executive Engineer**
**Rural Works Division, Balliguda**
**OIPR-25150/11/0008/2526**


ପଦ୍ମବଜାର


ଭଗବାନପୁର


ରାମେଶ୍ୱରପୁର


କାରିଗର ସାହି

# ମଣ୍ଡପରେ ମହାପ୍ରଭୁଙ୍କ ସହିତ ମହାଲକ୍ଷ୍ମୀ

**ଜମୁଛି ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା**

ଢେଙ୍କାନାଳ,୧୧।୧୦(ରତନ ନାୟାର)

ମଣ୍ଡପରେ ମହାଲକ୍ଷ୍ମୀଙ୍କ ସହ ବିରାଜମାନ କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଚଳିତବର୍ଷ ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀ ପୂଜାରେ ପଦ୍ମବଜାର ପୂଜା ମଣ୍ଡପ ପକ୍ଷରୁ ବଡ଼ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ମହାଲକ୍ଷ୍ମୀ ମଣ୍ଡପରେ ବିଜେ କରିଥିବାର ଦୃଶ୍ୟ ଶ୍ରଦ୍ଧାଳୁଙ୍କୁ ବେଶ୍ ପସନ୍ଦ ଆସିଛି। ସେହିପରି ରାଧାକୃଷ୍ଣ ବଜାରରେ ଦୁଇ ପାର୍ଶ୍ୱରେ ଦୁଇ ହାତୀଙ୍କ ମଧ୍ୟରେ ମା' ଲକ୍ଷ୍ମୀ ପୂଜା ପାଉଛନ୍ତି। କାରିଗର ସାହିରେ ମଧ୍ୟ ଅନୁରୂପ ଭାବେ ଦୁଇ ହାତୀଙ୍କ ମଧ୍ୟରେ ପଦ୍ମ ସିଂହାସନରେ ମା' ପଦ୍ମାଳୟା ବିଜେ କରିଛନ୍ତି। ରାମେଶ୍ୱରପୁର ପୂଜା ପ୍ରତିଷ୍ଠାନରେ ବିଶାଳ ପେଚା ସହ ପଦ୍ମ ସିଂହାସନରେ ଦୁଇ ହାତୀଙ୍କ ମଧ୍ୟରେ ମା' ଲକ୍ଷ୍ମୀ ପୂଜା ପାଉଛନ୍ତି। ଭଗବାନପୁର ପୂଜା ମଣ୍ଡପରେ ଭଗବାନ ବିଷ୍ଣୁଙ୍କ ଦଶ ଅବତାର ମଧ୍ୟରେ ମଣ୍ଡପରେ ବିଜେ କରିଛନ୍ତି ମା' ମହାଲକ୍ଷ୍ମୀ। ପୂଜା ଶେଷ ହେବାକୁ ଆଉ ୩ ଦିନ ବାକି ଥିବାବେଳେ ଶନିବାର ଛୁଟି ଦିବସ ଥିବାରୁ ଅପରାହ୍ନ ୫ଟାରୁ ସହରରେ ଶ୍ରଦ୍ଧାଳଙ୍କ ପ୍ରବଳ ଭିଡ଼ ଲାଗିଥିଲା। ଅଭୂତପୂର୍ବ ଜନ ସମାଗମକୁ ନିୟନ୍ତ୍ରଣ କରିବା ପୋଲିସ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଥିଲା। କଲେଜ ବାଇପାସ୍ ଛକଠାରୁ ବସ୍‌ଷ୍ଟାଣ୍ଡ, ଦୁର୍ଗାବଜାର ଓ କୈବଲ୍ୟ ବଜାର ଦେଇ ବାଜିଚୌକ ପର୍ଯ୍ୟନ୍ତ ଭକ୍ତଙ୍କ ସୁଅ ଛୁଟିଥିଲା। ରାସ୍ତାର ଉଭୟ ପାର୍ଶ୍ୱ ପୂଜା ମଣ୍ଡପ ଓ ତୋରଣ ସାଜସଜ୍ଜାକୁ ଶ୍ରଦ୍ଧାଳୁମାନେ ବେଶ୍ ପ୍ରଶଂସା କରିଥିଲେ।


ରାଧାକୃଷ୍ଣ ବଜାର

# ଗଁଦିଆରେ ବରିଷ୍ଠ ନାଗରିକ ଦିବସ

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସଭାଗୃହରେ ବିଡିଓ ପବିତ୍ର କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୁଦ୍ଧଦେବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋରୁହଖୋଜ ଗ୍ରାମ ପଞ୍ଚାୟତର ସରପଞ୍ଚ ରତିକାନ୍ତ ସାହୁ ଉପସ୍ଥିତ ହୋଇ ସରକାରଙ୍କ ଜନ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି (ସିବିଆଇ) ଭିକାରୀ ଚରଣ ରାଉତ, ଶିକ୍ଷାବିତ୍ ଦଣ୍ଡଧର ସାହୁ, କପିଳ ବେହେରା, ଗଁଦିଆ ସ୍ମୃତି ସଂସଦ ସଭାପତି ହରିହର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ରାଘବ ଚନ୍ଦ୍ର ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ବ୍ରହ୍ମ ବରିଷ୍ଠ ନାଗରିକ ହିସାବରେ ଅଭିଭାଷଣ ରଖିଥିଲେ । ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏଥିରେ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ହୋଇ ଆଲୋଚନାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଭାରପ୍ରାପ୍ତ ଅଧିକାରୀ ଶତାବ୍ଦୀ ଶେଖର ସାମଲ ପରିଚାଳନାରେ ସହଯୋଗ କରିଥିଲେ।

# ଅନୁଷ୍ଠାନକୁ ୭୫ବର୍ଷ ଚଳାଇ ଆସିଥିବା ବ୍ୟକ୍ତି ନମସ୍ୟ



ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳର ପ୍ରମୁଖ ପୂଜା ଅନୁଷ୍ଠାନ କାଞ୍ଚନ ବଜାର ପୂଜା ପ୍ରତିଷ୍ଠାନର ୭୫ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ୯ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଉତ୍ସବର ଶନିବାର ୫ମ ସନ୍ଧ୍ୟା ଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ ଯେ, ଗୋଟିଏ ପରିବାର ହେଉ ବା ସାମାଜିକ ଅନୁଷ୍ଠାନ ହେଉ, ଏହାକୁ ଚଳାଇବା ବଡ଼ କଷ୍ଟକର। ଗୋଟିଏ ଧାର୍ମିକ ଅନୁଷ୍ଠାନକୁ ଅବିଚଳିତ ଭାବେ ୭୫ବର୍ଷ ପର୍ଯ୍ୟନ୍ତ ଯେଉଁମାନେ ଚଳାଇ ଆସୁଛନ୍ତି ସେମାନେ ସମସ୍ତଙ୍କର ନମସ୍ୟ। ଖୁସିର ବିଷୟ ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଗଣପର୍ବ ଭାବେ ପ୍ରତିଷ୍ଠିତ କରିପାରିଛି । ରାଜ୍ୟ ସରକାର ପ୍ରତ୍ୟକ ପୂଜା ଅନୁଷ୍ଠାନକୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ । ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ଯୋଗଦେଇଥିଲେ। ପ୍ରତିଷ୍ଠାନର ସଭାପତି ଗୋପାଳଚନ୍ଦ୍ର ପାତ୍ର ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସାଗିର ମହମ୍ମଦ ବିବରଣୀ ପାଠ କରିଥିଲେ । କବି ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବାରଦା ଲଛମନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ମଞ୍ଜରୀ ଦେବୀଙ୍କୁ ଶୁକ୍ରବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ବିଦାୟୀ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସଭାପତି ଚନ୍ଦ୍ରଶେଖର ବରାଳ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଅନ୍ତର୍ଯ୍ୟାମୀ ବେହେରା, ମୁଖ୍ୟବକ୍ତା ଭାବେ ରସାନନ୍ଦ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର କୁମାର ନନ୍ଦ ଏଥିରେ ସଭାପତିତ୍ୱ କରିଥିଲେ । ବିଦାୟୀ ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନ ଓ ଶିକ୍ଷାଦାନ, ଆଦର୍ଶ ଉପରେ ସ୍ମୃତିଚାରଣ କରାଯାଇଥିଲା । ଏହି ସଭାରେ ପୁରାତନ ସହଯୋଗୀ ହରିହର ସ୍ୱାଇଁ, କୈଳାସଚନ୍ଦ୍ର ସ୍ୱାଇଁ, ଚକ୍ରଧର ବରାଳ, ଉଦୟନାଥ ନାୟକ, ନଟବର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଜଗବନ୍ଧୁ ସ୍ୱାଇଁଙ୍କ ସମେତ ପୁରାତନ ଛାତ୍ରମାନେ ସହଯୋଗ କରିଥିଲେ ।

# ସମାଜସେବାରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ପାଳିତ**

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଅଧ୍ୟକ୍ଷତା କରି ସ୍ୱେଚ୍ଛାସେବୀମାନଙ୍କୁ ପ୍ରେରଣା ଦେବା ସହ ସମାଜସେବାରେ ସେମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ଅନୁପ କୁମାର ସେଠ ଦେଶ ନିର୍ମାଣରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଅଧ୍ୟାପିକା ଡ. ସୌମ୍ୟା ନନ୍ଦ, ସମାଜର ସମସ୍ୟା ସମାଧାନରେ ସ୍ୱେଚ୍ଛାସେବୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବୋଲି କହିଥିଲେ। ଡ. ରବର୍ଟ ଭତ୍ରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ଦେବରାଜ ପରିଡା ଏନ୍‌ଏସ୍‌ଏସ୍‌ର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟକାରିଣୀ ଅଧିକାରୀ ବିଦ୍ୟୁଷୀ ମଧୁସ୍ମିତା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜଳ ବିଭାଜିକା ସହାୟତା ରାଶି ହଡ଼ପ ଅଭିଯୋଗ

କାମାକ୍ଷାନଗର,୧୧।୧୦ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକରେ ଜଳ ବିଭାଜିକା ସହାୟତା ରାଶି ହଡ଼ପ ହୋଇଥିବା ନେଇ ଗୋଟିଏ ପରେ ଗୋଟିଏ ଅଭିଯୋଗ ସାମ୍ନାକୁ ଆସୁଛି। ଜଳ ବିଭାଜିକା ସମ୍ପାଦକ ଲକ୍ଷାଧିକ ଟଙ୍କାର ସହାୟତା ରାଶି ହଡ଼ପ କରିଥିବା କମିଟିର ସଦସ୍ୟା ସଦସ୍ୟ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଗଡ଼ପଳାଶୁଣି ପଞ୍ଚାୟତ ଅନ୍ତର୍ଗତ ବାଲିଯୋଡ଼ି ଜଳ ବିଭାଜିକାରେ ଅର୍ଥ ହଡ଼ପ ହୋଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଗଡ଼ପଳାଶୁଣି ପଞ୍ଚାୟତ ଡଙ୍ଗାପାଳ, ନାଗେଶ୍ୱର, କରଡ଼ାଖମଣ, ବଡ଼ସାହି, ବିଶ୍ୱାଳ ସାହିକୁ ନେଇ ଗଠିତ। ବିଭାଗ ପକ୍ଷରୁ ପରିବା ଚାଷ, କୁକୁଡ଼ା ପାଳନ, ଛେଳି ପାଳନ ପାଇଁ ଆସୁଥିବା ୧୬ ହଜାର ଟଙ୍କାରୁ ସମସ୍ତ ଗ୍ରାମର ହିତାଧିକାରୀଙ୍କୁ ମାତ୍ର ୨ରୁ ୩ ହଜାର ଟଙ୍କା ଦେଇ ବାକି ଅର୍ଥ ହଡ଼ପ କରାଯାଇଥିବା କମିଟିର ସଦସ୍ୟା ସଦସ୍ୟ ଅଭିଯୋଗ କରିଛନ୍ତି। କମିଟିରେ ୧୨ ଜଣ ସଦସ୍ୟଙ୍କ ମଧ୍ୟରେ ଜଣେ ସଭାପତି, ସମ୍ପାଦକ ଓ ୧୦ ଜଣ ସଦସ୍ୟା ସଦସ୍ୟ ରହିଛନ୍ତି। ସଭାପତିଙ୍କ ବିୟୋଗ ହୋଇଯାଇଥିବା ବେଳେ କମିଟିର ୧୦ ଜଣ ସଦସ୍ୟା ସଦସ୍ୟ ସିଧାସଳଖ ସମ୍ପାଦକଙ୍କ ନାଁରେ ଅଭିଯୋଗ ଆଣିଛନ୍ତି। ଏହି ସମସ୍ତ ଅଭିଯୋଗ ନେଇ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ଅଧିକାରୀ କଳ୍ପବଟ ବେହେରାଙ୍କୁ ସେମାନେ ଏକ ଦାବିପତ୍ର ଦେବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ଦାବିପତ୍ର ଦେବା ସମୟରେ କମିଟିର ଗୁରୁଦେବ ବିଶ୍ୱାଳ, ଦେବ ଜେନା, ବିରବର ସିଂହ, ପାଟରାଣୀ ସିଂହ, କଳାକର ସିଂହ, ଅଭିମନ୍ୟୁ ସିଂହ, କୁନ୍ତଳା ସିଂହ, ବିଜୟ ବେହେରା,ପବିତ୍ର ନାଏକ, ନରୋତ୍ତମ ସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ଏ ନେଇ ସମ୍ପାଦକ ଓ ପ୍ରକଳ୍ପ ଅଧିକାରୀଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

# ଶ୍ରାଦ୍ଧବାର୍ଷିକୀରେ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ,୧୧।୧୦(ରତନ ନାୟାର)

 କନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ୮୮ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଶନିବାର ସକାଳେ ବାଜିଚୌକସ୍ଥିତ ଶହୀଦ ସ୍ମୃତିସ୍ତମ୍ଭଠାରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଓ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏସ୍‌ପି ଅଭିନବ ସୋନକର ମଧ୍ୟ ଯୋଗ ଦେଇଥିଲେ । ଏଥିସହିତ ବହୁ ବ୍ୟକ୍ତି, ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ଦଳଗୁଡିକ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।


ଜିଲାପାଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

# ବାଜି ରାଉତଙ୍କ ନାମରେ ଡାକ ଟିକେଟ ଉନ୍ମୋଚନ ପ୍ରସ୍ତାବ



ବାଜି ରାଉତଙ୍କ ୮୮ତମ ଶ୍ରାଦ୍ଧ ବାର୍ଷିକୀ ପାଳନରେ ଉପସ୍ଥିତ ଅତିଥିମାନେ।

**ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ**

ଭୁବନ, ୧୧।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ନୀଳକଣ୍ଠପୁର ଗ୍ରାମରେ ଶହୀଦ ବାଜି ରାଉତଙ୍କ ୮୮ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରାହ୍ମଣୀ ନଦୀରେ ତିଳତର୍ପଣ କରିଥିଲେ। ଶହୀଦଙ୍କ ଜନ୍ମମାଟି ପରିଦର୍ଶନ ପରେ ବାଜି ରାଉତ ସ୍ମୃତି ପରିଷଦ ପକ୍ଷରୁ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ପାଣି ଶହୀଦଙ୍କ ନାମରେ ଡାକ ଟିକେଟ ଓ ଅନୁଗୋଳରୁ ହାୱଡ଼ା ପର୍ଯ୍ୟନ୍ତ ରେଳ ଚଳାଚଳ ପାଇଁ ସଂସଦରେ ଆଲୋଚନା କରି ପ୍ରସ୍ତାବ ଦେଇଥିବା କହିଥିଲେ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପଟେଲ, ଏସ୍‌ପି ଅଭିନବ ସୋନକର, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ଜେନା, ପବିତ୍ର ମୋହନ ବିଶ୍ୱର, ପ୍ରତିଷ୍ଠାତା ସଦସ୍ୟ ଚିତ୍ତରଞ୍ଜନ ସାହୁ, ମହୁଲପାଳ ସରପଞ୍ଚ ଲିପ୍ସା ରାଉତଙ୍କ ସହିତ ଶହୀଦଙ୍କ ଦାୟାଦ କୁଳମଣି ରାଉତ ଅତିଥି ଭାବେ ଯୋଗଦେଇଥିଲେ। ଢେଙ୍କାନାଳ ଜିଲାର ପ୍ରତ୍ୟେକ ସ୍କୁଲମାନଙ୍କରେ ଶହୀଦଙ୍କ ଫଟୋଚିତ୍ର ରହିବ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ସମସ୍ତ ସଂଗ୍ରାମୀ ପରିବାର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଜି ରାଉତ ସ୍ମୃତି ପରିଷଦର ସଭାପତି କୋଦଣ୍ଡଧର ସାହୁ ସଭାପତିତ୍ୱ କରିଥିବା ବେଳେ ସତ୍ୟନାରାୟଣ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟାର୍ଥୀମାନେ ରୋଜଗାର, ନିବେଶ କୌଶଳ ଜାଣିବା ଜରୁରୀ

**ଆର୍ଥିକ ସାକ୍ଷରତା ଏବଂ ନିବେଶକ ସଚେତନତା କର୍ମଶାଳା**



ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି) ଆନୁକୂଲ୍ୟରେ ଶନିବାର ଆର୍ଥିକ ସାକ୍ଷରତା ଏବଂ ନିବେଶକ ସଚେତନତା ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ବିଶ୍ୱ ନିବେଶକ ସପ୍ତାହ ଉପଲକ୍ଷେ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ଼ ଅଫ୍ ଇଣ୍ଡିଆ (ସେବି) ଏବଂ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ)ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ସଂସ୍ଥାନର ପ୍ରଶାସନିକ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଆଲୋଚକ ଭାବେ ବିଏସ୍‌ଇର ଭୁବନେଶ୍ୱରର ଆଞ୍ଚଳିକ କାର୍ଯ୍ୟାଳୟ ବରିଷ୍ଠ ଅଧିକାରୀ ସୌମ୍ୟରଞ୍ଜନ ସାହୁ ଏବଂ ସେବିର ପୂର୍ବାଞ୍ଚଳ ଆଞ୍ଚଳିକ କାର୍ଯ୍ୟାଳୟ କୋଲକାତାର ମ୍ୟାନେଜର ସୁଧାଂଶୁ ସେଠ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଫେସର ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖି କହିଥିଲେ, ବିଦ୍ୟାର୍ଥୀମାନେ ଯୁବାବସ୍ଥାରୁ ରୋଜଗାର ଓ ନିବେଶ କୌଶଳ ଜାଣିବା ଜରୁରୀ । ଫଳରେ ସୁନ୍ଦର ଭବିଷ୍ୟତ ଏବଂ ସଞ୍ଚୟ ବାବଦରେ ସଚେତନ ହୋଇପାରିବେ। ଏହାଛଡା ଯେଉଁମାନେ ଭବିଷ୍ୟତରେ ଅର୍ଥନୈତିକ ଏବଂ ବ୍ୟବସାୟିକ ସାମ୍ବାଦିକତା କରିବେ ସେମାନଙ୍କ ପାଇଁ ଏହି କର୍ମଶାଳା ବେଶ୍ ଫଳପ୍ରଦ ହେବ ବୋଲି ପ୍ରକାଶ କରିଥିଲେ। ପରେ ବିଏସ୍‌ଇର ଅଧିକାରୀ ସାହୁ ଆଲୋଚନା କରି ସାଧାରଣ ବ୍ୟାଙ୍କ ଓ ପୋଷ୍ଟାଲ ଫିକ୍ସ ଡିପୋଜିଟ ସହ ନିଫ୍‌ଟି, ସେନସେକ୍ସ, ଷ୍ଟକ ମାର୍କେଟ, ମ୍ୟୁଚୁଆଲ ଫଣ୍ଡ ଆଦି ବିଷୟରେ ସବିଶେଷ ସୂଚନା ଦେଇଥିଲେ। ସେହିପରି କ୍ଷୁଦ୍ର, ମଧ୍ୟମ ଏବଂ ଦୀର୍ଘକାଳୀନ ନିବେଶ ଆଦି ବାବଦରେ ସଚେତନ କରାଇଥିଲେ। ଅନ୍ୟତମ ଆଲୋଚକ ଭାବେ ଏସ୍‌ଇବିଆଇର ଅଧିକାରୀ ସେଠ ନିବେଶ ପ୍ରକ୍ରିୟାକୁ ନିୟନ୍ତ୍ରଣ କରୁଥିବା ସଂସ୍ଥା ଏବଂ ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ଇନିସିଆଲ ପବ୍ଲିକ ଅଫରିଙ୍ଗ (ଆଇପିଓ), ସେୟାର ପ୍ରତିଶତ, ସେୟାର କିଣାବିକାରେ ବିଭିନ୍ନ ପ୍ରକାରର ବ୍ୟାଙ୍କ ଆକାଉଣ୍ଟ ଏବଂ ଖାତା ଖୋଲିବାର ସମୟ ସୀମା ଆଦି ବାବଦରେ ସୂଚନା ଦେଇଥିଲେ। ସେହିପରି ବର୍ତ୍ତମାନ ସମୟରେ ସାଇବର ଠକେଇ ବଢୁଥିବାରୁ ସେ ସଂକ୍ରାନ୍ତରେ ଯଥେଷ୍ଟ ସଚେତନ ହେବା ସହ ଭାରତ ସରକାରଙ୍କ ଆଇନକୁ ଏଠାରେ ପ୍ରୟୋଗ କରାଯାଇପାରିବ ବୋଲି ଉଭୟ ଆଲୋଚକ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଓଡିଆ ଓ ଇଂରାଜୀ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେଶନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗର ବିଦ୍ୟାର୍ଥୀମାନେ ସକ୍ରିୟ ଅଂଶଗ୍ରହଣ କରିବା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଠିକ ଉତ୍ତରଦାତାଙ୍କୁ ପୁରସ୍କୃତ କରାଯାଇଥିଲା। ଆସିଷ୍ଟାଣ୍ଟ ପ୍ରଫେସର ବିରଞ୍ଚି ନାରାୟଣ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ପାରସ ଯାଦବ, ହରେକୃଷ୍ଣ ପ୍ରଧାନ, ସମସ୍ତ ବିଦ୍ୟାର୍ଥୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

# ଗୁଳିମାଡ଼ ପଛରେ ବାବାଙ୍କ ଯୌନ ଶୋଷଣ





ଗିରଫ ବାବା ଅଜୟ ସାମନ୍ତରାୟ ଏବଂ ସୁକାନ୍ତ। ଗୁଳିକାଣ୍ଡ ଘଟଣାରେ ଗିରଫ ସୁରଜ ରାଉତ ଓ ମୁକ୍ତିକାନ୍ତ ଦାଶ।

**ଭୁବନେଶ୍ୱର,୧୧।୧୦(ସମ୍ବାଦଦାତା):** ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଦେଉଳିପାଟଣା ଗାଁ ନିକଟ ଭାଇଭାଇ ମଠ ଉପରକୁ ଗୁଳିମାଡ଼ ଘଟଣା ପଛରେ ବଡ଼ ଗୁମର ପଦାକୁ ଆସିଛି। ଏହି ଘଟଣା ପଛରେ ବାବାଙ୍କ ଯୌନଶୋଷଣ ମୂଳ କାରଣ ବୋଲି କମିଶନରେଟ୍ ପୋଲିସ କହିଛି। ୩ବର୍ଷ ତଳେ ମା'ଙ୍କ ସହ ମଠକୁ ଆସିଥିବା ଜଣେ ନାବାଳିକାଙ୍କୁ ବାବା ଓ ତାଙ୍କ ସହଯୋଗୀ ବାରମ୍ବାର ବଳାତ୍କାର କରିଥିଲେ। ଏହାର ପ୍ରତିଶୋଧ ନେବାକୁ ତାଙ୍କ ପୁରୁଷବନ୍ଧୁ(ବର୍ତ୍ତମାନ ସ୍ୱାମୀ) ନିଜ ସାଙ୍ଗଙ୍କ ସହ ବାବାଙ୍କୁ ହତ୍ୟା କରିବାକୁ ଏହି ଘଟଣା ଘଟାଇଥିଲେ। ବନ୍ଧୁକର ଟାର୍ଗେଟରେ ବାବା ଥିବାବେଳେ ଭୁଲବଶତଃ ମଠରେ ରହୁଥିବା ଅନ୍ୟ ଦୁଇ ଜଣ ଗୁଳିମାଡ଼ର ଶିକାର ହୋଇଥିଲେ। ଗୁଳିମାଡ଼ ଘଟଣାରେ ପୋଲିସ ପୀଡ଼ିତାଙ୍କ ସ୍ୱାମୀ ଓ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳର ସୁରଜ ରାଉତ ଓରଫ ଡିକ୍ସନ(୨୩) ଓ ତାଙ୍କ ସାଙ୍ଗ ମୁକ୍ତିକାନ୍ତ ଦାସ ଓରଫ ଶ୍ରୀରାମ (୨୮)। ଉଭୟଙ୍କ ଠାରୁ ଗୁଳିମାଡ଼ରେ ବ୍ୟବହୃତ ୭.୬୫ ଏମ୍ଏମ୍ ଦେଶୀ ବନ୍ଧୁକ, ୪ଟି ଜୀବନ୍ତ ଗୁଳି, ୩ଟି ମୋବାଇଲ, ବାଇକ ଆଦି ଜବତ ହୋଇଛି। ଅପରପକ୍ଷରେ ୩ବର୍ଷ ତଳେ ବାବାଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ପୀଡ଼ିତା (ଏବେ ୨୦ବର୍ଷ) ପୋଲିସ ଠାରୁ ସାହସ ପାଇ ବାବାଙ୍କ ବିରୋଧରେ ଏତଲା ଦେଇଛନ୍ତି। ଇନ୍‌ଫୋସିଟି ଥାନା ତାଙ୍କ ଏତଲାକୁ ଭିତ୍ତି କରି ଶୁକ୍ରବାର ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୨୬୮/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି। ପୋଲିସ ବାବା ତଥା ଅବସରପ୍ରାପ୍ତ ସିପାହି ଅଜୟ ସାମନ୍ତରାୟ(୭୮) ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଛି। ସହଯୋଗୀ ଜଣକ ହେଲେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନୂଆପୋଖରୀ ଗାଁର ସୁକାନ୍ତ କୁମାର ବିଶ୍ୱାଳ(୫୬)। ସେ ଭରତପୁର ଅଞ୍ଚଳରେ ଥିବା ଓଏସିସ ପର୍ଯ୍ୟ ହାଉସରେ କାମ କରନ୍ତି। ପୃଥକ ମାମଲାରେ ୪ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେପଟେ ଭାଇଭାଇ ମଠକୁ ସିଲ୍ କରାଯାଇଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ପ୍ରେସମିଟ୍‌ରେ ସୂଚନା ଦେଇଛନ୍ତି। ତେବେ ସୁରଜ ଉତ୍ତରପ୍ରଦେଶରୁ ବନ୍ଧୁକ ଆଣିଥିବାବେଳେ ଏହି ଲିଙ୍କରେ ମଧ୍ୟ ତଦନ୍ତ କରାଯାଉଥିବା କମିଶନର କହିଛନ୍ତି।

### ୩ବର୍ଷ ତଳେ ନାବାଳିକାଙ୍କୁ ମଠକୁ ଡାକି ବଳାତ୍କାର କରିଥିଲେ

ଧାମନଗର ଅଞ୍ଚଳର ପୀଡ଼ିତା ଜଣକ ୨୦୨୨ରେ ମଠକୁ ପାଠ ଓ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଆସିଥିବାବେଳେ ତାଙ୍କୁ ବାରମ୍ବାର ବଳାତ୍କାର କରାଯାଇଥିଲା। ପୀଡ଼ିତାଙ୍କ ସମ୍ପର୍କୀୟ ହେଲେ ସୁକାନ୍ତ। ସୁକାନ୍ତଙ୍କ ପ୍ରରୋଚନାରେ ପୀଡ଼ିତା ତାଙ୍କ ମା'ଙ୍କ ସହ ମଠକୁ ଆସିଥିଲେ। ସେଠାରେ ବାବା ଅଜୟ ଓ ସୁକାନ୍ତ ତାଙ୍କୁ ଲଗାତର ଯୌନଶୋଷଣ କରିଥିଲେ। ଏହି ଘଟଣା ପୀଡ଼ିତାଙ୍କ ମା' ଜାଣିଥିଲେ ମଧ୍ୟ ଭୟ ଓ ଲୋକ ଲଜ୍ଜାରେ ଚୁପ ରହିଥିଲେ। ପୀଡ଼ିତା ଜଣକ ଏହି ଘଟଣା ବିଷୟରେ ସେତେବେଳେ ପୁରୁଷବନ୍ଧୁ ସୁରଜଙ୍କୁ କହିଥିଲେ। ତେବେ ସୁରଜ ସେହିଦିନଠାରୁ ବାବାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଇତିମଧ୍ୟରେ ୨୦୨୪ରେ ସୁରଜ ତାଙ୍କ ପ୍ରେମିକା (ପୀଡ଼ିତା)ଙ୍କୁ ବିବାହ ମଧ୍ୟ କରିଥିଲେ। କିଛିମାସ ତଳେ ସୁରଜ ଉତ୍ତରପ୍ରଦେଶରୁ ୨ଟି ବନ୍ଧୁକ କିଣି ଆଣିଥିଲେ। ଏପରିକି ବାବାଙ୍କୁ ହତ୍ୟା କରିବା ଲାଗି ଗତ ଅଗଷ୍ଟ ମାସରେ ଦୁଇ ଥର ପ୍ରୟାସ କରିଥିଲେ ମଧ୍ୟ ଏଥିରେ ସେ ବିଫଳ ହୋଇଥିଲେ। ଏପରିକି ସୁକାନ୍ତଙ୍କୁ ଗତ ଜୁନ ମାସରେ ଭଦ୍ରକକୁ ଡାକି ସୁରଜ ମାରପିଟ୍ ମଧ୍ୟ କରିଥିଲେ। ତେବେ ଏହି ଘଟଣା ପଦାକୁ ନ ଆସିବା ପାଇଁ ସୁକାନ୍ତ ତାହା ପ୍ରକାଶ କରି ନ ଥିଲେ।

### ଅକ୍ଟୋବର ୫ ସନ୍ଧ୍ୟା, ଗୁଳିମାଡ଼ରୁ ବର୍ତ୍ତିଯାଇଥିଲେ ବାବା

୨୦୨୫ ଅକ୍ଟୋବର ୫(ଗୁଳିକାଣ୍ଡ ଦିନ)ରେ ସୁରଜ ତାଙ୍କ ସାଙ୍ଗ ଶ୍ରୀରାମଙ୍କୁ ନେଇ ବାଇକ୍‌ରେ ଭଦ୍ରକରୁ ଭୁବନେଶ୍ୱର ଆସିଥିଲେ। ସେମାନେ ବାବାଙ୍କୁ ଗୁଳିମାଡ଼ କରି ହତ୍ୟା କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ସନ୍ଧ୍ୟା ୭ଟା ବେଳେ ଦେଉଳିପାଟଣାସ୍ଥିତ ଭାଇଭାଇ ମଠ ଗେଟ ପାଖରେ ପହଞ୍ଚି ୫ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଏଥିରେ ମଠରେ ରହୁଥିବା ସୁନୀଲ କୁମାର ମହାନ୍ତି ଗୁରୁତର ହୋଇଥିବାବେଳେ ୫ଦିନ ହେବ ସେଠାକୁ ଆସିଥିବା ଯାଜପୁରର ଅଶୋକ ମହାନ୍ତି ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ନିୟୁ ଏଜି କଲୋନୀରେ ରହୁଥିବା ବାବାଙ୍କ ଝିଅ ଜ୍ୟୋତିର୍ମୟୀ ରାୟ(୪୬)ଙ୍କ ଏତଲାକୁ ଆଧାର କରି ଇନ୍‌ଫୋଭ୍ୟାଲି ପୋଲିସ ମାମଲା (ନଂ.୨୬୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**ଭାଇଭାଇ ମଠ ଉପରକୁ ଗୁଳିମାଡ଼ ଘଟଣା**

- ବାବା, ସହଯୋଗୀ ଗିରଫ, ମଠ ସିଲ୍
- ଗୁଳିମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ, ସାଙ୍ଗ ଗିରଫ

### ବାବାଙ୍କ ଯୌନ କେଲେଙ୍କାରୀରେ ଅନେକ ପୀଡ଼ିତା

ବାବା ଅଜୟଙ୍କ ଯୌନ କେଲେଙ୍କାରୀରେ ଅନେକ ପୀଡ଼ିତା ଅଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମଠ ନାଁରେ ସେ ଲୋକଙ୍କ ଭାବନାର ସହ ଖେଳ ଖେଳିବା ସହ ଅଳ୍ପ ବୟସ୍କ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ସୁକାନ୍ତ ଝିଅ ଯୋଗାଉଥିଲେ। ଏପରିକି ବହୁ ମହିଳା ଓ ଯୁବତୀ ମଠକୁ ଆସି ରହୁଥିବାବେଳେ ନିଶା ଦେଇ ସେମାନଙ୍କୁ ଯୌନ ଶୋଷଣ କରାଯାଉଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବାବାଙ୍କ ଦ୍ୱାରା ଅପରାଧର ଶିକାର ହୋଇ ଏଭଳି ବହୁ ପୀଡ଼ିତା ମୁହଁ ଖୋଲି ନ ଥିଲେ।

## ଅଭିଯୁକ୍ତଙ୍କୁ ଖୋଜିବ ପୋଲିସ

**ପ୍ରେମୀଯୁଗଳଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ମାମଲା**

**ଅନୁଗୋଳ,୧୧।୧୦(ଜ୍ୟୋତିରଞ୍ଜନ ସାହୁ)**
ଅକ୍ଟୋବର ୧ ତାରିଖରେ ଅନୁଗୋଳ ପଞ୍ଚତତ୍ତ୍ୱ ପାର୍କରେ ଅନ୍ତରଙ୍ଗ ମୁହୂର୍ତ୍ତରେ ଥିବା ଏକ ପ୍ରେମୀଯୁଗଳଙ୍କ ଭିଡିଓ ଉତ୍ତୋଳନ କରାଯାଇ ତାହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରାଯାଇଥିଲା। ଏହି ମାମଲା ଥାନା ପର୍ଯ୍ୟନ୍ତ ଯାଇଛି। ଏପରି କି ଭାଇରାଲକାରୀଙ୍କୁ ପୋଲିସ ଖୋଜିବା ଆରମ୍ଭ କରିଛି। ସୂଚନା ମୁତାବକ, ଏହି ଘଟଣାକୁ ନେଇ ସହରରେ ହଇଚଇ ଖେଳିଯାଇଥିଲା। ପୌରପାଳିକା ଅଧୀନରେ ଏହି ପାର୍କ ଥିବାରୁ ଏଥିପାଇଁ ପୌରପାଳିକାକୁ ନିନ୍ଦା ମୁଣ୍ଡାଇବାକୁ ପଡିଥିଲା। ପୌରପାଳିକା ପକ୍ଷରୁ ଏ ନେଇ ପାର୍କ ପରିଚାଳକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ପାର୍କ ପରିଚାଳକ ବରଦା ପ୍ରସନ୍ନ ଦାସ ନିରାପତ୍ତା ବ୍ୟବସ୍ଥାକୁ ବଢ଼ାଇବା ସହ ଅଧିକ ସିସିଟିଭି ଲଗାଇବେ ବୋଲି ପ୍ରତିଶ୍ରୁତି ଦେବା ସହ ଭିଡିଓ ବେଆଇନ ଭାବେ ଭାଇରାଲ କରାଯାଇଥିବାରୁ ଅନୁଗୋଳ ସାଇବର ଓ ଅର୍ଥନୈତିକ ଶାଖାରେ ଏକ ଅଭିଯୋଗ ଦେଇ ଯେଉଁ ଅଜଣା ଲୋକମାନେ ଏଭଳି ଘଟଣା ଘଟାଇଛନ୍ତି ବୋଲି ଅଭିଯୋଗ କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ନାବାଳିକା ଉଦ୍ଧାର, ଜଣେ ଗିରଫ

**ଛେଣ୍ଡିପଦା,୧୧।୧୦(ଅଜିତ୍ ଧଳ):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ୍ ବାଗଡ଼ିଆ ଥାନା ଅଞ୍ଚଳର ଜଣେ ନିଖୋଜ ଥିବା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହିତ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ନାବାଳିକା ନିଖୋଜ ଥିବାନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୧୫୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅନୁଗୋଳ ଥାନା ଅଞ୍ଚଳରୁ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରାଯିବା ସହ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ନାବାଳିକାଙ୍କୁ ରଞ୍ଜିତ ସାହୁ ଅପହରଣ କରିନେଇଥିବା ଜାଣିବା ପରେ ପୋଲିସ ତାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

## ଚୋରି ଟାୟାର, ୩ ଗାଡ଼ି ଜବତ





**ସନ୍ଦ୍ରିଛକ,୧୧।୧୦(ସନ୍ତୋ ଷଡ଼ିଙ୍ଗା):** ଝାରସୁଗୁଡା ବଡ଼ମାଳ ପୋଲିସ ଅନୁଗୋଳ ଜିଲା ବଅଁରପାଳ ପୋଲିସ ସହାୟତାରେ ଶୁକ୍ରବାର ବଅଁରପାଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬୫ଟି ଚୋରି ଟାୟାର ସହ ଗୋଟିଏ ଟ୍ରକ୍, ଗୋଟିଏ କାର୍, ଗୋଟିଏ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଏହି ଟାୟାର ବଡ଼ମାଳ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ୫ ଜଣଙ୍କୁ ଅଟକ ରଖି ପୋଲିସ ତଦନ୍ତ ଚଳାଇଛି।

## ଆନ୍ଧ୍ରରୁ ୪ ନାବାଳିକା ଉଦ୍ଧାର

**ଅନୁଗୋଳ,୧୧।୧୦(ଜ୍ୟୋତିରଞ୍ଜନ ସାହୁ):** ୨ ନାବାଳିକା ନିଖୋଜ ମାମଲାର ତଦନ୍ତ ବେଳେ ଅନୁଗୋଳ ଜିଲା ରେଙ୍ଗାଳି ପୋଲିସ ଓ ଗଠନ ହୋଇଥିବା ସ୍ୱତନ୍ତ୍ର ଟିମ୍ ଆନ୍ଧ୍ର ପ୍ରଦେଶ କୋଠପୋଲାଭରମସ୍ଥିତ ଏକ ସି ଫୁଡ୍ ପ୍ରୋସେସିଂ ୟୁନିଟ୍‌ରୁ କିଣିହାଁ ଅଞ୍ଚଳର ୪ ନାବାଳିକାଙ୍କୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଗତ ୫ ତାରିଖରେ ରେଙ୍ଗାଳି ଡ୍ୟାମ୍ ସାଇଟ ଅଞ୍ଚଳର ୨ ନାବାଳିକା ନିଖୋଜ ହେବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ରେଙ୍ଗାଳି ପୋଲିସ ଓ ସ୍ୱତନ୍ତ୍ର ଟିମ୍ ଏହାର ତଦନ୍ତ କରି ଆନ୍ଧ୍ରପ୍ରଦେଶରେ ପହଞ୍ଚି ଉକ୍ତ ସି ଫୁଡ୍ ପ୍ରୋସେସିଂ ୟୁନିଟ୍‌ରୁ ୨ ନାବାଳିକାଙ୍କୁ ଉଦ୍ଧାର କରି ଗତ ୧୦ ତାରିଖରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ତଦନ୍ତ ବେଳେ ସେଠାରେ କିଣିହାଁ ଅଞ୍ଚଳର ଆଉ ୪ ନାବାଳିକା କାମ କରୁଥିବା ଜାଣି ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ସମ୍ପୃକ୍ତା ୪ ନାବାଳିକା ଘରେ ନ ଜଣାଇ କାମ କରିବାକୁ ଚାଲି ଆଣିଥିବା ଜାଣି ପୋଲିସ ସେମାନଙ୍କୁ ଅନୁଗୋଳ ଆଣି ଶିଶୁ କଲ୍ୟାଣ କମିଟିକୁ ହସ୍ତାନ୍ତର କରିଥିଲା। ପରେ ପରିବାର ଲୋକଙ୍କୁ ଡକାଯାଇ ନାବାଳିକାମାନଙ୍କୁ ଜିମା ଦିଆଯାଇଥିଲା।

## ମହିଳାଙ୍କୁ ଶାରୀରିକ ଶୋଷଣ, ଜଣେ ଗିରଫ

**ଅନୁଗୋଳ,୧୧।୧୦(ଜ୍ୟୋତିରଞ୍ଜନ ସାହୁ):** ଅନୁଗୋଳ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ପ୍ରେମ ସମୟର ଫଟୋ ଦେଖାଇ ଶାରୀରିକ ଶୋଷଣ କରିବା ଅଭିଯୋଗରେ ଦେବଗଡ଼ ଜିଲା ରିଆମାଳର ରୁଦ୍ର ନାରାୟଣ ସାହୁ(୩୫)ଙ୍କୁ ଅନୁଗୋଳ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ପୋଲିସ କହିଛି, ଅଭିଯୁକ୍ତଙ୍କ ସ୍ତ୍ରୀ ସ୍ୱାମୀଙ୍କ ଏପରି କାର୍ଯ୍ୟ ସମ୍ପର୍କରେ ଜାଣି ପୀଡିତା ମହିଳାଙ୍କ ସହ ଯୋଗାଯୋଗ କରି ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଆକ୍ରମଣ ଅଭିଯୋଗରେ ବସ୍ ଚାଳକ ଗିରଫ

**ଅନୁଗୋଳ,୧୧।୧୦(ଜ୍ୟୋତିରଞ୍ଜନ ସାହୁ):** ଆକ୍ରମଣ ଅଭିଯୋଗରେ ଅନୁଗୋଳ ଟାଉନଥାନା ପୋଲିସ ଏକ ବସ୍ ଚାଳକ ସଞ୍ଜୟ ବେହେରାଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ସନ୍ତୋଷ ନାୟକ ମେକାନିକ ଭାବେ କାମ କରନ୍ତି। ସେ ଏକ ବସ୍‌ରେ କାମ କରିବା ପରେ ତାଙ୍କର ୫୦୦ ଟଙ୍କା ପାଇବାକୁ ଥିଲା। ଟଙ୍କା ନ ମିଳିବାରୁ ସନ୍ତୋଷ ବସ୍ ଚାବି ନେଇ ପଳାଇ ଯାଇଥିଲେ। ବସ୍‌ର କଣ୍ଡକ୍ଟର ଓ ଚାଳକ ସଞ୍ଜୟ ତାଙ୍କୁ ଆକ୍ରମଣ କରିଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**PHULBANI (R&B) CIRCLE, PHULBANI**
Phone : 06842 254004 Email : sernbphulbani@gmail.com
**INVITATION FOR BIDS (IFB)**
Bid Identification No. CCE_R and B_PLB_12 of 2025-26
No.B-590 **No.1660 Dated 08.10.2025**

| | | |
|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road works as detailed in the table below from eligible contractors | |
| 2 | Nature of work | : Road Work |
| 3 | No. of tenders | : One No. |
| 4 | Tender cost | : Rs. 10,000/- (through online) only |
| 5 | Class of Contractor | : A class |
| 6 | Date & Time of sale & receipt of bids | : 10.00 A.M. of 16.10.2025 to 5.00 P.M. of 30.10.2025 |
| 7 | Date of Opening of bid | : 11.00 A.M. of 31.10.2025 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | |

Sd./- Chief Construction Engineer, Phulbani (R&B) Circle, Phulbani
OIPR-34129/11/0029/2526

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No.CAD-1973
**No.-CHEP/TW-202 (Vol.-V)/3824 Date: 08.10.2025**
**TENDER CALL NOTICE NO.-CHEP-32/2025-26**
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of Earth Resistance Measurement Tester, DC Milli Ampere Digital Clamp Meter and AC / DC Digital Clamp Meter for CHEP, Chiplima | Rs.2,360/- (Rs.2,000/- + GST @18%) | Rs.4,970/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com from dtd.14.10.2025 up to 12:30 PM of dtd.28.10.2025.**
OIPR-04006/11/0103/2526 Sd/- C & P Head, CHEP, Chiplima

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**
No.O-965
eerw_kendraparat@yahoo.co.in
**'E' PROCUREMENT NOTICE NO. RWD-II/KPD-7/25-26**
**DTD 08.10.2025**

| | | |
|---|---|---|
| 1 | Name of work | : Road works in the District of Kendrapara for the year 2025-26 |
| 2 | Total No. of Work | : 43 Nos. Roads |
| 3 | Estimated Cost | : Rs.5.04 Lakhs to 33.61 lakhs (Approx) |
| 4 | Period of Completion | : As specified in the Annexure |
| 5 | Class of contractors | : B, C & D Class |
| 6 | Cost of Tender Paper | : Cost of Tender paper is to be remitted ONLINE as specified in column - 3 of the Annexure |
| 7 | Detail projects | : As specified in the Annexure |

**Other details as follows :**

| | | |
|---|---|---|
| a) | Procurement Officer | : Superintending Engineer, Rural Works Division-II, Kendrapara |
| b) | Availability of tender online & submission of bid | : 15.10.2025 at 11:00 A.M. to 23.10.2025 up to 5:00 P.M. |
| c) | Last date & time of seeking of tender clarification | : 22.10.2025 up to 5:00 P.M. |
| d) | Opening of Tender | : 23.10.2025 at 5:30 P.M. |
| e) | Date of lottery | : 07.11.2025 at 11:30 A.M. |

**Further details can be seen from the Govt. website www.tendersorissa.gov.in**
Sd./- Superintending Engineer, Rural Works Division-II, Kendrapara
OIPR-25098/11/0023/2526

**OFFICE OF THE SORO MUNICIPALITY, SORO, BALASORE**
No.4477 Date : 10.10.2025
**'e' Procurement Notice**
Bid Identification No. **SOROM_04_2025-26**
**No.C-1250** : Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

1. Name of the Work : Construction of Civil work as mentioned in DTCN
2. No. of works : 01 no.
3. Estimated Cost : As per Work List
4. Period of Completion : 90 days
5. Date & Time of availability of Bid documents in the Portal : 13.10.25 at 10.00 A.M. to 22.10.25 up to 5.00 P.M.
6. Last date & time for receipt of bids in the portal : 22.10.25 up to 05.00 P.M.
7. Bid received online shall be opened on : 23.10.25 at 10.00 A.M.
8. Name and address of the officer inviting Bid : Executive Officer, Soro Municipality

Further details can be seen from the procurement portal i.e. www.tendersodisha.gov.in
Sd./- Executive Officer, Soro Municipality
OIPR-13166/11/0017/2526

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK**
No.A-708
Letter No. 4433/Dt. 08.10.2025
**GOVERNMENT OF ODISHA e-Procurement Notice**
Bid Identification No. online SECMID - 18/2025-26
eemidcuttack@yahoo.co.in

| | | |
|---|---|---|
| 1 | Name of work | : **Improvement of MIPs under Improvement to CAPEX ROAD and MIPSP scheme in MI Sub-Division Athagarh, Banki and Narasinghpur.** |
| 2 | Total Number of work | : **05 (Five) nos.** |
| 3 | Estimated cost | : **Various from 57.79 to 82.65 lakhs** |
| 4 | Tender paper cost (Online) | : **Rs.10,000/-** |
| 5 | Bid Security (Online) | : As per DTCN |
| 6 | Period of Completion | : As per DTCN |
| 7 | Availability of Bid Document | : From **15.10.2025, 10.00 A.M. to 28.10.2025, 5.00 P.M.** in website (www.tendersorissa.gov.in) |
| 8 | Last date & Time of receipt | : **28.10.2025 at 5.00 P.M.** through online Bid |
| 9 | Date of opening of Technical Bid documents | : **29.10.2025 - at 11.00 A.M.** in the office of the SE, M.I. Division, Cuttack |
| 10 | Date of opening of Financial Bid Documents | : **04.11.2025 at 11.00 A.M.** in the office of the SE, M.I. Division, Cuttack |
| 11 | Date of Lottery, if required | : **15.11.2025 at 12.00 Noon** in the office of the SE, M.I. Division, Cuttack |
| 12 | Name and address of the OIT | : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004 |

Further details can be seen from the Government of Odisha Web - Site www.tendersorissa.gov.in
Sd./- Superintending Engineer, M.I. Division, Cuttack
OIPR-32121/11/0046/2526

**Directorate of Higher Secondary Education Odisha, Bhubaneswar**
**Notice**
**No.N-175** : It is informed to all concerned that the online applications are invited on SAMS portal for opening of new Higher Secondary School, new stream, new subject, increase of seats, Permanent Recognition, Temporary Recognition etc. for the Academic Session 2025-26 (Admission Session 2026-27). The online application link (www.samsodisha.gov.in/juniorweb.aspx) is active and last date for applying is up to **30th November, 2025 (11.55 P.M.). For Guidelines /User Manual and other details, please log in on** www.samsodisha.gov.in/juniorweb.aspx
OIPR-11033/11/0024/2526 Sd./- Director

**ଭାରତ ସରକାର**
**ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ**
**(ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ପ୍ରସାର ବିଭାଗ)**
**ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ (ପିଇଏସ୍ଓ)**
**ସର୍ବସାଧାରଣ ବିଜ୍ଞପ୍ତି**
ସରକାରଙ୍କ ଦୃଷ୍ଟିକୁ ଏହା ଅଣାଯାଇଛି ଯେ, ଅତୀତରେ ମିଥ୍ୟା ଘୋଷଣାନାମା ଅଧୀନରେ ଭାରତକୁ ବେଆଇନ ଭାବେ ବିଦେଶ ନିର୍ମିତ ଆତସବାଜି ସାମଗ୍ରୀ ଆମଦାନୀ କରାଯାଇଛି । ଏତଦ୍ୱାରା ସୂଚିତ କରିଦିଆଯାଉଅଛି କି, ଆମଦାନୀ ସଂକ୍ରାନ୍ତରେ ଆଇଟିସି (ଏଚ୍ଏସ୍) ଅଧୀନରେ ଆତସବାଜି ସାମଗ୍ରୀଗୁଡ଼ିକୁ ପ୍ରତିବନ୍ଧିତ ସାମଗ୍ରୀ ରୂପେ ଘୋଷଣା କରାଯାଇଛି । ଆଜି ତାରିଖ ସୁଦ୍ଧା, ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ ଦ୍ୱାରା ବିସ୍ଫୋରକ ସାମଗ୍ରୀ ନିୟମାବଳୀ, ୨୦୦୮ ଅଧୀନରେ ଆତସବାଜି ସାମଗ୍ରୀ ପାଖରେ ରଖିବା ଏବଂ/କିମ୍ବା ବିକ୍ରି କରିବା ଉଦ୍ଦେଶ୍ୟରେ ଆମଦାନୀ କରିବା ପାଇଁ କୌଣସି ଲାଇସେନ୍ସ ମଞ୍ଜୁର କରାଯାଇନାହିଁ ।
ଚୋରାରେ ଚାଲାଣ ହେଉଥିବା ବିଦେଶ ନିର୍ମିତ ଆତସବାଜି ସାମଗ୍ରୀରେ 'ପୋଟାସିୟମ୍ କ୍ଲୋରେଟ୍' ରହିଥାଏ, ଯାହା ଏକ ବିପଜ୍ଜନକ ଓ ଘାତକ ରାସାୟନିକ ଅଟେ ଏବଂ ସେଥିରେ ସ୍ୱତଃପ୍ରବୃତ୍ତ ଭାବେ ନିଆଁ ଲାଗିବାର ଆଶଙ୍କା ରହିଥାଏ । ଏପରି ଆତସବାଜି ସାମଗ୍ରୀ ଗୁରୁତର ଅଘଟଣର କାରଣ ସାଜିବା ସହିତ ଧନଜୀବନ ଏବଂ ଦେଶ ପାଇଁ ବିବିଧ ପରିବେଶୀୟ ଏବଂ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ।
ଧନଜୀବନର ସୁରକ୍ଷା ଓ ନିରାପତ୍ତା ପାଇଁ ଏପରି ଆତସବାଜି ସାମଗ୍ରୀ ରଖିବା ଏବଂ/କିମ୍ବା ବିକ୍ରି କରାଯିବା ସମ୍ବନ୍ଧୀୟ ସୂଚନାକୁ ନିକଟତମ ଥାନା କିମ୍ବା ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ କରିବା ଲାଗି ଜନସାଧାରଣ ଏବଂ ହିତଧାରକଙ୍କୁ ଅନୁରୋଧ କରାଯାଉଛି, ଯାହାଦ୍ୱାରା ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।
CBC 05209/12/0003/2526 ମୁଖ୍ୟ ବିସ୍ଫୋଟକ ସାମଗ୍ରୀ ନିୟନ୍ତ୍ରକ

No.T-92
**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**
ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା13.10.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0199/2526

No.CAD-1966
**NOTICE INVITING TENDER**
**Office of Chief CSO / CSO-cum-District Manager**
**Odisha State Civil Supplies Corporation Ltd.**
**DISTRICT - KEONJHAR**
**(UNIT-HATADIHI BLOCK,GHASIPURA BLOCK, ANANDAPUR BLOCK & ANANDAPUR MUNICIPALITY, KEONJHAR SADAR BLOCK & KEONJHAR MUNICIPALITY, BANSPAL BLOCK, TELKOI BLOCK, SAHARPADA BLOCK, PATNA BLOCK, GHATAGAON BLOCK, HARICHANDANPUR BLOCK, JHUMPURA BLOCK,CHAMPUA BLOCK & NAC)**
**TENDER No.: 3029 to 3040** **Dated: 06/10/2025**
**Cost of Tender Document is Rs.1000/- inclusive of GST for each BLOCK/ULB (through online mode).**
Online Tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centers (PPCs) / Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centres (RRCs)/Depots (within or outside district).

| | | |
|---|---|---|
| 1 | Availability of tender documents | From Date 14/10/2025 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 15/10/2025 At - 4.00 P.M. Place - O/o the Chief CSO-cum-District Manager, OSCSC Ltd., Keonjhar |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 5.00 P.M. dt.28/10/2025 |
| 4 | Date, time and venue for opening of Technical Bid by the Tender Committee | On dt 29/10/2025 at 11.00 A.M., Place : Mini Conference Hall, Collectorate, Keonjhar |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.30/10/2025 at 11.00 A.M. Place O/o Chief CSO-cum-District Manager, OSCSC Ltd., Keonjhar |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Validity Period | Tenders are to remain open for acceptance for 45 days inclusive of date of opening of tender |
| 8 | Language of the Tender | The tender should be prepared by the bidder in English language only |
| 9 | Help Desk telephone no. | CCSO-cum-DM, OSCSC Ltd., Keonjhar Contact No : 9438200048 |

Sd./- Chief CSO-cum-District Manager, OSCSC Ltd., Keonjhar

**NOTICE INVITING TENDER**
**Office of Chief CSO / CSO-cum-District Manager**
**Odisha State Civil Supplies Corporation Ltd.**
**DISTRICT - KEONJHAR**
**(LEVEL-I)**
**TENDER No.: 3041** **Dated: 06/10/2025**
**Cost of Tender Document :- Rs.11800/- Inclusive of GST**
**Online Tenders are invited from eligible bidders for selection and appointment of level-I transport contractor for transporation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date **14/10/2025** Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 15/10/2025 At - 4.00 P.M. Place - O/o the Chief CSO-cum-District Manager, OSCSC Ltd., Keonjhar |
| 3 | Last date and time for **online** submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 5.00 P.M. dt.28/10/2025 |
| 4 | Date, time and venue for opening of Technical Bid by the Tender Committee | On dt 29/10/2025 at 11.00 A.M., Place : Mini Conference Hall, Collectorate, Keonjhar |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.30/10/2025 at 11.00 A.M. Place O/o Chief CSO-cum-District Manager, OSCSC Ltd., Keonjhar |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Venue of the opening of Technical & Financial Bids | At-O/o the Mini Conference Hall, Collectorate, Keonjhar |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender |
| 9 | Language of the Tender | The tender should be prepared by the bidder in English language only |
| 10 | Help Desk telephone no | (i) OSCSC Ltd. :- District Manager :- No. 9438200048 Account Head No. 9437201773 (ii) State Procurement Cell :- 0674-2530998 / 18003456765 |

Sd./- Chief CSO-cum-District Manager, OSCSC Ltd., Keonjhar
OIPR-07048/11/0010/2526

**ପୋଖରୀରେ ବୁଡ଼ି ଚାଷୀଙ୍କ ମୃତ୍ୟୁ**

ପବିତ୍ରନଗର,(ନିରୋଜ ପ୍ରଧାନ): କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ଲୋଧାଝରି ଗ୍ରାମର ଯୁବ ଚାଷୀ କାର୍ତ୍ତନ ବେହେରା (୪୫) ଶନିବାର ଗ୍ରାମ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ, କାର୍ତ୍ତନ ଓ ତାଙ୍କ ସ୍ତ୍ରୀ ଚାଷ କାର୍ଯ୍ୟ ପାଇଁ ବିଲକୁ ଯାଇଥିଲେ। ଫେରିବା ବେଳେ ପୋଖରୀକୁ ଫେରି କାର୍ତ୍ତନ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ଗାଁ ଲୋକ ପୋଖରୀରେ କାର୍ତ୍ତନଙ୍କ ମୃତଦେହ ଭାସୁଥିବା ଦେଖି ପରିବାରକୁ ଜଣାଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। କଣିହାଁ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



# ରୋଗୀ ସେବା ଦାବିରେ କ୍ରିୟାନୁଷ୍ଠାନ କମିଟି ବୈଠକ

ତାଳଚେର,୧୧।୧୦ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ହାଟତୋଟାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ପଦ୍ମ ଚରଣ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଠାରେ ରୋଗୀ ସେବା ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପରେ ଆଲୋଚନା କରାଯାଇଥିଲା। ଏଥିରେ ସମ୍ପାଦକ ବିଜୟ ପ୍ରଧାନ, ଦିଗାମ୍ବର ଗଡ଼ନାୟକ, ଚୈତନ୍ୟ ପ୍ରଧାନ, କେଶବ ଭୂତିଆ, ପ୍ରହ୍ଲାଦ ସାହୁ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ଦାସ, ସୁକାନ୍ତ ଦାସ, ସଂଗ୍ରାମ କେଶରୀ କୁଅଁର, ବିଜୟ ମିଶ୍ର, ସବିତା ସିଂ, ପ୍ରମିଳା ପ୍ରଧାନ, ବିଚ୍ଛନ୍ଦ ପ୍ରଧାନ ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ। ସରକାରଙ୍କ ଠାରେ ଦାବି ଉପସ୍ଥାପନା କରିବା ନିମନ୍ତେ ଆସନ୍ତା ୧୮ ତାରିଖ ପୂର୍ବାହ୍ନ ୧୦ଟାରେ ପବିତ୍ର ମୋହନ ମେଡିକାଲ କଲେଜ ପ୍ରାଙ୍ଗଣରେ ଉପସ୍ଥିତ ରହିବା ନିମନ୍ତେ ସମସ୍ତ ସଦସ୍ୟାସଦସ୍ୟଙ୍କୁ ଆହ୍ୱାନ ଦିଆଯାଇଥିଲା।

# କନ୍ୟା ଜୀବନର ଆଲୋକ, ଭବିଷ୍ୟତର ଆଶା



ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ଅତିଥିଙ୍କ ସହ କୃତୀ କନ୍ୟାମାନେ।

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ଅନୁଗୋଳ,୧୧।୧୦ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଅଧ୍ୟକ୍ଷତା କରିବା ସହ କନ୍ୟା ହେଉଛି ଘରର ଖୁସି, ଜୀବନର ଆଲୋକ ଓ ଭବିଷ୍ୟତର ଆଶା ବୋଲି ମତବ୍ୟକ୍ତ କରିଥିଲେ। ତେଣୁ କନ୍ୟାଙ୍କ ସୁରକ୍ଷା, ଶିକ୍ଷା ଓ ସମ୍ମାନ ପାଇଁ ପଦକ୍ଷେପ ନେବା ସହ ସମ୍ମାନ ଓ ସ୍ନେହ ଦେଇ ସ୍ୱପ୍ନକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତିରେଖା ଦତ୍ତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା କାର୍ଯ୍ୟକ୍ରମ ଅଧିକାରୀ, ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ ଏବଂ କିଶୋରୀ ବାଳିକା ଉପସ୍ଥିତ ଥିଲେ। ୧୦୫ ଜଣ ବାଳିକା ବିଭିନ୍ନ ବିଭାଗରୁ ଭାଗ ନେଇଥିଲେ। ଏହି ଅବସରରେ କିଶୋରୀ ବାଳିକାଙ୍କ ମଧ୍ୟରେ କୁଇଜ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲା ମହିଳା ସଶକ୍ତୀକରଣ କେନ୍ଦ୍ରର କର୍ମଚାରୀ ସହଯୋଗ କରିଥିଲେ। ଜିଲା ସୁରକ୍ଷା ଅଧିକାରୀ ଦ୍ରୌପଦୀ ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଦୋକାନୀଙ୍କୁ ନୋଟିସ, ଲାଇସେନ୍ସ ବାତିଲ ଚେତାବନୀ

ଅନୁଗୋଳ,୧୧।୧୦(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହର ଭିତରେ ପୌରପାଳିକାର ଶତାଧିକ ଦୋକାନ ଘର ରହିଛି। ତେବେ ଦୋକାନ ନେଲା ପରେ ଅନେକ ଦୋକାନୀ ଦୋକାନ ଘରର ମୂଳ ଢାଞ୍ଚାକୁ ବଦଳାଇ କିଏ ଆଗକୁ ବଢ଼ାଉଛି ତ କିଏ ପଛକୁ ବଢ଼ାଉଛି। କେହି କେହି ଦୋକାନ ମଝିରେ କାନ୍ଥ ଉଠାଇ ଦୁଇ ଦୁଇଟି ଦୋକାନ ଘର କରିଛନ୍ତି। ଏସବୁ ବିରୋଧରେ ପୌରପାଳିକା ଏବେ ଆକ୍ସନ ମୁଡ୍‌କୁ ଓହ୍ଲାଇଛି। ଏହି କ୍ରମରେ ଶିମିଳିପଡ଼ା ପଞ୍ଚମୁଖୀ ମାର୍କେଟରେ ୨ ଦୋକାନୀଙ୍କୁ ସାତ ଦିନର ମହଲତ ଦିଆଯାଇଛି। ଏହି ସମୟ ମଧ୍ୟରେ ମୂଳଭିତ୍ତି ପୂର୍ବାବସ୍ଥାକୁ ନ ଆଣିଲେ ଦୋକାନ ସିଲ୍ ସହ ଲାଇସେନ୍ସ ବାତିଲ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟ ମାର୍କେଟରେ ଏଭଳି ବେଆଇନ କାର୍ଯ୍ୟ ବିରୋଧରେ ପର୍ଯ୍ୟାୟକ୍ରମେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ ପ୍ରକାଶ କରିଛନ୍ତି।

# ଶିଶୁଙ୍କୁ ଉତ୍ତମ ପୋଷଣ ଦେବାକୁ ପରାମର୍ଶ



୮ମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଉଛି।

ଅନୁଗୋଳ,୧୧।୧୦(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ୮ମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ପାଳନ କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତିରେଖା ଦତ୍ତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୁଖ ଯୋଗଦେଇ ମେଦବହୁଳତାର ସମାଧାନ ପାଇଁ ଖାଦ୍ୟରେ ଚିନି, ଲୁଣ ଏବଂ ତେଲର ବ୍ୟବହାର କମ କରିବା, ଆଦ୍ୟ ଶିଶୁଙ୍କ ଶୈଶବ ଅବସ୍ଥାରେ ଯତ୍ନ ଓ ଶିକ୍ଷା ଜରିଆରେ ଶୂନରୁ ୩ ବର୍ଷ ଶିଶୁଙ୍କ ବୌଦ୍ଧିକ ବିକାଶକୁ ପ୍ରାଧାନ୍ୟ ଦେବା, ଶିଶୁଙ୍କୁ ଉତ୍ତମ ପୋଷଣ ସହ ଶିକ୍ଷା ପ୍ରଦାନ କରିବା, ସ୍ତନ୍ୟପାନ ଓ ଠିକ ଖାଦ୍ୟାଭ୍ୟାସ ବିଷୟରେ ସଚେତନ କରାଇବା, ଗର୍ଭବତୀ ମା' ଓ ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା ପାଇଁ ମହିଳାମାନଙ୍କ ସହ ପୁରୁଷମାନଙ୍କ ସହଭାଗିତାକୁ ପ୍ରାଧାନ୍ୟ ଦେବା ଆଦି ବିଷୟରେ ଆଲୋଚନା କରିଥିଲେ। ଏଥିରେ ପୋଷଣର ସମସ୍ତ କର୍ମଚାରୀ, ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ଏହି ପୋଷଣ ମାସରେ ବେଷ୍ଟ ସିଡିପିଓ, ସୁପରଭାଇଜର ଏବଂ ଜିଲାସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସଫଳ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ କେ.ଜି. ରୁପା ଅଳଙ୍କାରରେ ବିଭୂଷିତା ମା' ଲକ୍ଷ୍ମୀ

ସନ୍ତ୍ରିଛକ,୧୧।୧୦(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳରେ ମା' ପଦ୍ମାଳୟାଙ୍କ ପୂଜା ଆଡ଼ମ୍ବରରେ ପାଳିତ ହେଉଛି। ପ୍ରତି ସନ୍ଧ୍ୟାରେ ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଗହଳି ଲାଗୁଛି। ଲକ୍ଷ୍ମୀ ବଜାର ଡେଲି ମାର୍କେଟ ପୂଜା କମିଟି ଚଳିତବର୍ଷ ୨୫ବର୍ଷରେ ପଦାର୍ପଣ କରିଥିବା ବେଳେ ମା'ଙ୍କ ଠାରେ ୧୦ କେଜି ଓଜନର ରୁପା ଅଳଙ୍କାର ଲାଗି କରାଯାଇଛି। ଭକ୍ତମାନେ ମା'ଙ୍କ ସୁସଜ୍ଜିତ ବେଶ୍ ଦର୍ଶନ କରିବା ସହ ଖେଚୁଡ଼ି ପ୍ରସାଦ ସେବନ କରୁଥିବା ପୂଜା କମିଟି ସଭାପତି ଅଭୟ କୁମାର ସେନାପତି କହିଛନ୍ତି। ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ଅକ୍ଷୟ କୁମାର ସାହୁ ପ୍ରକାଶ କରିଛନ୍ତି। ଡେଲି ମାର୍କେଟର ସୁଶୀଲ କୁମାର ନାଥ, ପ୍ରମୋଦ କୁମାର ସାହୁ, ଖଗେଶ୍ୱର ପରିଡା, ସର୍ବି ହୁସେନ, ସାଧାଂଶୁ ବିଶ୍ୱାଳ, ନରେଶ ମହାପାତ୍ର ଓ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।



# ଆୟ ଦ୍ୱିଗୁଣିତ କରିବାକୁ ଚାଷୀଙ୍କୁ ପରାମର୍ଶ



କୃଷି ବିଭାଗର ଯୋଜନା ଶୁଭାରମ୍ଭର ସିଧା ପ୍ରସାରଣ ଦେଖୁଛନ୍ତି ଜନପ୍ରତିନିଧି, ଚାଷୀ ଓ ଅନ୍ୟମାନେ।

ଅନୁଗୋଳ,୧୧।୧୦(ମାନସ ବିଶ୍ୱାଳ)

ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ନୂଆଦିଲ୍ଲୀଠାରେ କରିଥିବାବେଳେ ଏହାର ସିଧା ପ୍ରସାରଣ ଦେଖିବାର ବ୍ୟବସ୍ଥା ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ କରାଯାଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ଉମାଶଙ୍କର ମିଶ୍ର ଉପରୋକ୍ତ ୨ଟି ଯୋଜନା ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଚାଷୀମାନଙ୍କୁ ଡାଲି ଜାତୀୟ ଚାଷ ବୃଦ୍ଧି କରିବା ଏବଂ ଜମିକୁ ପଡିଆ ନ ରଖି କୃଷି, ଆନୁସଙ୍ଗିକ ବିଭାଗର ସହାୟତାରେ ନିଜ ଆୟକୁ ଦ୍ୱିଗୁଣିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ରର ଡ.ଦେବାଶିଷ ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, ଅନୁଗୋଳ ସମବାୟ ସମିତି ସମୂହର ଉପନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀ, ଏଲ୍‌ଡିଏମ୍ ଦୀପକ ମିଶ୍ର, ଏଡିଭିଓ ନିଗମାନନ୍ଦ ପାଢି, ଏୟୁସିସିବି ମ୍ୟାନେଜର ରୁଦ୍ର ମୋହନ ମିଶ୍ର, ଡିଆଇଓ (ଏନଆଇସି) ଅଭିଷେକ ସିଂହ ଏବଂ ୨୦୦ ଚାଷୀ ଯୋଗ ଦେଇଥିଲେ।

# ଘଣ୍ଟପଡ଼ାରେ ୨୨ ମଣ୍ଡପରେ ଲକ୍ଷ୍ମୀପୂଜା

ତାଳଚେର,୧୧।୧୦ (ମନୋଜ ନନ୍ଦ)

ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମରେ ମା' ଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ପାଳିତ ହେଉଛି। ସ୍କୁଲସାହି ଠାରୁ ଆରମ୍ଭ ହୋଇ ଗ୍ରାମ ଦୋଳ ଯାତ୍ରା ପଡିଆ ପର୍ଯ୍ୟନ୍ତ ୨୨ଟି ମଣ୍ଡପରେ ଧୁମ୍‌ଧାମରେ ପୂଜା କରାଯାଉଛି। ଘଣ୍ଟପଡ଼ା ସ୍କୁଲସାହି, ବରସାହି, ଶଅରସାହି, ଢାବା ମାର୍କେଟ, ମଣ୍ଡପସାହି, ବାଲିସାହି, ବଉଳଛକ, ଡିଅରସାହି, ମହାପାତ୍ର ସାହି, ନାକଟି ସାହି, ମହାନ୍ତି ସାହି, ବଡସାହି-କ ଓ ବଡ ସାହି-ଖ, ବନସାହି-ଗ, ହରିଜନ ସାହି, ନାଏକ ସାହି, ସାମନ୍ତ ସାହି-କ ଓ ସାମନ୍ତ ସାହି-ଖ, ଭଗବତ ସାହି ଆଦି ମଣ୍ଡପରେ ମହାଲକ୍ଷ୍ମୀଙ୍କ ଆରାଧନା କରାଯାଉଛି। ଅତ୍ୟାଧୁନିକ ଏଲଇଡି ଲାଇଟ ଯୋଗୁ ଗାଁ ଝଲସି ଉଠୁଛି। କେତେକ ପୂଜା ମଣ୍ଡପରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ସହ ଭାରତୀୟ ସୈନିକଙ୍କ ବୀରତ୍ୱର ଦୃଶ୍ୟ ପ୍ରଦର୍ଶନ କରାଯାଇ ଦର୍ଶକମାନଙ୍କୁ ବିମୋହିତ କରାଯାଉଛି। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଆସି ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଛନ୍ତି।





ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା' ଲକ୍ଷ୍ମୀ।

# ଗାଁ ସମସ୍ୟା ବୁଝିଲେ ବିଧାୟକ

ଆଠମଲ୍ଲିକ,୧୧।୧୦ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଶନିବାର ଦିନିକିଆ ଆଠମଲ୍ଲିକ ଗସ୍ତରେ ଆସି ଜାମୁଡୋଲି ପଞ୍ଚାୟତର ବିଭିନ୍ନ ଗ୍ରାମର ସମସ୍ୟା ବୁଝିଛନ୍ତି। ମୁଖ୍ୟତଃ ହାତୀ ଉପଦ୍ରବରୁ ରକ୍ଷା କରିବା, ମେଗା ପାନୀୟଜଳ ପ୍ରକଳ୍ପରୁ ଅତିଶୀଘ୍ର ପାନୀୟ ଜଳ ଯୋଗାଇ ଦେବା, ପ୍ରସିଦ୍ଧ ଶକ୍ତିପୀଠ ବିନିକେୟୀର ଉନ୍ନତୀକରଣ କରିବା, କୁଶାସିଙ୍ଗା ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ କରିବା, ରଥିପୁର ସ୍କୁଲକୁ ପୁନଃ ଚାଲୁ କରିବା ଆଦି ଦାବି ସହ ବିଭିନ୍ନ ଗ୍ରାମର ଚାଷୀଙ୍କ ସମସ୍ୟା, ଶିକ୍ଷା ଓ ଗମନାଗମନ ଉପରେ ଆଲୋଚନା କରିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ବ୍ଲକ ବିଜେଡି ସଭାପତି ମହେଶ୍ୱର ଦେହୁରୀ, ସରପଞ୍ଚ ପ୍ରଭାକର ପ୍ରଧାନ, ସମିତି ସଭ୍ୟ ଅଖିଳ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତ ରଞ୍ଜନ କର୍ଣ୍ଣଙ୍କ ସମେତ ବହୁ ଦଳୀୟ ସମର୍ଥକ ଉପସ୍ଥିତ ଥିଲେ।



ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ।

# କାଳୀୟଦଳନରେ ମର୍ମାହତ ମହାରାଜ କଂସ



ମହାରାଜ କଂସଙ୍କ ସହ ମୁଖ୍ୟ ଅତିଥି କଂଗ୍ରେସ ନେତା ସୁର ରାଉତରାୟ ଓ ଅନ୍ୟମାନେ।

## ଖଣ୍ଡହତା-ପିପଲବାହାଲ ଗଜଲକ୍ଷ୍ମୀ ପୂଜାର ପଞ୍ଚମ ଦିବସ

ବଇଣ୍ଡା,୧୧।୧୦(ପରିକ୍ଷିତ ସାହୁ)

ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ କିଶୋରନଗର ବ୍ଲକ ଖଣ୍ଡହତା-ପିପଲବାହାଲ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ଧନୁଯାତ୍ରା କାର୍ଯ୍ୟକ୍ରମର ପଞ୍ଚମ ଦିବସରେ କୃଷ୍ଣଙ୍କ କାଳୀୟଦଳନରେ ମହାରାଜ କଂସ ମର୍ମାହତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ମହାରାଜ ପାତ୍ରମନ୍ତ୍ରୀଙ୍କ ସହିତ ବିଚାରବିମର୍ଶ କରିଛନ୍ତି। ଦେବର୍ଷି ନାରଦଙ୍କ ପରାମର୍ଶରେ ରଙ୍ଗସଭା ଆୟୋଜନ ପାଇଁ ସେ ପ୍ରସ୍ତୁତ ହେଉଛନ୍ତି। କଂସଙ୍କ ଏହି ଦରବାରରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ, ରାଜଅତିଥି ଭାବେ ଜିଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନ, ସାମାଜିକ କର୍ମୀ ତଥା ଚଳଚ୍ଚିତ୍ର ପ୍ରଯୋଜକ ସୁରେନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ନାୟକ, ନବ କିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଭାରତ ଗୌରବ ଦାଶଙ୍କ ନିର୍ଦ୍ଦେଶନାରେ ଫୋକାଲ ଅନୁଷ୍ଠାନର ଶିଶୁ କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଅଞ୍ଚଳର ବିକାଶ ପାଇଁ ବିଶେଷ ଦୃଷ୍ଟି ଦେବାକୁ ସୁର ରାଉତରାୟ କଂସ ମହାରାଜଙ୍କୁ ଅନୁରୋଧ କରିଥିଲେ। ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ମଞ୍ଚ ପରିଚାଳନା କରିଥିଲେ। ଏହି ଧନୁଯାତ୍ରା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପୂଜା କମିଟି ତରଫରୁ ସୂଚନା ଦିଆଯାଇଛି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ବଅଁରପାଳ,୧୧।୧୦ (ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗୋତମରା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅଚଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୋମନାଥ ହୋତା, ସିଆର୍‌ସିସି ସୁଜିତ ସୁମନ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩ଟି ସ୍କୁଲର ୧୧୦ଜଣ ସିନିୟର ଓ ଜୁନିୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। କ୍ଲଷ୍ଟର ଅଧୀନରେ ଥିବା ବିଭିନ୍ନ ସ୍କୁଲର ୩୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ପରିଚାଳନା କରୁଥିଲେ। ମୁଖ୍ୟ ଅତିଥି ଭାବେ କାନ୍ତିଲତା ସାହୁ, ମୁଖ୍ୟବକ୍ତା ପୁରନ୍ଦର ବିଶ୍ୱାଳ, ସ୍କୁଲ ସଭାପତି ସୁବ୍ରତ ବିଶ୍ୱାଳ, ଗୋତମରା ସରପଞ୍ଚ ମଣ୍ଟୁ ବରାହ, ପ୍ରବୀଣ କୁମାର ସେଠୀ, ଧୀରେନ୍ଦ୍ର ବେହେରା, ଚିତ୍ରସେନ ଭୋଇ, ଗୀତା ସିଂହ, ପ୍ରମୋଦ ରଞ୍ଜନ ବେହେରା, ବିକାଶ ଚନ୍ଦ୍ର ବେହେରା, ଅଶୋକ କୁମାର ଦାସ, ଲକ୍ଷ୍ମୀରାଣୀ ଦେହୁରୀ, ସୁରେଶ ଚନ୍ଦ୍ର ନାଏକ, ଶୁଭସ୍ମିତା ଜେନା, ଲିପିଲେଖା ବେହେରା, ରଶ୍ମିତା ମହାକୁଡ଼, ନମିତା ମିଶ୍ର, ଗୀତାଞ୍ଜଳି ସାହୁ ଯୋଗ ଦେଇଥିଲେ। ସିଆରସିସି ସୁଜିତ ସୁମନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ହାତୀ ଆତଙ୍କ, ଭୟରେ ଗ୍ରାମବାସୀ

ଅନୁଗୋଳ,୧୧।୧୦ (ମାନସ ବିଶ୍ୱାଳ)



ଅନୁଗୋଳ ସହର ପାଖ ଛାଡୁନାହାନ୍ତି ହାତୀପଲ। ଗତ ମାସେ ହେବ ସହର ନିକଟବର୍ତ୍ତୀ ଗାଁଗୁଡିକରେ ପ୍ରାୟ ୪୫ ଟିକିଆ ହାତୀପଲ ଘୂରି ବୁଲିବା ସହ ବ୍ୟାପକ ଫସଲ ନଷ୍ଟ ସହ ଘର ଭାଙ୍ଗୁଛନ୍ତି। ଫଳରେ ହାତୀଙ୍କୁ ନେଇ କାଙ୍ଗୁଲା , ବେନ୍ତପୁର , ଆଙ୍କୁଲା, ଗୋପୀନାଥପୁର, ବାରସିଙ୍ଗା ଆଦି ଗାଁ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

ସୂଚନା ଅନୁଯାୟୀ, ଏବେ ଧାନ ପାଚିବାକୁ ଯାଉଥିବା ବେଳେ ହାତୀପଲଙ୍କୁ ଏହା ଆକର୍ଷିତ କରୁଛି। ଫଳରେ ହାତୀମାନେ ବିଲରେ ପଶି ବ୍ୟାପକ ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଫଳରେ ଭଲ ଅମଳ ପାଇଁ ଲକ୍ଷ୍ୟ ରଖିଥିବା ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଶନିବାର ହାତୀପଲ ବେନ୍ତପୁର ବାରସିଂହା ନେଇ ଯାଇଥିବା ଜାତୀୟ ରାଜପଥ ବାଇପାସ ନିକଟବର୍ତ୍ତୀ ଅଞ୍ଚଳରେ ରହିଛନ୍ତି। ବେନ୍ତପୁର ଗାଁର ବିବେକାନନ୍ଦ ରଥଙ୍କ ୨ ଏକର, ମାନସୀ ରଞ୍ଜନ ସାହୁଙ୍କ ୧ ଏକର, ପାର୍ବତୀ ସେଠଙ୍କ ୧୫ ଗୁଣ୍ଠ, ତ୍ରିଲୋଚନ୍ ପରିଡାଙ୍କ ୧୦ ଗୁଣ୍ଠ, ସମ ରଥଙ୍କ ୧୨ ଗୁଣ୍ଠ, ପ୍ରତାପ କୁମାର ନାଥଙ୍କ ୨ ଏକର, ଅଭିରାମ ସେଠଙ୍କ ୧ ଏକର, ଭରତ ନାଥଙ୍କ ୧୭ ଗୁଣ୍ଠ, ରାଜଭୋଇଙ୍କ ୧୨ଗୁଣ୍ଠ, ଜଳେଶ୍ୱର ତ୍ରିପାଠୀଙ୍କ ପ୍ରାୟ ୧୫ ଗୁଣ୍ଠ ଧାନ ଫସଲ ହାତୀପଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳଟି ଅନୁଗୋଳ ବନଖଣ୍ଡ ଓ ତାଳଚେର୍ ବନଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଚାଷୀମାନେ ଅନୁକମ୍ପା ସହାୟତା କେଉଁଠାରୁ ପାଇବେ ସେ ନେଇ ସନ୍ଦେହ ଘେରରେ ରହିଛନ୍ତି। ସମସ୍ୟାର ସ୍ଥାୟୀ ପ୍ରତିକାର ଓ କ୍ଷୟକ୍ଷତି ପ୍ରଦାନ ପାଇଁ ଚାଷୀମାନେ ଦାବି କରିଥିଲା ବେଳେ ବନବିଭାଗ ପକ୍ଷରୁ ହାତୀ ପଲଙ୍କ ଉପରେ ନଜର ରଖାଯାଇଥିବା ବନବିଭାଗ ସୂତ୍ରରୁ ଜଣା ପଡିଛି। ଅନୁଗୋଳ ଡିଏଫ୍‌ଓ ନୀତୀଶ କୁମାର କହିଛନ୍ତି, କ୍ଷୟକ୍ଷତି ଆକଳନ କରାଯାଇ ସ୍ୱତନ୍ତ୍ର ଭାବେ ଅନୁକମ୍ପା ଶିବିର ମାଧ୍ୟମରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅନୁକମ୍ପା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।

## ୨୩ ବର୍ଷରୁ କମ୍ ସି.କେ. ନାୟିଡୁ ଟ୍ରଫି
# ଓଡ଼ିଶା ଟିମ୍‌ରେ ଅନୁଗୋଳର ୩ ଖେଳାଳି

ଅନୁଗୋଳ,୧୧।୧୦(ଦିବ୍ୟଶାନ୍ତନୁ ନାଥ)

୨୩ ବର୍ଷରୁ କମ୍ ସି.କେ. ନାୟିଡୁ ଟ୍ରଫି ଓଡ଼ିଶା ଟିମ୍‌ର ୧୫ ଜଣିଆ ଖେଳାଳି ତାଲିକା ଘୋଷଣା କରାଯାଇଛି। ଏଥିରେ ଅନୁଗୋଳର ୩ ପ୍ରତିଭା ସମ୍ପନ୍ନ ଖେଳାଳି ଶଶାଙ୍କ ପାନାକଲ, ଶ୍ରେୟାଂଶ ଭରଦ୍ୱାଜ






ଏବଂ ଆୟୁଷ ବାରିକ ସ୍ଥାନ ପାଇଛନ୍ତି। ଏହି ୩ ଖେଳାଳି ଗତ ରାଜ୍ୟସ୍ତରୀୟ ବିଭିନ୍ନ ଟୁର୍ନାମେଣ୍ଟରେରେ ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟିକୁ ଆସିଥିଲେ। ସେମାନଙ୍କ ସଫଳତା ପାଇଁ ଅନୁଗୋଳ କ୍ରିକେଟ ଆସୋସିଏଶନ ସଭାପତି ପ୍ରତାପ ପ୍ରଧାନ, ଉପସଭାପତି ପ୍ରଭାତ କୁମାର ସିହ୍ନା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ୯ ମଣ୍ଡପରେ ବିରାଜିଛନ୍ତି ମା' ଗଜଲକ୍ଷ୍ମୀ




ଛେଣ୍ଡିପଦା,୧୧।୧୦(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ୍ କୋଶଳା ଗ୍ରାମର ଚନ୍ଦନନଗରଠାରୁ ଶିମିଳିସାହି ପର୍ଯ୍ୟନ୍ତ ୯ ମଣ୍ଡପରେ ମା'ଲକ୍ଷ୍ମୀଙ୍କ ପୂଜା କରାଯାଉଛି। ଚନ୍ଦନନଗର ଲକ୍ଷ୍ମୀପୂଜା କମିଟି, ମେଡିକାଲ ଛକ, ଲକ୍ଷ୍ମୀପୂଜା କମିଟି, ଲକ୍ଷ୍ମୀବଜାର, ଦୁର୍ଗା ବଜାର ଛକ, ହାଇସ୍କୁଲ ଛକ, ଗୋଚ୍ଛାୟତ ସାହି, ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣ ଓ ଶିମିଳି ସାହି ଲକ୍ଷ୍ମୀପୂଜା କମିଟି ପକ୍ଷରୁ ମଣ୍ଡପରେ ମା'ଙ୍କ ଆରାଧନା କରାଯାଉଛି। ପୂଜା ଦେଖିବାକୁ ଅପରାହ୍ନ ଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଆକର୍ଷଣୀୟ ସାଜସଜ୍ଜା ସହ ଅତ୍ୟାଧୁନିକ ଏଲ୍‌ଇଡି ଲାଇଟ୍ ଯୁକ୍ତ ସୁଉଚ୍ଚ ବିଦ୍ୟୁତ୍ ତୋରଣ ଯୋଗୁ ଗ୍ରାମ ଝଲସି ଉଠୁଛି। ମେଡିକାଲ ଛକରେ ଥିବା ମଣ୍ଡପରେ କେବଳ ସ୍ଥାନୀୟ ମହିଳାଙ୍କ ଦ୍ୱାରା ପୂଜା ପରିଚାଳନା ହେଉଛି। ୧୧ଦିନ ବ୍ୟାପି ଚାଲୁଥିବା ଏହି ଗଣପର୍ବକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେକ କମିଟି, ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି।

# ସିପିପି ହଟିଂ ପରିଦର୍ଶନ କଲେ ପୂର୍ବତନ ଏମ୍‌ପି

ବଅଁରପାଳ,୧୧।୧୦(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ସିପିପି ପ୍ଲାଣ୍ଟ ସମ୍ମୁଖ ଆଦିବାସୀ ବସ୍ତି ଉଚ୍ଛେଦ ଖବରପାଇ ଶନିବାର ପୂର୍ବତନ ଏମ୍‌ପି ତଥା ବିଜେଡି ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ସେଲ୍ ଆବାହକ ମହେଶ ସାହୁ ଏଠାରେ ପହଞ୍ଚିଥିଲେ। ବସ୍ତି ମୁଖିଆ ସର୍ଦ୍ଦାର ସିଂଙ୍କ ସମେତ ସମସ୍ତ ବାସିନ୍ଦା ସାହୁଙ୍କୁ ସ୍ୱାଗତ କରିଥିଲେ। ପରେ କ୍ଲବ ଘରଠାରେ ଏକ ବୈଠକରେ ସମସ୍ତେ ସାମିଲ ହୋଇଥିଲେ। ପୂର୍ବତନ ଏମ୍‌ପି ସାହୁ ବସ୍ତିବାସିନ୍ଦାଙ୍କ ଜୀବନ ଜୀବିକା ସ୍ୱାସ୍ଥ୍ୟ, ଶିକ୍ଷା, ସରକାରୀ ଯୋଜନା, ମିଳୁଥିବା ସିବିଧା ସୁଯୋଗ ଏବଂ ସମସ୍ୟା ସମ୍ପର୍କରେ ବୁଝିବା ସହ ବସ୍ତି ଉଚ୍ଛେଦ ସମ୍ପର୍କରେ ପଚାରିଥିଲେ। କିନ୍ତୁ ସେମିତି କିଛି ଖବର ନ ଥିବା ବସ୍ତିବାସିନ୍ଦା ସାହୁଙ୍କୁ ଅବଗତ କରାଇଥିଲେ। ଜିଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାଏକ, ଯୁବନେତା ରାଜୀବ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ...

ଡାକ୍ତରୀ ଶିକ୍ଷା ଅନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି। ଏହି ଘଟଣା ୨୦୨୪ ଅଗଷ୍ଟ ୯ରେ କୋଲକାତାସ୍ଥିତ ଆର୍‌.ଜି. କଲେଜ ମେଡିକାଲ କଲେଜରେ ଜଣେ ପୋଷ୍ଟଗ୍ରାଜୁଏଟ୍ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ସ୍ମୃତିକୁ ଉଜ୍ଜୀବିତ କରିଛି। ଆର୍‌.ଜି. କର ଘଟଣା ପରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିବା ସହ କ୍ୟାମ୍ପସ୍ ସୁରକ୍ଷାରେ ସଂସ୍କାର ପାଇଁ ଦାବି ଉଠିଥିଲା। କିନ୍ତୁ ଏହାର ୧୪ ମାସ ପରେ ପୁନର୍ବାର ରାଜ୍ୟର ଏକ ଘରୋଇ ମେଡିକାଲ କଲେଜରେ ଜଣେ ଛାତ୍ରୀ ବଳାତ୍କାରର ଶିକାର ହେବା ମମତା ବାନାର୍ଜୀ ସରକାରଙ୍କ ଅପାରଗତାକୁ ପଦାରେ ପକାଇଥିବା ବିରୋଧୀ ଭାଜପା ସମାଲୋଚନା କରିଛି। ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର Xରେ କହିଛନ୍ତି, ପଶ୍ଚିମବଙ୍ଗ ବଳାତ୍କାରୀ ଓ ଅପରାଧୀଙ୍କ ପାଇଁ ଚରାଭୂଇଁ ପାଲଟିଯାଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ଅମଳରେ ରାଜ୍ୟରେ ମହିଳାମାନେ ଆଦୌ ସୁରକ୍ଷିତ ନୁହନ୍ତି। ସେହିପରି ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଳବ୍ୟ ମଧ୍ୟ ମମତା ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ର ମମତା ସରକାର ବିରୋଧରେ ସ୍ଲୋଗାନ ଦେଉଥିବାବେଳର ଫଟୋ ଶେୟାର କରିଛନ୍ତି। ଅନ୍ୟପକ୍ଷେ ଏହି ପ୍ରସଙ୍ଗକୁ ନେଇ ରାଜନୀତି ନ କରିବାକୁ ବିରୋଧୀ ଦଳଗୁଡ଼ିକୁ ଟିଏମ୍‌ସି ପରାମର୍ଶ ଦେଇଛି।

ସେପଟେ ପୀଡ଼ିତାଙ୍କ ବାପା ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ସ୍ଥାନୀୟ ପୋଲିସ ସେମାନଙ୍କୁ ସହଯୋଗ କରୁନାହିଁ। ଘଟଣାରୁ ଧ୍ୟାନ ହଟାଇବାକୁ ଉଦ୍ୟମ ହେଉଛି। ଏପରି କି ତାଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ସେ ଅଭିଯୋଗ ଆଣିଛନ୍ତି। ଓଡ଼ିଶା ହୋଇଥିଲେ ଦୋଷୀଙ୍କ ବିରୋଧୀରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯାଇଥାନ୍ତା ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଅତ୍ୟନ୍ତ ନିନ୍ଦନୀୟ ଓ ପୀଡ଼ାଦାୟକ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ Xରେ ଏକ ପୋଷ୍ଟକରି କହିଛନ୍ତି, ଏହି ଖବର ଶୁଣି ସେ ଗଭୀର ମର୍ମାହତ। ଉକ୍ତ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମମତାଙ୍କ ନିକଟରେ ଦୃଢ଼ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନାକରିବା ସହ ପଶ୍ଚିମବଙ୍ଗର ବରିଷ୍ଠ ଅଧିକାରୀମାନଙ୍କ ସଙ୍ଗେ ଯୋଗାଯୋଗକରି ଆବଶ୍ୟକ ପଦକ୍ଷେପ ନେବାକୁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ବିବାଦରେ ଆଫଗାନ...

ନୁହେଁ ବୋଲି ଶନିବାର ବିରୋଧୀ ଦଳଗୁଡ଼ିକ କହିଛନ୍ତି। ଏଭଳି ଭେଦଭାବ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୁପ୍ ରହିବା ତାଙ୍କର ନାରୀ ଶକ୍ତି ସ୍ଲୋଗାନ୍‌ର ଫମ୍ପା ଆବାଜକୁ ପଦାରେ ପକାଇଥିବା ବିରୋଧୀ କହିଛନ୍ତି। ଏକ ସର୍ବସାଧାରଣ ଫୋରମ୍‌ରୁ ମହିଳା ଖବରଦାତାଙ୍କୁ ବାଦ୍‌ଦେବା ଘଟଣାରେ ପ୍ରଧାନମନ୍ତ୍ରୀଙ୍କର ଏହା ବିରୋଧରେ ଛିଡ଼ାହେବାକୁ ଦୁର୍ବଳ ବୋଲି ପ୍ରତ୍ୟେକ ଭାରତୀୟ ମହିଳାଙ୍କୁ ଜଣାଇଦେଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏଥିପାଇଁ ପ୍ରଧାନମନ୍ତ୍ରୀ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏଭଳି ଘଟଣା ଦେଶର ଅଧିକାଂଶ ଦକ୍ଷ ମହିଳାଙ୍କ ପ୍ରତି ଅପମାନ ବୋଲି ସେ କହିଛନ୍ତି। ଭାରତରେ ମହିଳା ସାମ୍ବାଦିକଙ୍କୁ ନିଷେଧ କରିବା ଘଟଣାକୁ ଭାରତ ସରକାର କିପରି ଗ୍ରହଣ କଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କର ଏଥିରେ କୌଣସି ଭୂମିକା ନ ଥିଲା ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆଫଗାନ ମନ୍ତ୍ରୀଙ୍କ ଗସ୍ତ ପାଇଁ ଦିଲ୍ଲୀରେ ଅବସ୍ଥାପିତ ମୁମ୍ବାଇର ଆଫଗାନ କନସୁଲ୍ ଜେନେରାଲ ନିର୍ଦ୍ଦିଷ୍ଟ ଖବରଦାତାମାନଙ୍କୁ ଆମନ୍ତ୍ରଣ କରିଥିଲେ। ଆଫଗାନ ଦୂତାବାସ ଭାରତ ସରକାରଙ୍କ କ୍ଷମତା ପରିସରରେ ଆସୁ ନ ଥିବା ମନ୍ତ୍ରଣାଳୟ ସଫେଇ ଦେଇଛି।

### ତାଲିବାନ୍‌ଙ୍କ ପାଇଁ...

ମାନଙ୍କର ବିବେକ ଥିଲେ, ସେମାନେ ସେଠାରୁ ଉଠି ଚାଲିଯାଇଥାନ୍ତେ କହି ତସ୍‌ଲିମା ସେମାନଙ୍କୁ ସମାଲୋଚନା କରିଛନ୍ତି। ଆଫଗାନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକିଙ୍କ ଖବରଦାତା ସମ୍ମିଳନୀରେ ମହିଳା ଖବରଦାତାଙ୍କୁ ଯୋଗଦେବା ଲାଗି ଅନୁମତି ମିଳି ନ ଥିଲା। ତାଲିବାନ୍ ଦ୍ୱାରା କାର୍ଯ୍ୟକାରୀ ଇସ୍‌ଲାମ ଅନୁଯାୟୀ, ମହିଳାମାନେ କେବଳ ଘରେ ରହି ପିଲାଙ୍କ ଯତ୍ନ ନେବା ସହ ସ୍ୱାମୀ ଓ ପିଲାମାନଙ୍କ ସେବା କରିବେ ବୋଲି ଆଶା କରାଯାଏ। ସେଠାର ସ୍ତ୍ରୀଦ୍ୱେଷୀ ପୁରୁଷମାନେ ମହିଳାଙ୍କୁ ଘର ବାହାରେ ଦେଖିବାକୁ ଚାହାନ୍ତି ନାହିଁ ବୋଲି ତସ୍‌ଲିମା କହିଛନ୍ତି।

### ମହାକାଶ ଯିବ...

ଟେକ୍ନୋଲୋଜି ମାଧ୍ୟମରେ ସୃଷ୍ଟି କରାଯାଇଥିବା ଏହି ମହିଳା ରୋବୋ ମହାକାଶରେ ତଥ୍ୟ ସଂଗ୍ରହ କରି ଇସ୍ରୋକୁ ପଠାଇବ। ମହାକାଶର ପରିବେଶ ମଣିଷଙ୍କ ଉପରେ କିଭଳି ପ୍ରଭାବ ପକାଇବ, ସେଠାରେ ମଣିଷ ଜୀବିତ ରହିପାରିବେ କି ନାହିଁ ସେ ସମ୍ପର୍କରେ ବ୍ୟୋମମିତ୍ର ମାଧ୍ୟମରେ ଅନୁଧ୍ୟାନ କରାଯିବ। ଏଥିସହ ସେଠାକାର ତାପମାତ୍ରା, ବାୟୁର ଚାପ, ଆର୍ଦ୍ରତା ସମ୍ବନ୍ଧୀୟ ତଥ୍ୟ ପୃଥିବୀ ପୃଷ୍ଠକୁ ପଠାଇବ ରୋବୋ। ସେହିପରି ଚନ୍ଦ୍ରୟାନ-୨ ପାଇଁ ମଧ୍ୟ ଆବଶ୍ୟକ ଯନ୍ତ୍ରାଂଶ ଏଠାରେ ତିଆରି କରାଯାଇଥିଲା ବୋଲି ସିଟିସି ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ସିଟିସି ପକ୍ଷରୁ ଏକ ଡକିଂ ଫାସିଲିଟି ମଧ୍ୟ ବିକଶିତ କରାଯାଉଛି, ଯାହାକୁ ଇସ୍ରୋ ମହାକାଶର କ୍ଲିନିଂ କାର୍ଯ୍ୟରେ ବ୍ୟବହାର କରିପାରିବ। ସିଟିସିର ଜେନେରାଲ ମ୍ୟାନେଜର ଏଲ୍. ରାଜଶେଖର କହିଛନ୍ତି, ସ୍ପେସ୍‌ରେ ଯେଉଁସବୁ ପୁରୁଣା ସାଟେଲାଇଟ ଘୂରିବୁଲୁଛି, ସେ ସବୁକୁ କ୍ଲିନ୍ କରିବା ପାଇଁ ଏହି ଡକିଂ ଫାସିଲିଟି ପ୍ରସ୍ତୁତ ହୋଇଛି। ଏହା ଚନ୍ଦ୍ରୟାନ ଲ୍ୟାଣ୍ଡିଂ କରିଥିବା ସ୍ଥାନ ଅନୁସାରେ ଏହାର ନାମ 'ଶିବଶକ୍ତି' ରହିଛି। ଏହି ଅତ୍ୟାଧୁନିକ ମେଶିନ ସ୍ପେସ୍ ଷ୍ଟେଶନରୁ ସମସ୍ତ ଅଦରକାରୀ ବା ପୁରୁଣା ସାଟେଲାଇଟ୍‌କୁ ସଂଗ୍ରହ କରିବ ବୋଲି ସେ କହିଛନ୍ତି। ସେହିପରି ସିଟିସିର ପ୍ରଡକ୍ସନ ମ୍ୟାନେଜର କେ. ବିଜୟ କୁମାର କହିଛନ୍ତି, ଇସ୍ରୋ ପାଇଁ ସିଟିସି ବହୁ ଦିନରୁ କାର୍ଯ୍ୟ କରୁଛି। ଏହି ଜିନିଷ ସବୁ ତିଆରି କରିବା ପାଇଁ ବହୁ କମ୍ପୋନେଣ୍ଟ୍‌ର ବ୍ୟବହାର କରାଯାଇଛି। ତେବେ ରୋବୋ 'ବ୍ୟୋମମିତ୍ର'ର ନିର୍ମାଣ କାର୍ଯ୍ୟ ଏକ ବର୍ଷ ହେବ ଆରମ୍ଭ କରାଯାଇଛି। ଏଥିରେ ୩ଡି ସହିତ ବହୁ ଆଧୁନିକ ଉପକରଣ ବ୍ୟବହାର କରାଯାଇଛି। ମହାକାଶରେ ରୋବୋ ସ୍କାନିଂ କରିବା ସହିତ ରାଡାରର ବ୍ୟବହାର କରିପାରିବ ବୋଲି ସେ କହିଛନ୍ତି।

---

**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**E-auction Notice (17.10.2025 - 195th & 196th E-auction)**
**IRON ORE CLO & FINES**

**No.CAD-1964** : The Odisha Mining Corporation Ltd. intends to sell various grades of Iron ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat), Roida 'C' & Dubuna - Sakradihi Iron and Manganese Mines of Barbil Region in Keonjhar District and Khandadhar/ Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 17.10.2025**. For details, please visit the website of MSTC i.e. www.mstcecommerce.com

OIPR-30005/11/0279/2526 — **Chief General Manager (S&M)**

---

**ODISHA MODEL TRIBAL EDUCATION SOCIETY (OMTES)**
**ST & SC DEVELOPMENT, M & BCW DEPARTMENT,**
**GOVERNMENT OF ODISHA**
**ADDENDUM**

No.CAD-An addendum to the Request for Proposal (RFP) No.865 dated 26.09.2025 has been uploaded on the official websites of ST & SC Development Department and OMTES, regarding the conduct of the 4th National EMRS Sports Meet, 2025, scheduled to be held in Sundargarh District from 11th to 15th November 2025.
For details of the Addendum, please visit website- www.omtes.org and http://stsc.odisha.gov.in.

OIPR-26009/11/0012/2526 **Sd./- Secretary, OMTES**

---

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୬୫ — **ବିଜ୍ଞାପନ** — ତା:୧୮।୯।୨୫

No. CAD-1983: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍.ଆଇ.ଜି.–୧–୬୩ (MIG-1-63), ସାମାଜିକ ଗୃହ ନିର୍ମାଣ ପ୍ରକଳ୍ପ, ଝାରସୁଗୁଡ଼ାରେ ଶ୍ରୀ ବିଭୂତି କୁମାର ତିୱାରୀ, ପିତା: ସୁଦିଶ ତିୱାରୀ, ଗ୍ରା: ଗୋଶାଳା ରୋଡ, ପୋ/ଥାନା/ଜିଲ୍ଲା: ଝାରସୁଗୁଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବିଭୂତି କୁମାର ତିୱାରୀ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଦଲଜିତ କଉର, ପିତା: ଚରଣ ସିଂ, ଗ୍ରା: ହାଉସିଂ ବୋର୍ଡ କଲୋନୀ, ପୋ: ଏକାତାଲୀ, ଥାନା/ଜିଲ୍ଲା: ଝାରସୁଗୁଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତେବେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0884/2526 — ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

---

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION NO.-II, KEONJHAR**
E-mail : eerw_kjr2@yahoo.com

**"e" Procurement Notice for Road Works**
No.O-959 **Identification No. Online NCB - 08/2025-26**

1 Name of the work : Road Works
2 Total Number of Work : 24 Nos.
3 Estimated Cost : Rs.5.08 Lakhs to Rs.52.54 Lakhs
4 Class of Contractor : 'D', 'C' & 'B' Class
5 Period of Completion : As per annexure of e-Procurement Notice No.08/2025-26
6 Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No.08 | Dt.15.10.25 at 11.00 A.M. | Dt.30.10.25 up to 5.00 P.M. | Dt.29.10.25 up to 5.00 P.M. | Dt.31.10.2025 at 11.00 A.M. |

Further details can be seen from the Website www.tenderorissa.gov.in

Sd./- Executive Engineer
OIPR-25093/11/0022/2526 — R.W.Divn. No.-II, Keonjhar

---

**GOVERNMENT OF ODISHA** No.B-592
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID : sepwdsbp@rediffmail.com
**e-Procurement**
**BID IDENTIFICATION NO. CCENC (R AND B) / 14 / 2025-26**
**No. 3703 Dtd. 06.10.2025**

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Road Work and Bridge Work** as detailed in the DTCN from the eligible class of contractors.
2. No. of works : **(02 Nos) (Road Works)**
3. Tender Cost : **Rs. 10,000/-**
4. Class of contractor : **"A" Class and "Special" Class**
5. Date & Time of available in website & receipt of Bids from **14.10.2025 to 17.00 hours of 29.10.2025.**
6. Date of opening of Technical Bid **30.10.2025 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

Sd./- Chief Construction Engineer
OIPR-34035/11/0047/2526 — Northern (R&B) Circle, Sambalpur

---

**GOVERNMENT OF ODISHA** No.MM-227
**OFFICE OF THE DIVISIONAL FOREST OFFICER**
**SUNDARGARH FOREST DIVISION**
Phone No.-06622-272243, E-mail:dfo.sundargarh@odisha.gov.in
Tender Notice.FE&CC/DFO(T) SNG/No.07/2025-26
**Tender Notice Call for Construction of Civil Work**
Office Order No.212 — Dated 09.10.2025

| | | | |
|---|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | | |
| 2 | Nature of Works | :- | Construction of Civil Work |
| 3 | Type of Works | :- | 1.Construction of Forest Guard Qtr. of Gaddwar Beat, Gopalpur Section, Gopalpur Range under Sundargarh Forest Division 2.Construction of Forest Guard Qtr. of Gambharidihi Beat, Ujalpur Section, Ujalpur Range under Sundargarh Forest Division. 3.Construction of Forester Qtr. at Gundiadihi in Lephripara Range under Sundargarh Forest Division |
| 4 | Tender Cost | :- | Rs.6000/- |
| 5 | Class of Contractor | :- | "D", "C" & Class Contractor |
| 6 | Availability of bid document in the Sundargarh portal i.e. **https://sundargarh.odisha.gov.in** | :- | From 10.00 AM of Dt.14.10.2025 to 5.00 P.M. of Dt.24.10.2025. |
| 7 | Date of Opening of Bid | :- | At 11.00 A.M. of Dt.27.10.2025 |
| 8 | The Bidders have to participate in OFFLINE bidding only. | | |

Sd./- Divisional Forest Officer
OIPR-08034/11/0024/2526 — Sundargarh Forest Division

---

**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା**
**ଘୋଷଣା**

**File No.PT1-COLKHD-LA-MISC-0076-2023**
**Declaration No-1408/LA/KHD/25, Dated 16.08.2025**

**No.XXXIII-21**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା–**ଭୁବନେଶ୍ୱର ସହର**, ୟୁନିଟ–୩୯, ଗାଡକଣ, ଥାନା–ନିଉ କ୍ୟାପିଟାଲ, ତହସିଲ–ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧାରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଳ ଷ୍ଟେସନ୍ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ଏ ୦.୧୩୫ ଡିସିମିଲି ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୫୩, ତା.୦୨.୦୯.୨୦୨୪ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା–**ଭୁବନେଶ୍ୱର ସହର** ୟୁନିଟ–୩୯ ଗାଡକଣ, ଥାନା–ନିଉ କ୍ୟାପିଟାଲ, ତହସିଲ–ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧାରେ ବିସ୍ଥାପିତ ପରିବାର ଥିବାରୁ ଅନୁମୋଦିତ ପୁନର୍ବାସ ଓ ଥଇଥାନ ସାରମର୍ମ ଏଥିସହ ସଂଲଗ୍ନ କରାଯାଇଅଛି। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ http://www.khordha.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି।

ତଫସିଲ–କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା–ଖୋର୍ଦ୍ଧା — ତହସିଲ–ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୌଜା–ଭୁବନେଶ୍ୱର ସହର ୟୁନିଟ–୩୯, ଗାଡକଣ | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ ୦.୩୩୦ ଡିସିମିଲ | ଏ ୦.୧୩୫ ଡିସିମିଲ | ଏଥି ସହିତ ସଂଲଗ୍ନ |

ତଫସିଲ–ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା–ଖୋର୍ଦ୍ଧା — ତହସିଲ–ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ– ୦୧.୦୯.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./–
ଜିଲ୍ଲାପାଳ, ଖୋର୍ଦ୍ଧା

**ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ**
(ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ)
ଜିଲ୍ଲା–ଖୋର୍ଦ୍ଧା, ତହସିଲ–ଭୁବନେଶ୍ୱର,
ମୌଜା–ଭୁବନେଶ୍ୱର ସହର ୟୁନିଟ ୩୯ ଗାଡକରଣ

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗାଡକଣ | ଭୁବନେଶ୍ୱର | ସହରାଞ୍ଚଳ | ୨୯୧୦ | ୪୧ | ଶାରଦ ଅଣ ଜଳ ସେଚିତ–୨ | ଏ. ୦.୨୦୦ ଡି. | ଏ ୦.୦୦୫ ଡି | ସୁନାକର ସାହୁ, ପି:ଡମେଇ ସାହୁ, ଜା: ତେଲି, ବା: ନିଜଗାଁ |
| | | | ୩୬୧୭ | ୪୨/ ୧୦୯୩୨ | ଘରବାରି | ଏ ୦.୦୬୦ ଡି | ଏ ୦.୦୬୦ ଡି | ରୋହିତାଶ୍ୱ ନାୟକ, ପି: ବିଶ୍ୱନାଥ ନାୟକ, ଜା:ଭୂୟାଁ, ବା:ନିଜଗାଁ |
| | | | ୨୯୧୦ | ୪୨/ ୧୧୧୨୩ | ଶାରଦ ଅଣ ଜଳ ସେଚିତ–୨ | ଏ ୦.୦୦୦୭ ଡି. | ଏ ୦.୦୦୦୭ ଡି. | ସୁନାକର ସାହୁ, ପି: ଡମେଇ ସାହୁ, ଜା: ତେଲି, ବା:ନିଜଗାଁ |
| | | | ୪୭୧୧ / ୩୦୨୪ | ୪୨/ ୧୧୧୨୩ /୧୪୩୯୦ | ଶାରଦ ଅଣ ଜଳ ସେଚିତ–୨ | ଏ ୦.୦୦୯୩ ଡି. | ଏ ୦.୦୦୯୩ ଡି. | ପ୍ରଫୁଲ୍ଲ କୁମାର ମଲ୍ଲିକ, ପି:ଧନେଶ୍ୱର ମଲ୍ଲିକ, ଜା:କଣ୍ଡରା, ବା: ପ୍ଲଟ ନଂ.ଏମଆଇଜି–୧ ୫୭/୨, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ପୋଷ୍ଟ/ଥାନା– ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା |
| | | | ୨୮୯୦ | ୪୨/ ୧୧୩୨୭ | ଶାରଦ ଅଣ ଜଳ ସେଚିତ–୨ | ଏ.୦.୦୬୦ ଡି. | ଏ ୦.୦୬୦ ଡି | ଜୟମାଳା ନାୟକ, ସ୍ୱା: ଭାବ ଭଞ୍ଜନ ନାୟକ, ହେମ ଗୌର ଚିନ୍ମୟ କୁମାର ନାୟକ, ଟୋମାସ ନାୟକ, ପି: ଭାବ ଭଞ୍ଜନ ନାୟକ, ଜା:ଗଣ୍ଡ, ବା: ସୁନାମୁହିଁ, ଥାନା–ଯଶିପୁର, ଜିଲ୍ଲା–ମୟୂରଭଞ୍ଜ ହା ବା:ନିଜଗାଁ |

ମୋଟ ଅଧିଗ୍ରହଣ ରକବା ଏ ୦.୧୩୫ ଡିସିମିଲ

OIPR-24381/14/0009/2526 — ସ୍ୱା./– ଭୂ–ଅର୍ଜନ ଅଧିକାରୀ, ଖୋର୍ଦ୍ଧା

---

**Government of Odisha** No.O-967
**"e" Procurement Notice**
**Letter No.3933, Dated 09.10.2025**
**Bid Identification No.TENDER ONLINE SNPR-03 OF 2025-26**

1. Name of the work: Building Works as per DTCN available in the website www.tendersodisha.gov.in
2. Total No. of Work: 02 (Two) Nos.
3. Approximate Estimated Cost : Vary from Rs.23.57 lakh to Rs.47.70 Lakh
4. Period of Completion: 06 (Six Calendar Months) to 9 (Nine Calendar Months)
5. Period and time of availability of bid document in the portal for bidding : 13.10.2025 at 11.00 AM to 24.10.2025 upto 5.00 PM.
6. Date and Time of Opening of Tender: 27.10.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the Officer inviting Bid : S.E.R.W. Division., Sonepur.

(1) Other details can be seen from detailed notice, (2) Inviting tenders,available in website www.tendersodishagov.in, (3) Corrigendum if any shall only be published in the website: www.tenderodisha.gov.in.

Sd./- Executive Engineer
OIPR-25054/11/0037/2526 — Rural Works Division, Sonepur

---

**"e" PROCUREMENT NOTICE REFERENCE NO-E.E.(A), MAYURBHANJ DIVISION, BARIPADA-03/25-26**

No.1792 — Date : 08.10.2025

**No.L-78** : Bid documents consisting of work, estimate cost, cost of Tender Papers, EMD/BID Security Declaration, Time of Completion, Class of Contractors and the set of term and conditions of contract and other necessary documents can be seen/downloaded from Govt. website i.e. https://tenderodisha.gov.in.

1. No. of work : 18
2. Estimate cost : Rs.2,25,764.00 To Rs.39,52,939.00
3. Period of completion : 60 days to 150 days
4. Date & time of availability of the Bid documents in the portal : Dt.13.10.2025 at 10.30 A.M. to Dt.24.10.2025 at 5.30 P.M.
5. Online Submission Last date in portal : Dt.24.10.2025 at 5.30 P.M.
6. Last date & time receipt of bids in offline drop : Dt.14.10.2025 at 10.30 A.M. to Dt.27.10.2025 at 5.30 P.M.
7. Bids received online shall be opened on : Dt.28.10.2025 at 11.00 A.M.
8. Name and address of the officer inviting Bids : Executive Engineer (Agril.) Mayurbhanj Division, Baripada

Further details can be seen/downloaded from the procurement portal i.e. https://tenderodisha.gov.in.

Sd./- Executive Engineer (Agril.)
OIPR-01474/11/0013/2526 — Mayurbhanj Division, Baripada

---

**OFFICE OF THE SORO MUNICIPALITY, SORO, BALASORE**
No. 4471 — Date: 10.10.2025

**"e" Procurement Notice**
**BID Identification No. SOROM_03_2025-26**

No. C-1257: Bid documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. **www.tendersodisha.gov.in**.

1. Name of the Work : Construction of Civil work as mentioned in DTCN
2. No. of Works : 02 Nos.
3. Estimated Cost : As per Work List
4. Period of Completion : 180 days
5. Date & time of availability of Bid documents in the portal : 13.10.25 at 10.00 A.M. to 22.10.25 upto 5.00 P.M.
6. Last date & time for receipt of bids in the portal : 22.10.2025 upto 05.00 P.M.
7. Technical Bid received online shall be opened on : 23.10.2025 at 10.00 A.M.
8. Financial Bid received online shall be opened on : 24.10.2025 at 10.00 A.M.
9. Name and address of the Officer Inviting Bid : Executive Officer, Soro Municipality

Further details can be seen from the procurement portal i.e. **www.tendersodisha.gov.in**.

Sd./- Executive Officer, Soro Municipality
OIPR-13166/11/0019/2526

---

**GOVERNMENT OF ODISHA** No.MM-225
**OFFICE OF THE DIVISIONAL FOREST OFFICER**
**SUNDARGARH FOREST DIVISION**
Phone No.-06622-272243, E-mail:dfo.sundargarh@odisha.gov.in
Tender Notice.FE&CC/DFO(T) SNG/No.08/2025-26
**Tender Notice Call for Construction of Civil Work**
Office Order No.214 — Dated 09.10.2025

| | | | |
|---|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | | |
| 2 | Nature of Works | :- | Construction of Civil Work |
| 3 | Type of Works | :- | 1.Excavation of Large Water Body (50x40x3 mtr) at Garjanpahad RF near Khutipani village of Kodbahal Section in Hemgir Range under Sundargarh Forest Division. 2.Excavation of Large Water Body (50x40x3 mtr) at Garjanpahad RF near Ostali village of Hemgir Section in Hemgir Range under Sundargarh Forest Division. 3.Excavation of Large Water Body (50x40x3 mtr) at Pankipahad RF near Pithampur village of Topria Section in Gopalpur Range under Sundargarh Forest Division |
| 4 | Tender Cost | :- | Rs.6000/- |
| 5 | Class of Contractor | :- | "D" & "C" Class Contractor |
| 6 | Availability of bid document in the Sundargarh portal i.e. **https://sundargarh.odisha.gov.in** | :- | From 10.00 AM of Dt.17.10.2025 to 5.00 P.M. of Dt.27.10.2025. |
| 7 | Date of Opening of Bid | :- | At 11.00 A.M. of Dt.30.10.2025 |
| 8 | The Bidders have to participate in OFFLINE bidding only. | | |

Sd./- Divisional Forest Officer
OIPR-08034/11/0022/2526 — Sundargarh Forest Division

---

**ODISHA LIFT IRRIGATION CORPORATION LTD.**
(A GOVERNMENT OF ODISHA UNDERTAKING)
PLOT NO. 17/2, NAYAPALLI, BHUBANESWAR- 12
Phone No. : (0674) 2390195 (Off), Fax No. : (0674) 2395844,
E-mail ID : olicltd123@bsnl.in, olicltd@ymail.com

**REQUEST FOR PROPOSAL (e-Tender)**
**RFP Advt. No. IT-25/2025/8359/OLIC, Dated : 09.10.2025**

**No.CAD-1986** : Request for Proposals are Invited from Eligible Bidders for "Selection of Recruitment Agency to conduct Computer Based Test (CBT) for Recruitment of different Posts for and on behalf of 'Odisha Lift Irrigation Corporation Limited' .The tender document with all information relating to the tender process, including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website http//:odishalift.com and www.tendersodisha.gov.in

| | | |
|---|---|---|
| 1 | Availability of RFP document | From Date 10.10.2025 at 11.00 AM Downloadable from website: http//:odishalift.com and www.tendersodisha.gov.in |
| 2 | Pre-Bid Meeting | On Date 18.10.2025 at 16:00 Hours at OLIC Conference Hall. |
| 3 | Last date and time for online Submission of completed proposal. | Through e-Procurement Portal: <www.tendersodisha.gov.in> Dt. 01.11.2025 up-to 17:00 Hours. |
| 4 | Date, time and venue for opening of Technical Proposal & Pre-qualification Evaluation | On dt. 03.11.2025 at 11:30 Hours at OLIC Head Office |
| 5 | Technical Presentation by the prequalified Bidders only | Shall be communicated to such bidders only via e-mail. |
| 6 | Date & time of Financial Bid opening (Only of Technically Qualified Bidders) | To be announced after technical bid evaluation. |
| 7 | Place of opening of Technical & Financial Bids | Odisha Lift Irrigation Corporation Ltd., Plot No. N-17/2, Nayapalli, Bhubaneswar 751012 |

Any amendment in the tender document due to decision in pre-bid meeting/extension of bid if any shall only be notified in the websites mentioned above. The authority reserves the right to cancel any or the entire selection process, may increase or decrease the quantity without assigning any reason thereof.

Sd./- Managing Director
OIPR-32135/11/0064/2526 — OLIC Ltd, Bhubaneswar

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଏମ ବିର୍ଲା ହାର୍ଟ ହସ୍ପିଟାଲର ସଫଳତା




**ଭୁବନେଶ୍ୱର,୧୧।୧୦**

ବିଏମ ବିର୍ଲା ହାର୍ଟ ହସ୍ପିଟାଲ ପୂର୍ବ ଭାରତରେ ପ୍ରଥମ କେନ୍ଦ୍ର ଭାବେ ଡୁଆଲ-ଚାମ୍ବର୍ ଲିଡ୍‌ଲେସ୍ ସଫଳତାର ସହ ପ୍ରତ୍ୟାରୋପଣ କରିଛି। ଡାକ୍ତର ଅନିଲ ମିଶ୍ରଙ୍କ ନେତୃତ୍ୱରେ ଏହି ଅଭିନବ ଏଭେଇର୍ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଭିଟାମିନ କ୍ୟାପସୁଲ୍ ଆକାରର ଏହି ବେତାର ପେସମେକର୍ ଅପେକ୍ଷାକୃତ କମ୍ ବିପଦପୂର୍ଣ୍ଣ, ୧୮-୨୦ ବର୍ଷ ଆୟୁଷ ଓ ରୋଗୀଙ୍କୁ ଶୀଘ୍ର ଆରୋଗ୍ୟ ପ୍ରଦାନ କରିବ। ଏହା ହୃଦରୋ ଚିକିତ୍ସାରେ ଏକ ବିପ୍ଳବ ବୋଲି ହସପିଟାଲ ପକ୍ଷରୁ କୁହାଯାଇଛି।

## ମନେ ପଡ଼ନ୍ତି

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଜଚିନ୍ଦ୍ର କୁମାର ରାୟ
କିଡିକାରସ୍ଥାଁଲୋ, ଭିଙ୍ଗାରପୁର, ଖୋର୍ଦ୍ଧା
ଆବିର୍ଭାବ - ୨୭/୦୨/୧୯୬୮ ● ତିରୋଧାନ - ୧୯/୧୦/୨୦୧୯
ଆଜିର ଏହି ପୁଣ୍ୟତିଥିରେ ଆମେ ସମସ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ତୁମର ଅମର ଆତ୍ମାର ସଦ୍‌ଗତି ଲାଭ କରୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ବାପା, ବୋଉ, ସ୍ତ୍ରୀ-ରିତା, ପୁଅ, ଝିଅ, ଭାଇ, ଭାଉଜ ତଥା ବନ୍ଧୁ ଓ ପରିବାରବର୍ଗ
ଧ-୨୨୪୬

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ବସନ୍ତ କୁମାର ଦାସ
ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୦୧।୦୨।୧୯୪୬
ତିରୋଧାନ: ୦୫।୧୧।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କୁ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୨୪୭

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ମାଲାବାରର ହୀରା ଅଳଙ୍କାର ପ୍ରଦର୍ଶନୀ




**ଭୁବନେଶ୍ୱର,୧୧।୧୦(ଅନୁରାଧା ମହାରଣା)**

ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଷ୍ଟୋରରେ ହୀରା ଅଳଙ୍କାର ପ୍ରଦର୍ଶନୀ ଶନିବାର ଆରମ୍ଭ ହୋଇଛି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀକୁ ଅଭିନେତ୍ରୀ ପ୍ରିୟଙ୍କା ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ମାଲାବାରର ସବ୍‌ବ୍ରାଣ୍ଡ 'ମାଇନ୍ ଡାଇମଣ୍ଡସ୍'ରୁ ଉତ୍କୃଷ୍ଟ ଡିଜାଇନ ଏଠାରେ ପ୍ରଦର୍ଶନ କରାଯାଇଛି। ହୀରା ହାର, ମୁଦି,କାନଫୁଲ, ନାକଫୁଲ, ବାଙ୍ଗେଲ ଆଦି ସ୍ୱତନ୍ତ୍ର ଡିଜାଇନ ସହ ଏଠାରେ ଉପଲବ୍ଧ ରହିଛି। ଧନ୍‌ତେରସ୍ ଏବଂ ଦୀପାବଳି ଅବସରରେ ମାଲାବାର ପକ୍ଷରୁ ଗ୍ରାହକମାନଙ୍କୁ ସୁନା, ମୂଲ୍ୟବାନ୍ ପଥର ଏବଂ ଅନ୍‌କଟ୍ ହୀରା ଅଳଙ୍କାରର ନିର୍ମାଣ ଚାର୍ଜ ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏସ୍‌ବିଆଇ କ୍ରେଡିଟ୍ କାର୍ଡଧାରୀଙ୍କୁ ୨୫୦୦ ଟଙ୍କା କ୍ୟାଶ୍ ବ୍ୟାକ୍ ପ୍ରଦାନ କରୁଛି। 'ମାଲାବାର'ର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, ଚନ୍ଦ୍ରଶେଖରପୁରରେ ହୀରା ଅଳଙ୍କାର ପ୍ରଦର୍ଶନୀ ଆରମ୍ଭକରି ଖୁବ୍ ଆନନ୍ଦିତ। ଗ୍ରାହକଙ୍କ ପାଇଁ ଏକ ଉତ୍କୃଷ୍ଟ ହୀରା କଲେକ୍ସନ ଉପଲବ୍ଧ କରାଇବା ସହ ଗ୍ରାହକଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବା ଆମର ଲକ୍ଷ୍ୟ ରହିଛି। ଏହି ଅବସରରେ ଷ୍ଟୋର ଜିଏମ୍ ଗୌରୀ ଶଙ୍କର ଆଚାର୍ଯ୍ୟ କହିଛନ୍ତି, ମାଲାବାର ସର୍ବନିମ୍ନ ୧୫ ହଜାର ଟଙ୍କାରୁ ହୀରା ଅଳଙ୍କାର ପ୍ରଦର୍ଶନୀ ବିକ୍ରି ଆରମ୍ଭ କରଛି। ଆଡଭାନ୍ସ ବୁକିଂକରି ଗ୍ରାହକ ଅଧିକ ଉପକୃତ ହୋଇପାରିବେ । ବୁକିଂ ତାରିଖ ଓ କ୍ରୟ ତାରିଖ ମଧ୍ୟରୁ ସୁନା ଦାମ କମ୍ ରହିଥିବା ଦିନର ଦାମରେ ଗ୍ରାହକ ବୁକ୍ କରିଥିବା ଅଳଙ୍କାର ନେଇପାରିବେ। ଏହି ଅଫର ସାରା ଓଡ଼ିଶାର ୮ଟି ଷ୍ଟୋରରେ ବୈଧ ରହିବ ବୋଲି ସେ କହିଛନ୍ତି।

# ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଫେଷ୍ଟିଭ କଲେକ୍ସନ୍




**ଭୁବନେଶ୍ୱର,୧୧।୧୦(ଅନୁରାଧା ମହାରଣା)**

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ସେନ୍‌କୋ) ଚଳିତ ପାର୍ବଣଋତୁରେ ଏହାର ଧନ୍‌ତେରସ୍ ସଗୁନ୍ କ୍ୟାମ୍ପେନର ଶୁଭାରମ୍ଭ କରିଛି। ଏହି ଜୁଏଲେରି ବ୍ରାଣ୍ଡ୍ ପାର୍ବଣ ଋତୁର ଉତ୍ସାହକୁ ପାଳନକରିବା ପାଇଁ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ସଗୁନ୍ କଲେକ୍ସନ ଯଥା ୟେଲୋ ଗୋଲ୍ଡ ଡାଇମଣ୍ଡ, ଆଣ୍ଟିକ୍ ଓ ପୋଲ୍‌କିରେ ନିର୍ମିତ ଡିଜାଇନଗୁଡିକର ଏକ ଫେଷ୍ଟିଭ ରେଞ୍ଜ ଆଣିଛି। ଏହି ସିଗ୍ନେଚର କଲେକ୍ସନକୁ ପରିପୂର୍ଣ୍ଣ କରୁଛି ସ୍ୱତନ୍ତ୍ର ଭାବେ ନିର୍ମିତ ଫେଷ୍ଟିଭ ଅଫରିଙ୍ଗ। ଦ ଲୋଟସ୍ କଲେକ୍ସନ ବାଏ ଏଭରଲାଇଟ୍‌ରେ ୯ କ୍ୟାରେଟ୍ ଗୋଲ୍ଡ ଜୁଏଲେରିରେ ଟ୍ରେଣ୍ଡି ଓ ହାଲୁକା ଜୁଏଲେରି, ଦ ତତ୍ତ୍ୱ କଲେକ୍ସନ ବାଏ ଗସିପ୍ ଫ୍ୟାଶନ-ଫର୍‌ୱାର୍ଡ ସିଲ୍‌ଭର ଜୁଏଲେରି, ପୁରୁଷଙ୍କ ପାଇଁ ଅହମ କଲେକ୍ସନ ଜୁଏଲେରି ରହିଛି । ପର୍‌ଫେକ୍ଟ ଲଭ୍ ହାର୍ଟସ ଆଣ୍ଡ ଆରୋସ୍ କଟ୍ ଡାଇମଣ୍ଡ ଜୁଏଲେରି ରହିଛି। ମାର୍କେଟିଂ ଆଣ୍ଡ ଡିଜାଇନ ବିଭାଗର ମୁଖ୍ୟ ଓ ନିର୍ଦ୍ଦେଶକ ଜୋଇତା ସେନ୍ କହିଛନ୍ତି, ଧନତେରସ୍ ସଗୁନ୍ କ୍ୟାମ୍ପେନ ସୁନାର ପ୍ରତ୍ୟେକ ଝଲକ ପ୍ରେମର ଉଷ୍ମତାକୁ ପ୍ରତିଫଳନ କରୁଛି। ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ୍ କହିଛନ୍ତି, ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଅକ୍ଟୋବର ୭ରୁ ୨୦ ପର୍ଯ୍ୟନ୍ତ ସମସ୍ତ ଶୋ'ରୁମ୍‌ରେ ଉତ୍ସାହଜନକ ଡିଲ୍‌ର ଏକ ରେଞ୍ଜ ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଅଳଙ୍କାର ଉପରେ ପ୍ରତି ଗ୍ରାମ ପିଛା ୭୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ଏବଂ ହୀରା ଅଳଙ୍କାର ଉପରେ ୧୫% ପର୍ଯ୍ୟନ୍ତ ରିହାତିର ଲାଭ ଉପଭୋଗ କରିପାରିବେ।

# ୨ୟ ଥର ପାଇଁ ଡିଅନ୍ ଗ୍ରୁପ୍‌କୁ ବିଜ୍‌ନେସ୍ ଓଡ଼ିଶା ଆୱାର୍ଡ




**ଭୁବନେଶ୍ୱର,୧୧।୧୦**

ଦ୍ୱିତୀୟ ଥର ପାଇଁ ରାଜ୍ୟର ପ୍ରତିଷ୍ଠିତ ରିୟଲ ଇଷ୍ଟେଟ୍ କମ୍ପାନୀ ଡିଅନ୍ ଗ୍ରୁପ୍‌କୁ ବିଜ୍‌ନେସ୍ ଓଡ଼ିଶା ଆୱାର୍ଡ ପୁରସ୍କାର ପ୍ରଦାନ କରାଯାଇଛି। ଡିଅନ୍ ଗ୍ରୁପ୍ ଗତ ୧ ଦଶନ୍ଧି ମଧ୍ୟରେ ଭୁବନେଶ୍ୱର ଏବଂ କଟକରେ ଏକାଧିକ ରିୟଲ ଇଷ୍ଟେଟ ପ୍ରୋଜେକ୍ଟ ସମ୍ପନ୍ନକରି ପ୍ରତିଷ୍ଠା ଲାଭ କରିଛି । ଏହି ଉପଲକ୍ଷେ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡିଅନ୍ ଗ୍ରୁପ୍‌ର ପ୍ରତିଷ୍ଠାତା ମନୋଜ କୁମାର ସାହୁଙ୍କୁ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମ୍ବର୍ଦ୍ଧିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ସୂଚନାଥାଉକି, ଡିଅନ୍ ଗ୍ରୁପ୍ ପକ୍ଷରୁ କଟକ ତ୍ରିଶୂଳିଆଠାରେ ୯୦୦ ମେଗା ଫ୍ଲାଟ୍ ବିଶିଷ୍ଟ ପ୍ରୋଜେକ୍ଟର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ।

# ସିଏମ୍‌ପିଡିଆଇ ପକ୍ଷରୁ ଖଣିଜ ସମ୍ଭାବନା ଉପରେ କର୍ମଶାଳା




**ଭୁବନେଶ୍ୱର,୧୧।୧୦**

ରାଞ୍ଚିସ୍ଥିତ ଏକ ହୋଟେଲରେ ସିଏମ୍‌ପିଡିଆଇ ପକ୍ଷରୁ 'ମିନରଲାଇଜ-୨୦୨୫: ଭାରତର ଗୁରୁତ୍ୱପୂର୍ଣ୍ଣ ଖଣିଜକୁ ଉନ୍ମୁକ୍ତ କରିବା: ଅନୁସନ୍ଧାନ ଓ ଲାଭକାରୀ ମାର୍ଗ' ବିଷୟରେ ଦିନିକିଆ ରାଷ୍ଟ୍ରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ଭାରତର ଆତ୍ମନିର୍ଭରତା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟରେ ସହାୟକ ହେବ। କୋଲ ଇଣ୍ଡିଆ ଅଧ୍ୟକ୍ଷ ପି.ଏମ. ପ୍ରସାଦ ଭର୍ଚୁଆଲ ମାଧ୍ୟମରେ କର୍ମଶାଳାର ଉଦ୍‌ଘାଟନ କରିଥିଲେ। କୋଲ ଇଣ୍ଡିଆର ନିର୍ଦ୍ଦେଶକ (ଟେକ୍ନିକାଲ) ଅଚ୍ୟୁତ ଘଟକ, ସିଏମ୍‌ପିଡିଆଇର ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସିଏମ୍‌ପିଡିଆଇର ମହାପ୍ରବନ୍ଧକ (ଅନୁସନ୍ଧାନ) ଆର୍.କେ. ସିଂହ ନେଇଥିଲେ। ପ୍ରସାଦ ରେୟାର୍ ଆର୍ଥ ଏଲିମେଣ୍ଟ ଉପରେ କର୍ମଶାଳା ଆୟୋଜନ ପାଇଁ ସିଏମ୍‌ପିଡିଆଇକୁ ପ୍ରଶଂସା କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନୁସନ୍ଧାନରେ ବିବିଧତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

# Classified Everyday
**0674-2580101, 9692975378**



MATRIMONIAL

**BRIDE WANTED**

5'6" Brahmin BE Mechanical groom working as Deputy Manager in Reputed Automobile Company require professional, beautiful bride. Contact: 9437560347. D-2241

**GROOM WANTED**

ବୟସ 27, କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଘରୋଇ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2244



REAL ESTATE

**SALE**

ଖୋର୍ଦ୍ଧା ମଳିପଡ଼ା NH ପାଖରେ Low cost ପ୍ଲଟ୍ ବିକ୍ରିହେବ। 9692213354. D-76496

Centrally located housing plot for sale at Medinipur near Bhawanipatna, Kalahandi. Contact-: 9437148590, 8658579717. D-2202

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

Plot for sale near Railwaystation Bhawanipatna, Kalahandi, no broker. Contact:- 8658579717. D-2201

**Book 3/4BHK premium flat at Jharapada canal road & Pokhariput, near Government Hospital @ 6000/- sqft. Handover December 2026. Contact- 7978584549.** D-76863

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03

Gharabari bounded plot 10000sqft, and 2400sqft, for sale adjacent to Meera's Courtyard at Kurunti near Kuranga footballfield, 200 mtrs, from Niali-Nakhara SH, Cuttack Sadar. Contact: 7008815552. D-76862

**Gharabari residential Plot 2100sft (60x35) 7km from Phulnakhara, 12km from Bhubaneswar, middle of Cuttack & Bhubaneswar, no broker please cost 25lakhs including Registration charge, Compound wall. 7809525452.** D-76497



CONSTRUCTION

Construct your home with branded materials, all complete furnishing, price start 1350/- per sqft. 9827152441. D-76865




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

Newly open health benefits spa by expert therapists 9658088274. D-2234

**AFFIDAVIT**

I, Bibhuti Bhusan Mallick, S/o- Jogendra Mallick, At- Andarpur, P.O.- Kalyaninagar, P.S.- Madhupatna, Cuttack- 753013 declare by affidavit No.- 9998, dt 08.10.25 that henceforth I shall be known as Bibhuti Bhusan Mallick, S/o- Jogendra Mallick for all purposes. D-2239

I, Gautam Kumar Nayak, S/o. Late Basanta Kumar Nayak, permanent resident of At: Palia, 47(1), P.O.: Paliabindha, Bhadrak, PIN - 756167, Odisha and presently residing at: Plot No. 593/2098, Bharat Villa, Rudrapur, Naharakanta, Bhubaneswar, Odisha-752101 declare by this Affidavit No. 253, Dtd. 10.10.2025 that now onwards I shall be known as Goutam Kumar Nayak for all purposes. D-2226

By virtue of an affidavit sworn before the Executive Magistrate, Muniguda on dated 09.10.2025, (Sl No.- 1695/25) I, Yerukula Krishna Rao on behalf of my (minor) son Y. Akhil of Village/ P.O./P.S.- Muniguda, Dist.- Rayagada declare that I have changed my son's name from Y. Akhil to Yerukula Akhil. Henceforth, my son shall be known as Yerukula Akhil for all purpose. D-2236

By virtue of an affidavit sworn before the Executive Magistrate, Muniguda on dated 09.10.2025 (SL No.- 1694/25) I, Yerukula Lakshmi of Village/P.O./ P.S.- Muniguda, Dist.- Rayagada declare that I have changed my name from Y.Lakshmi to Yerukula Lakshmi. Henceforth, I myself shall be known as Yerukula Lakshmi for all purpose. D-2237

By virtue of affidavit sworn before Notary Public, Angul, dt 02.01.2025, I, Jitu Sahu, Address- Sanakerjanga, Golabandha Nisha, Angul, Odisha, India declare that I have changed my daughter's name from Ranee Sahu to Biswabijayani Sahu. Henceforth, she shall be known as Biswabijayani Sahu for all purposes. D-76498

By virtue of an affidavit sworn before the Notary Public, Cuttack on 23.07.2025, I, do hereby declare that I have changed my name & husband name from Bijay Pradarshanni Achary, W/o- Mrutyonjaya Acharya to Bijoya Priyadarshani Acharya, W/o- Mrutyunjay Acharya, Res.- Tarando, P.O.- Barua, Dist.- Kendrapara. Henceforth, I will be known as Bijoya Priyadarshani Acharya, W/o- Mrutyunjay Acharya for all purposes.
Sd./- BIJOYA PRIYADARSHANI ACHARYA D-2240

I, Natik Jain, S/o- Amit Kumar Jain, resident of Chauliaganj Main Road, Panna Villa, Nayabazar, Cuttack, Odisha 753004 declared by this affidavit No.- 77AA 229483, dtd. 10.08.2025 that now onwards I shall be known as Naitik Jain for all future purposes. D-2242

By virtue of an affidavit sworn before Notary Public, Bhubaneswar on dt. 04.10.2025, I, Jaya Narayan Akshil Nath, S/o- Late Krushna Chandra Nath, resident of Plot No.- 2072/2517, Gothapatana, Infront of Mantra Manor, P.O.- Malipada, Bhubaneswar, Dist.- Khurda-751029, Odisha declare that my actual and real name is Jaya Narayan Akshil Nath which reflect in my service record but in some documents my name was written as J. N. Akhil Nath and some other documents it is Jayanarayan Akhila Nath and other documents also written as J.N.A. Nath instead of my actual name i.e. JAYA NARAYAN AKSHIL NATH. That, Jaya Narayan Akshil Nath and J.N. Akhil Nath and Jayanarayan Akhila Nath and J.N.A. Nath is one and same person who is myself. Henceforth, I shall be known as JAYA NARAYAN AKSHIL NATH for all purposes. D-2233

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Manoranjan Sahu, S/o- Haripad Sahu, resident of Vill- Srikrushnapur, P.O.- Januganj, P.S.- Industrial, Dist.- Balasore, PIN- 756019, Odisha declare by this affidavit No.- 2454, Vol.- XX, dated 25.09.2025, that now onwards I shall be known as **MANORANJAN SAHOO** for all future purposes. D-2243

By virtue of an affidavit sworn before the Executive Magistrate, Vyasanagar, dated- 04.07.2025, I, Santosh Kumar Jena, Addres: At/P.O.- Manatira, P.S.- Jakhapura, Dist.- Jajpur declare that I have changed my name from Santosh Jena to Santosh Kumar Jena. Henceforth, I shall be known as Santosh Kumar Jena for all purposes.
Sd./- Santosh Kumar Jena D-2245

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କ୍ୟାରିୟର ପାଇଁ ସ୍ପୋର୍ଟ୍ସ





**କ୍ରୀଡା! ଏହା ନା କେବଳ ମଣିଷକୁ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବାରେ ସାହାଯ୍ୟ କରେ, ବରଂ ଏହା କେବେ ସମାଜରେ ଜଣଙ୍କୁ ନିଜର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରେ ତ ଆଉ ପୁଣି କେବେ କ୍ୟାରିୟର ଗଢ଼ିବା ଦିଗରେ ବି ହୋଇଥାଏ ସହାୟକ...**

କ୍ରୀଡ଼ା ମଣିଷକୁ ଶାରୀରିକ ଏବଂ ମାନସିକ ସ୍ତରରେ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଯେଉଁଥିପାଇଁ ସ୍କୁଲ୍, କଲେଜସ୍ତରରେ ବି ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ତା'ଛଡ଼ା କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ଲାଗି ଜିଲା, ରାଜ୍ୟ, ଜାତୀୟ ଏବଂ ବିଶ୍ୱସ୍ତରୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି। ଦକ୍ଷ କ୍ରୀଡ଼ାବିତ୍‌ମାନଙ୍କୁ ସରକାରୀ ସ୍ତରରେ ମଧ୍ୟ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। କେବଳ ଏତିକି ନୁହେଁ, ବର୍ତ୍ତମାନ ଯୁବପିଢ଼ିଙ୍କ ପାଇଁ କ୍ରୀଡ଼ା କ୍ଷେତ୍ରରେ କ୍ୟାରିୟର ଗଢ଼ିବା ତଥା ଖେଳ କୋଟାରେ ଭଲ ଜବ୍ ପାଇବାର ଭରପୂର ସୁଯୋଗ ବି ରହିଛି।

**ସ୍କୁଲ୍ ସ୍ତରରୁ ପଡ଼େ ମୂଳଦୁଆ:** କ୍ରୀଡ଼ାର ଆରମ୍ଭ ସ୍କୁଲ୍‌ସ୍ତରରୁ ହିଁ ହୋଇଥାଏ। ସିବିଏସ୍‌ସି, ଆଇସିଏସ୍‌ଇ ସହ ଷ୍ଟେଟ୍ ବୋର୍ଡ ମାଧ୍ୟମରେ ଷଷ୍ଠ ଶ୍ରେଣୀରୁ ଖେଲୋ ଇଣ୍ଡିଆ ସ୍କୁଲ୍ ଗେମ୍ସ, ସ୍କୁଲ୍ ଗେମ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ, ବିଭିନ୍ନ ଇଣ୍ଟର ସ୍କୁଲ୍ ଟୁର୍ନାମେଣ୍ଟ ସହିତ ବିଭିନ୍ନ ଜିଲା, ରାଜ୍ୟ ତଥା ଜାତୀୟ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି। ଏଥିରେ ଭଲ ପ୍ରଦର୍ଶନ କରୁଥିବା ଏବଂ ଏ ଦିଗରେ କ୍ୟାରିୟର ଗଢ଼ିବାକୁ ଇଚ୍ଛୁକ ଛାତ୍ରୀଛାତ୍ରମାନଙ୍କୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ କ୍ରୀଡ଼ା ଏକାଡେମୀରେ ପ୍ରଶିକ୍ଷଣ ନେବା ଲାଗି ଭରପୂର ଅବସର ଯୋଗାଇ ଦିଆଯାଉଛି।

**କଲେଜରେ କ୍ରୀଡ଼ା ଏବଂ ସ୍କଲାରଶିପ୍:** କେତେକ କଲେଜରେ ପାଠ ପଢ଼ିବା ଲାଗି ଖେଳ କୋଟାରେ ଆଡ୍‌ମିଶନ୍ ବ୍ୟବସ୍ଥା ବି ରହିଛି। ଦିଲୀ ୟୁନିଭର୍ସିଟି, ପଞ୍ଜାବ ୟୁନିଭର୍ସିଟି, ବନାରସ୍ ୟୁନିଭର୍ସିଟି ସମେତ ବିଭିନ୍ନ ରାଜ୍ୟର ଅନେକ ୟୁନିଭର୍ସିଟିରେ ମଧ୍ୟ ରାଷ୍ଟ୍ରୀୟ ସ୍ତରରେ ପୁରସ୍କୃତ କ୍ରୀଡାବିତ୍‌ମାନଙ୍କୁ ମାଗଣା ଆଡ୍‌ମିଶନ୍ ସହ ସ୍କଲାରଶିପ୍ ମଧ୍ୟ ମିଳିଥାଏ।

**ଟ୍ୟାଲେଣ୍ଟ ହଣ୍ଟ ଦେଉଛି ସୁଯୋଗ:** କ୍ରୀଡ଼ା ମନ୍ତ୍ରଣାଳୟର ୨୦୨୩-୨୪ର ବାର୍ଷିକ ରିପୋର୍ଟ ମୁତାବକ ଖେଲୋ ଇଣ୍ଡିଆ ପ୍ରୋଗ୍ରାମ ଦ୍ୱାରା ଏହି ବର୍ଷ ମଧ୍ୟରେ ପ୍ରାୟ ୩ ହଜାର କ୍ରୀଡ଼ାବିତ୍‌ଙ୍କୁ ଟ୍ୟାଲେଣ୍ଟ ହଣ୍ଟ ଜରିଆରେ ସ୍କଲାରଶିପ୍ ଦିଆଯାଇଛି। ସେମାନଙ୍କ ମଧ୍ୟରେ ପ୍ରାୟ ୬୦% ଗ୍ରାମାଞ୍ଚଳରୁ ଆସିଛନ୍ତି। ଏହି ସ୍କଲାରଶିପ୍‌ରେ ଖେଳାଳିଙ୍କୁ ବାର୍ଷିକ ୬.୨୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ମିଳିଥାଏ ; ଯେଉଁଥିରେ ସେମାନଙ୍କୁ ସରକାରୀ ପ୍ରଶିକ୍ଷଣ କେନ୍ଦ୍ରରେ ମାଗଣା ରହିବା, ଖାଇବା ସହ କୋଚିଂ, ଟ୍ୟୁଶନ୍, ଉପକରଣ ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣର ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ଓଡ଼ିଶା, କର୍ନାଟକ, ହରିୟାଣା, ମହାରାଷ୍ଟ୍ର ଭଳି ବିଭିନ୍ନ ରାଜ୍ୟରେ ମଧ୍ୟ ରାଜ୍ୟସ୍ତରୀୟ ସ୍ପୋର୍ଟ୍ସ ଏକାଡେମୀ ଦ୍ୱାରା ସ୍କଲାରଶିପ୍ ଏବଂ ପ୍ରଶିକ୍ଷଣ ଯୋଜନା କାର୍ଯ୍ୟକାରୀ କରାଯାଇଛି।

**ଖେଳ କୋଟାରେ ନିଯୁକ୍ତି:** ଏହି କୋଟାରେ ବର୍ତ୍ତମାନ ସରକାରୀ ସ୍ତରରେ ଭଲ ନିଯୁକ୍ତି ସୁଯୋଗ ମିଳିପାରୁଛି। ସ୍କୁଲ୍, କଲେଜ କିମ୍ବା ବିଭିନ୍ନ ସଂସ୍ଥାରେ ସ୍ପୋର୍ଟ୍ସ ଟିଚର, ଟ୍ରେନର୍, କୋଚ୍ ଭାବେ ନିଯୁକ୍ତି ପାଇପାରିବେ। ଏହା ବ୍ୟତୀତ ବିଶେଷକରି ରେଲ୍‌ୱେ, ସେନା ବିଭାଗ ଏବଂ ପୋଲିସ୍ ବିଭାଗ ପକ୍ଷରୁ ଏହି କୋଟାରେ ନିଯୁକ୍ତି ସୁଯୋଗ ରହିଛି। ରେଲ୍‌ୱେରେ କେତୋଟି ନିର୍ଦ୍ଦିଷ୍ଟ କ୍ରୀଡ଼ା ପାଇଁ ସିଧାସଳଖ ନିଯୁକ୍ତି ବ୍ୟବସ୍ଥା ଥିବା ବେଳେ କେତେକ ବିଭାଗରେ ରାଷ୍ଟ୍ରୀୟ ଏବଂ ଆନ୍ତଃରାଷ୍ଟ୍ରୀୟ କ୍ରୀଡ଼ାରେ ପ୍ରମାଣପତ୍ର ଓ ପଦକ ହାସଲ କରିଥିବା ଖେଳାଳିଙ୍କୁ କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷା ବିନା ଭଲ ସ୍ତରରେ ନିଯୁକ୍ତି ଦିଆଯାଇଥାଏ।

**ସଠିକ୍ ଦିଗ ଜାଣିବା ଆବଶ୍ୟକ:** ସ୍କୁଲ୍-କଲେଜସ୍ତରରୁ ଯଦି କ୍ରୀଡ଼ାରେ ଭଲ ପ୍ରଦର୍ଶନ କରିବା ସହ ଏହାକୁ କେବଳ ଏକ ସଉକ ନୁହେଁ, ବରଂ ନିଶା ଭାବେ ଗ୍ରହଣ କରି ଅଭ୍ୟାସ ଜାରି ରଖିବେ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ତେବେ ଭବିଷ୍ୟତରେ ଏହା କ୍ୟାରିୟର ପାଇଁ ବେଶ୍ ସହଯୋଗ କରିବ। ଏଥିପାଇଁ ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ମିଶନ୍ ଏବଂ ଯୋଜନା ବିଷୟରେ ମଧ୍ୟ ଭଲ ଭାବେ ଜାଣିବା ଆବଶ୍ୟକ, ଯାହାକି ଏ ଦିଗରେ ଆଗକୁ ବଢ଼ିବାରେ ସହାୟକ ହୋଇପାରିବ।

**ଜାଣିରଖନ୍ତୁ:** ଯଦି କ୍ରୀଡ଼ାରେ ରୁଚି ରହିଛି, ତେବେ ପାଠପଢ଼ା ସହିତ ଏଥିପାଇଁ ମଧ୍ୟ ସମୟ ଦେବାକୁ ପଡ଼ିଥାଏ। ତେଣୁ ଠିକ୍ ଭାବେ ଟାଇମ୍‌ଟେବୁଲ୍ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ଅଭ୍ୟାସ ଜାରି ରଖନ୍ତୁ। କେଉଁଠାରେ, କେବେ ପ୍ରତିଯୋଗିତା ଆୟୋଜନ ହେଉଛି ଏବଂ କିଭଳି ଅଂଶଗ୍ରହଣ କରିବେ, ସେନେଇ ସମସ୍ତ ତଥ୍ୟ ଜାଣିରଖନ୍ତୁ। ଆବଶ୍ୟକସ୍ଥଳେ ଆରମ୍ଭରୁ କୋଚିଂ ନେଇପାରିଲେ ଅଧିକ ଉପକୃତ ହୋଇପାରିବେ।

## କ'ଣ କୁହନ୍ତି ଏମାନେ...



**ଜଗନ୍ନାଥ ମହାନ୍ତ** (ସଫ୍ଟୱେର ଇଞ୍ଜିନିୟର, ଭୁବନେଶ୍ୱର)- ମୁଁ ଜଣେ ଅନ୍ତର୍ଜାତୀୟ ପର୍ବତାରୋହୀ। ଏହି ନିଶା ମୋତେ ବିଶ୍ୱ ରେକର୍ଡ ହାସଲ କରି ନିଜର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରିଛି। ହିମାଳୟ ପର୍ବତମାଳାର ୧୨,୫୦୦ ଫୁଟ ଉଚ୍ଚତାରେ -୧୬ ଡିଗ୍ରୀ ତାପମାତ୍ରାରେ ରହି ୨୮୦ ମିଟର ଲମ୍ବର ଜାତୀୟ ପତାକା ଉଡ଼ାଇ ବିଶ୍ୱରେକର୍ଡ କରିବାରେ ସଫଳ ହୋଇପାରିଛି। ଏହାବ୍ୟତୀତ ବର୍ତ୍ତମାନ ସୁଦ୍ଧା ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସ୍, ୟୁନିଭର୍ସାଲ ବୁକ୍ ଅଫ୍ ରେକର୍ଡସ୍ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଭଳି ବିଭିନ୍ନ ରେକର୍ଡରେ ନିଜ ନାମ ପଞ୍ଜୀକରଣ କରାଇବାର ସୁଯୋଗ ପାଇଛି। ସେହିପରି ମାରାଥନ୍ ଦୌଡ଼ରେ ବି ସଫଳତା ହାସଲ କରିଛି। ବର୍ତ୍ତମାନ ୱିପ୍ରୋ ଭୁବନେଶ୍ୱର ଓଡ଼ିଶାରେ ସଫ୍ଟୱେର୍ ଇଞ୍ଜିନିୟର ଭାବେ କାର୍ଯ୍ୟରତ। ଟେକ୍ନୋଲୋଜିରେ ମୋର ବୃତ୍ତିଗତ କାର୍ଯ୍ୟ ସହିତ, ଗର୍ବର ସହ ୱିପ୍ରୋ ସ୍ପୋର୍ଟସ ଦଳକୁ ପ୍ରତିନିଧିତ୍ୱ କରୁଥିବାରୁ ବହୁତ ଖୁସି। କାରଣ କର୍ପୋରେଟ ଜଗତରେ ମଧ୍ୟ କ୍ରୀଡ଼ା କିପରି ଶୃଙ୍ଖଳା, ଟାଇମ୍ ମ୍ୟାନେଜ୍‌ମେଣ୍ଟ, ଲିଡରଶିପ୍ ଏବଂ ଟିମ୍‌ୱାର୍କ କରିବାର କଳାକୁ ବୃଦ୍ଧି କରିବାରେ ସାହାଯ୍ୟ କରେ ତାହା ନିଜେ ଅନୁଭବ କରିଛି। ତା'ଛଡ଼ା ଏହା ଶାରୀରିକ ସୁସ୍ଥତା ବଜାୟ ରଖିବା, କାର୍ଯ୍ୟର ଚାପକୁ ଠିକ୍ ଭାବେ ପରିଚାଳନା କରିବା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ତେଣୁ ମୋ ମତରେ ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ା କୋଟା କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ କ୍ରୀଡ଼ା କ୍ଷେତ୍ରରେ ରୁଚି ରଖୁଥିବା କ୍ରୀଡ଼ାବିତ୍‌ମାନେ ଏହାକୁ ଗମ୍ଭୀରତାର ସହ ଗ୍ରହଣ କଲେ ଭବିଷ୍ୟତରେ ଏହା ସେମାନଙ୍କୁ ଏକ ସଫଳ କ୍ୟାରିୟର ଗଢ଼ିବାରେ ସହାୟକ ହୋଇପାରିବ ସେଥିରେ ସନ୍ଦେହ ନାହିଁ।



**ଜୟନ୍ତି ବେହେରା** (ଆସିଷ୍ଟାଣ୍ଟ ମ୍ୟାନେଜର, ଓଡ଼ିଶା ମାଇନିଂ କର୍ପୋରେଶନ୍)- କ୍ରୀଡ଼ା ପ୍ରତି ମୋର ପିଲାବେଳୁ ବେଶ୍ ଆଗ୍ରହ। ଆଉ ଏହା ମୋତେ ଏକ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍‌ର ପରିଚୟ ଦେବା ସହ ସରକାରୀ କ୍ଷେତ୍ରରେ ଭଲ ଚାକିରି ପାଇବାରେ ବି ସାହାଯ୍ୟ କରିଛି। ବିଶ୍ୱ ଦିବ୍ୟାଙ୍ଗ ଦୌଡ଼କୁଦ ପ୍ରତିଯୋଗିତାରେ (୪୦୦ ମିଟର) ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାସଲ କରିପାରିଛି। ଏହାବ୍ୟତୀତ ଜାତୀୟ ସ୍ତରରେ ୩ଟି ସ୍ୱର୍ଣ୍ଣ ଏବଂ ତିନୋଟି ରେକର୍ଡ, ଏସିଆନ୍ ଗେମ୍ସ ସମେତ ଅନେକ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛି। ୨୦୧୯ରେ ରାଜ୍ୟର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବା ମୋ ପାଇଁ ଗୌରବର ବିଷୟ। ତେବେ ଭଲ କ୍ୟାରିୟର ଗଢ଼ିବା ଦିଗରେ ଏହି ଖେଳ କୋଟା କ୍ରୀଡ଼ାବିତ୍‌ମାନଙ୍କ ଦକ୍ଷତା ସହ ମନୋବଳ ବୃଦ୍ଧି କରିବାରେ ବିନିଶ୍ଚୟ ସହାୟକ ହୋଇପାରୁଛି ବୋଲି ନିଜସ୍ୱ ଅନୁଭବରୁ କହିପାରିବି। ତେଣୁ ଯେଉଁମାନେ ଏ ଦିଗରେ ଆଗ୍ରହୀ, ସେମାନେ ଆରମ୍ଭରୁ ଏଥିପାଇଁ ଉଦ୍ୟମ ଜାରି ରଖିଲେ ନିଶ୍ଚୟ ସଫଳ ହୋଇପାରିବେ।







## ଜାଣନ୍ତୁ ଦୁନିଆ

# ଯେଉଁ ଦେଶରେ ଅଧିକ ଚା ପିଅନ୍ତି

**ଆମ ଦେଶରେ ପ୍ରାୟ ଅଧିକାଂଶ ପରିବାରରେ ସକାଳ ହେବା ମାତ୍ରେ ଅନେକଙ୍କୁ ଚା ପିଉଥିବା ଦେଖିବାକୁ ମିଳେ। ଏମିତିକି ରାସ୍ତା କଡ଼ରୁ ଆରମ୍ଭ କରି ଛୋଟ ବଡ଼ ହୋଟେଲରେ ବି ଚା ସବୁବେଳେ ଉପଲବ୍ଧ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଆମ ଦେଶ ଲୋକଙ୍କଠାରୁ ମଧ୍ୟ ଆଉ କେତେକ ଦେଶର ଲୋକେ ଅଧିକ ଚା ପିଇଥା'ନ୍ତି। ଜାଣିବା କେଉଁ ଦେଶର ଲୋକେ ଅଧିକ ଚା ପିଅନ୍ତି...**

- ଯଦିଓ ଚା ଉତ୍ପାଦନରେ ସମଗ୍ର ବିଶ୍ୱରେ ଚାଇନା ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି, ହେଲେ ଅଧିକ ଚା ପିଇବା ଲିଷ୍ଟରେ ଏହାଠାରୁ ଅନେକ ଦେଶ ଆଗରେ ରହିଛି।
- ଅଧିକ ଚା ପିଉଥିବା ଲିଷ୍ଟରେ ତୁର୍କୀ ଦେଶର ବାସିନ୍ଦା ସବୁଠୁ ଆଗରେ। ଏଠାରେ ଲୋକଙ୍କ ଦିନଚର୍ଯ୍ୟାରେ ଚା ପିଇବା ଏତେଥର ସାମିଲ ରହିଛି, ଯେମିତିକି ଚା ବିନା ସେମାନଙ୍କ ଦିନ ଅଧୁରା। ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ଏଠାରେ ଜଣେ ବ୍ୟକ୍ତି ବର୍ଷରେ ପ୍ରାୟ ୩.୨ କିଲୋଗ୍ରାମରୁ ଅଧିକ ଚା ପିଇଥାଏ। ଏହି ଦେଶରେ କୌଣସି ଆଲୋଚନାଠୁ ଆରମ୍ଭ କରି ବନ୍ଧୁଚର୍ଯ୍ୟା ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଚା ପିଇବାକୁ ପ୍ରଥମ ଗୁରୁତ୍ୱ ଦିଆଯାଇଥାଏ।
- ଏହାପରେ ଦ୍ୱିତୀୟ ସ୍ଥାନରେ ରହିଛି ଆୟର୍ଲାଣ୍ଡ। ଯେଉଁଠି ଜଣେ ଲୋକ ବର୍ଷକୁ ପ୍ରାୟ ୨.୧୯କେଜି. ଚା ପିଉଥିବା ରିସର୍ଚ୍ଚରୁ ଜଣାପଡ଼ିଛି।
- ଏହି ତାଲିକାରେ ତୃତୀୟ ସ୍ଥାନରେ ରହିଛି ୟୁନାଇଟେଡ୍ କିଙ୍ଗଡମ୍। ଏଠାରେ ଜଣେ ବର୍ଷକୁ ପ୍ରାୟ ୧.୯୪ କେଜି ଚା ପିଇଥା'ନ୍ତି।
- ପାକିସ୍ତାନ ଏବଂ ଇରାନ୍ ଦୁଇଟି ଦେଶର ନାଗରିକ ସର୍ବାଧିକ ଚା ପିଇବା ଲିଷ୍ଟରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏଠାରେ ଏକ ବର୍ଷ ମଧ୍ୟରେ ଜଣେ ମଣିଷ ପ୍ରାୟ ୧.୫୦ କେଜି ଚା ପିଇଥାନ୍ତି।
- ସେହିପରି ପଞ୍ଚମ ସ୍ଥାନରେ ରହିଛି ରୁଷ୍। ଏଠାରେ ଜଣେ ବ୍ୟକ୍ତି ବର୍ଷରେ ପ୍ରାୟ ୧.୩୮ କେଜି ଚା ପିଉଥିବା ବେଳେ ବର୍ଷରେ ଜଣେ ବ୍ୟକ୍ତି ପ୍ରାୟ ୧.୨୨ କେଜି ଚା ପିଇବା ଅନୁଯାୟୀ ମରକ୍କୋ ଷଷ୍ଠ ସ୍ଥାନରେ ରହିଛି।
- ଏହା ତଳକୁ ନ୍ୟୁଜିଲାଣ୍ଡ ଏବଂ ଚିଲୀ ୧.୧୯କେଜି. ହୋଇଥିବା ବେଳେ ମିଶର ୧.୦୧ କେଜି ଚା ପିଇବା ହିସାବରେ ଯଥାକ୍ରମେ ସପ୍ତମ ଏବଂ ଅଷ୍ଟମ ସ୍ଥାନରେ ରହିଛନ୍ତି।
- ଏହି ତାଲିକାରେ ଭାରତ ୩୦ ନମ୍ବର ସ୍ଥାନରେ ରହିଛି।





## ଏ ସପ୍ତାହର ପ୍ରଶ୍ନ ?

୧- ୧୦ମ ନ୍ୟାଶନାଲ ଲେଭଲ ପଲ୍ୟୁଶନ୍ ରେସ୍‌ପନ୍ସ ଏକ୍ସରସାଇଜ୍ ........ଠାରେ ଆୟୋଜିତ ହୋଇଛି ?

୨- କର୍ନାକ ମନ୍ଦିର ........ ଦେଶରେ ଅବସ୍ଥିତ ?

୩- ମାଇଁ ଭାରତ ନ୍ୟାଶନାଲ୍ ସର୍ଭିସ ସ୍କିମ୍ ଆୱାର୍ଡ .............. ପକ୍ଷରୁ ପ୍ରଦାନ କରାଯାଇଥାଏ ?

୪- ............. ଦେଶ ଆରବ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଶକ୍ତିର ନାମକରଣ କରିଛି ?

୫- କୋକ୍‌ବୋରୋକ୍ ଭାଷା ଭାରତୀୟ ରାଜ୍ୟ ...........ର ସରକାରୀ ଭାଷା ?

## ଗତ ଥରର ଉତ୍ତର

୧ ଆଣ୍ଡାମାନ୍

୨ ମିନିଷ୍ଟ୍ରି ଅଫ୍ ଟ୍ରାଇବାଲ୍ ଆଫାୟାର୍ସ

୩ ଆୟୁଷ୍ମାନ୍ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ

୪ ଚାଇନା

୫ କ୍ରିକେଟ୍

## ଉତ୍ତର ଦାତା



ଶେଖ୍ ୟାକୁବ୍, ଗୋପ



ମାନସ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ବଡ଼ ଫାର୍ମା କମ୍ପାନି -୨୦୨୫

୧ ............ ଫିଜର୍

୨ ............ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍

୩ ............ ରୋଚେ

୪ ............ ମେର୍କ ଆଣ୍ଡ କୋ.

୫ ............ ଏଲି ଲିଲୀ

୬ ............ ନୋଭୋ ନର୍ଡିସ୍କ

୭ ............ ଆଷ୍ଟ୍ରାଜେନେକା

୮ ............ ଆବ୍‌ଭୀ

୯ ............ ନୋଭାର୍ଟିସ୍

୧୦ ............ ଆମ୍‌ଜେନ୍

## ୟୁଥ୍ ଆଲର୍ଟ

# ମେଦବୃଦ୍ଧି ହେଉଥିଲେ...

**ଶାରୀରିକ ପରିଶ୍ରମର ଅଭାବ, ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା, ମୃଦୁ ପାନୀୟ ପିଇବା ଭଳି ଅଭ୍ୟାସ ବର୍ତ୍ତମାନ ଅନେକଙ୍କ ଠାରେ ଯୁବାବସ୍ଥାରେ ମେଦ ବହୁଳତାର କାରଣ ସାଜୁଛି। ହେଲେ ମେଦ ବୃଦ୍ଧି ଶରୀର ପାଇଁ କ୍ଷତିକାରକ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି କେତେକ ଦିଗପ୍ରତି ସଚେତନ ରହିବା ଆବଶ୍ୟକ ...**



➔ ମେଦ ବୃଦ୍ଧି ବା ମୋଟା ହୋଇଯାଉଥିଲେ ସର୍ବପ୍ରଥମେ ଫାଷ୍ଟଫୁଡ୍ ଓ ଜଙ୍କ୍‌ଫୁଡ୍, ବାହାରେ ମିଳୁଥିବା ଛଣାଛଣି, ସ୍ନାକ୍ସ, ଆଇସକ୍ରିମ୍ ଆଦି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବାଠାରୁ ଦୂରେ ରୁହନ୍ତୁ। ଏହା ବଦଳରେ ଘରୋଇ ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ।

➔ ପ୍ରତିଦିନ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଇବା ସହ ଠିକ୍ ସମୟରେ ଖାଇବା ଏବଂ ଶୋଇବା ଅଭ୍ୟାସ ରଖନ୍ତୁ। ଏହା ମଧ୍ୟ ଶରୀରର ଓଜନ ନିୟନ୍ତ୍ରଣରେ ରଖିବାରେ ବେଶ୍ ସାହାଯ୍ୟ କରିଥାଏ।

➔ ଯଦି ମେଦବୃଦ୍ଧି ଯୋଗୁ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ବୟସ, ଓଜନ ଓ ଉଚ୍ଚତାର ମାପକାଠି ଅର୍ଥାତ୍ ବଡିମାସ୍ ଇଣ୍ଡେକ୍ସ ଅନୁଯାୟୀ ରକ୍ତ ପରୀକ୍ଷା କରାଇ ନିଅନ୍ତୁ। ବ୍ଲଡ୍ ସୁଗାର, କୋଲେଷ୍ଟରଲ୍ ଆଦି ମାତ୍ରା ଠିକ୍ ଅଛି ନା ନାହିଁ ଚେକ୍ କରିନିଅନ୍ତୁ।

➔ ବର୍ତ୍ତମାନ ଶାରୀରିକ ବ୍ୟାୟାମ କମ୍ ହେଉଥିବାରୁ କ୍ୟାଲୋରି ଖର୍ଚ୍ଚ ନ ହୋଇ ମେଦ ବୃଦ୍ଧି ହେଉଛି। କେବଳ ଏତିକି ନୁହେଁ ; ମୋବାଇଲ୍, କମ୍ପ୍ୟୁଟର ଆଦିର ଦୀର୍ଘ ବ୍ୟବହାର ବି ଏଥିପାଇଁ ଦାୟୀ। ତେଣୁ ପ୍ରତିଦିନ ଅତିକମ୍‌ରେ ଅଧ ଘଣ୍ଟା ଏକ୍ସରସାଇଜ୍ କରନ୍ତୁ।

➔ ଅନେକେ ବିଭିନ୍ନ କାରଣରୁ ମାନସିକ ଚାପ ଭିତରେ ଥାଆନ୍ତି। ଏହାସହ ଭାବପ୍ରବଣତା ଓ ବିରକ୍ତି ଭାବକୁ ଏଡ଼ାଇବାକୁ ଯାଇ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି, ଯାହାକି ମେଦବୃଦ୍ଧି କରି ବିଭିନ୍ନ ରୋଗ ଉପୁଜାଇଥାଏ। ତେଣୁ ନିଜକୁ ମାନସିକସ୍ତରରେ ମଧ୍ୟ ଫିଟ୍ ରଖନ୍ତୁ। ଏଥିପାଇଁ ସ୍ଲୋ ମ୍ୟୁଜିକ୍ ଶୁଣିପାରିବେ।



ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧୨ ଅକ୍ଟୋବର, ୨୦୨୫ Bhubaneswar, Sunday, 12 October, 2025

# ଏସିଆନ ଟିଟି ଟିମ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୧।୧୦(ଅନାଦି କର)**

ବହୁପ୍ରତୀକ୍ଷିତ ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ସ କଳିଙ୍ଗ ଷ୍ଟାଡିୟମସ୍ଥିତ ଆଥ୍‌ଲେଟିକ୍ସ ସେଣ୍ଟରରେ ଶନିବାର ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଅନ୍ତର୍ଜାତୀୟ ଟେବୁଲ ଟେନିସ ମହାସଂଘ(ଆଇଟିଟିଏଫ୍), ଭାରତୀୟ ଟେବୁଲ ଟେନିସ ମହାସଂଘ(ଟିଟିଏଫ୍ଆଇ), ଏସିଆନ ଟେବୁଲ ଟେନିସ ୟୁନିୟନ (ଏଟିଟିୟୁ) ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୨ ଦେଶର ଖେଳାଳି ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଟିଟିୟୁର ଆଞ୍ଚଳିକ କାର୍ଯ୍ୟକାରୀ ସଭାପତି ଶେଖା ହୟାତ ଅଲ ଖଲିଫା, ଟିଟିଏଫ୍ଆଇ ସଭାପତି ଦୁଷ୍ୟନ୍ତ ଚୌଟେଲା, ମେଘନା ଏଲାଓ୍ୱତ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-କମ-ସେକ୍ରେଟାରୀ ସଚିନ ରାମଚନ୍ଦ୍ର ଯାଦବ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଭାରତୀୟ ଟେବୁଲ ଟେନିସ କିମ୍ବଦନ୍ତୀ ତଥା ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସାଡର ଏ. ଶରଥ କମଲ ଉପସ୍ଥିତ ଥିଲେ।


ଟେବୁଲ ଟେନିସ୍ ଖେଳି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ପୁରୁଷ ବିଭାଗର ଗ୍ରୁପ୍-ଏ'ରେ ଶ୍ରୀଲଙ୍କା ୩-୧ରେ କିର୍ଗିଜସ୍ତାନକୁ ଓ କାଜାଖସ୍ତାନ ୩-୦ରେ କିର୍ଗିଜସ୍ତାନକୁ ପରାସ୍ତ କରିଛି। ଗ୍ରୁପ୍-ବି'ରେ ମାଳଦ୍ୱୀପ ଦୁଇଟି ମ୍ୟାଚ୍‌ରେ ୧-୩ ଓ ୦-୩ରେ ଯଥାକ୍ରମେ ମଙ୍ଗୋଲିଆ ଓ ଇରାନଠାରୁ ପରାସ୍ତ ହୋଇଛି। ଗ୍ରୁପ୍-ସି'ରେ ଓମାନ ଦୁଇଟି ମ୍ୟାଚ୍‌ରେ ୦-୩ ବ୍ୟବଧାନରେ ଯଥାକ୍ରମେ ଉଜବେକିସ୍ତାନ ଓ ସିଙ୍ଗାପୁରଠାରୁ ପରାସ୍ତ ହୋଇଛି। ଗ୍ରୁପ୍-ଡି'ରେ କୋରିଆ ଓ ମାଲେସିଆ ନିଜ ନିଜ ମ୍ୟାଚ୍‌ରେ ୩-୦ ବ୍ୟବଧାନରେ ମାକାଉ (ଚାଇନା)କୁ ହରାଇଛନ୍ତି। ଗ୍ରୁପ୍-ଇ'ରେ ଥାଇଲାଣ୍ଡ ୩-୦ରେ ବାଂଲାଦେଶକୁ, କତାର ୩-୧ରେ ନେପାଳକୁ, ଥାଇଲାଣ୍ଡ ୩-୦ରେ ନେପାଳକୁ ଓ କତାର ୩-୦ରେ ବାଂଲାଦେଶକୁ ପରାସ୍ତ କରିଛନ୍ତି। ସେହିଭଳି ମହିଳା ବିଭାଗର ଗ୍ରୁପ୍-ଏ'ରେ ଶ୍ରୀଲଙ୍କା ୩-୦ରେ ମଙ୍ଗୋଲିଆକୁ, ଗ୍ରୁପ୍-ବି'ରେ କାଜାଖସ୍ତାନ ୩-୦ରେ ମାଳଦ୍ୱୀପ, ଗ୍ରୁପ୍-ସି'ରେ ଚାଇନିଜ ତାଇପେ ୩-୦ରେ ବାଂଲାଦେଶକୁ ଓ ମାକାଉ (ଚାଇନା) ୩-୨ ଉଜବେକିସ୍ତାନକୁ ଏବଂ ଗ୍ରୁପ୍-ଡି'ରେ ମାଲେସିଆ ଓ ଇରାନ ୩-୦ ବ୍ୟବଧାନରେ ଯଥାକ୍ରମେ ନେପାଳ ଓ କିର୍ଗିଜସ୍ତାନକୁ ହରାଇଛନ୍ତି।

**ଜୋହର କପ୍ ହକି**

## ଗ୍ରେଟ୍ ବ୍ରିଟେନକୁ ହରାଇଲା ଭାରତ

**ଜୋହର ବାହାରୁ (ମାଲେସିଆ), ୧୧।୧୦ (ପିଟି.)**

ଅଧିନାୟକ ରୋହିତଙ୍କ ଡବଲ୍ ଗୋଲ୍ ବଳରେ ଭାରତୀୟ ଜୁନିୟର ପୁରୁଷ ହକି ଦଳ ଏଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଜୋହର କପ୍ ହକି ଟୁର୍ଣ୍ଣାମେଣ୍ଟରେ ଗ୍ରେଟ୍ ବ୍ରିଟେନକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି। ଭାରତ ତରଫରୁ ରୋହିତ (୪୫+', ୫୨ତମ ମିନିଟ୍) ଓ ରବନୀତ ସିଂ (୨୩ତମ) ଗୋଲ୍ ସ୍କୋର କରିଥିବା ବେଳେ ଗ୍ରେଟ୍‌ବ୍ରିଟେନ ତରଫରୁ ମାଇକେଲ ରୟଡେନ୍ (୨୬ତମ) ଓ କାଡେନ୍‌ଡ୍ରେସେ (୪୬ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

## ସିନିୟର ଗେଟ୍‌ବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୧।୧୦(ଅନାଦି କର)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୧୮ତମ ଜାତୀୟ ଗେଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରର ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, କାର୍ଯ୍ୟାଳୟ ସଂଗଠନର ନିର୍ଦ୍ଦେଶକ ଚିଦାନନ୍ଦ ସ୍ୱାଇଁ, ଟିଟିନ ସାହୁ, ଶକ୍ତିରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୪ଟି ରାଜ୍ୟ ଦଳ ଅଂଶଗ୍ରହଣ କରିଛନ୍ତି।

# ଶ୍ୱେତପର୍ଣ୍ଣା ପାଇବେ ଏକଲବ୍ୟ ପୁରସ୍କାର

**ଭୁବନେଶ୍ୱର, ୧୧।୧୦(ଅନାଦି କର)**

ଓଡ଼ିଶା କ୍ରୀଡ଼ା ଜଗତର ଅନ୍ୟତମ ସମ୍ମାନଜନକ ପୁରସ୍କାର ଏକଲବ୍ୟ ଲାଗି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟାଡ୍‌ମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ବିବେଚିତ କରାଯାଇଛି। ଶନିବାର ଅନୁଷ୍ଠିତ ଏକଲବ୍ୟ ପୁରସ୍କାର ଜୁରୀ କମିଟି ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଉଦୀୟମାନ ବ୍ୟାଡ୍‌ମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ଚଳିତବର୍ଷ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ପୁରସ୍କାର ବାବଦକୁ ଆଗକୁ ହେବାକୁ ଥିବା ଏକଲବ୍ୟ ପୁରସ୍କାର ଉତ୍ସବରେ ତାଙ୍କୁ ଟ୍ରଫି ସହ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଥିବା ଭାରୋତ୍ତୋଳିକା ପ୍ରତିସ୍ମିତା ଭୋଇ ଓ ଟେନିସ ଖେଳାଳି ଆହାନ ରନରଅପ ହୋଇଛନ୍ତି। ଉଭୟଙ୍କୁ ପୁରସ୍କାର ବାବଦକୁ ଟ୍ରଫି ସହ ଦେଢ଼ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ୧୯୯୩ରେ ଏକଲବ୍ୟ ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ବିଗତ ଦୁଇ ବର୍ଷରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଆ ଆଥ୍‌ଲେଟଙ୍କୁ ପ୍ରତିବର୍ଷ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଉଛି। ପୁରସ୍କାର ବିଜେତାଙ୍କ ନାମ ଏକଲବ୍ୟ କମିଟିର ଅଧ୍ୟକ୍ଷ ଓ ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା ଘୋଷଣା କରିଛନ୍ତି। ଏହି ଅବସରରେ ଏକଲବ୍ୟ କମିଟିର ସଂଯୋଜକ ଅଶ୍ୱିନୀ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ।


ଶ୍ୱେତପର୍ଣ୍ଣା ପଣ୍ଡା

# ଆନ୍ଧ୍ର ବିପକ୍ଷରେ ଓଡ଼ିଶା ୩ ଉଇକେଟରେ ବିଜୟୀ

**ଭିନୁ ମଙ୍କଡ଼ କ୍ରିକେଟ**


ପୀୟୂଷ ରଞ୍ଜନ ମନ୍ତ୍ରୀ


ଆଦିତ୍ୟ ଆନନ୍ଦ

**ଭୁବନେଶ୍ୱର, ୧୧।୧୦ (ବିଜୟ ରଣା)**

ସୁଲତାନପୁରସ୍ଥିତ ଗୁରୁଗାଁଓ କ୍ରିକେଟ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ଼ ଟ୍ରଫି କ୍ରିକେଟ ୨୦୨୫-୨୬ର ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚରେ ଓଡ଼ିଶା ଆଦିତ୍ୟ ଆନନ୍ଦଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ୩ ଉଇକେଟରେ ବିଜୟ ଲାଭ କରିଛି। ଏହି ମ୍ୟାଚ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ର ୪୮. ୩ ଓଭରରେ ୨୨୯ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଭିଏମ୍‌ଭିଏସ୍ ରକ୍ଷଣ ୪୪ ଓ ଆନନ୍ଦ ଜୋସ୍‌ଲା ୩୧ ରନ କରିଥିଲେ। ଓଡ଼ିଶା ତରଫରୁ ସଫଳ ବୋଲର ଭାବେ ପ୍ରିୟାଂଶୁ ମହାନ୍ତି ୩ ଓ ସୟେଦ ତୁଫାଇଲ ଅହମଦ ୨ଟି ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ୪୫.୨ ଓଭରରେ ୭ ଉଇକେଟ ବିନିମୟରେ ୨୩୫ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଆଦିତ୍ୟ ଆନନ୍ଦ ୬୩ ବଲ୍‌ରେ ୩ ଚୌକା ଓ ୨ ଛକା ସହ ୫୬ରନ କରି ଅପରାଜିତ ରହିଥିବା ବେଳେ ପୀୟୂଷ ରଞ୍ଜନ ମନ୍ତ୍ରୀ ୧୫ ବଲ୍‌ରୁ ୫ ଛକା ସହ ୩୮ରନ କରିଥିଲେ। ବିପକ୍ଷ ଦଳର ସାଇ ଏନ୍ ୩ ଏବଂ ଏନ୍. ରାଜେଶ ୨ ଉଇକେଟ ଅକ୍ତିଆର କରିଥିଲେ।

# ଦିବ୍ୟଦର୍ଶିନୀଙ୍କ ୫ ଉଇକେଟ ସଫଳତା ସତ୍ତ୍ୱେ ଓଡ଼ିଶା ହାରିଲା

**ଭୁବନେଶ୍ୱର, ୧୧।୧୦ (ବିଜୟ ରଣା)**

**ସିନିୟର ମହିଳା ଟି୨୦ ଟ୍ରଫି**

ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୫ଉଇକେଟ ସଫଳତା ସତ୍ତ୍ୱେ ଜାତୀୟ ସିନିୟର ମହିଳା ଟି୨୦ ଟ୍ରଫିରେ ଶନିବାର ଖେଳାଯାଇଥିବା ଛତିଶଗଡ଼ ବିପକ୍ଷ ମ୍ୟାଚରେ ଓଡ଼ିଶା ୪୭ରନରେ ହାରିଯାଇଛି। ଗ୍ୱାଲିୟରସ୍ଥିତ କ୍ୟାପଟେନ୍ ରୁପ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ନିର୍ଦ୍ଧାରିତ ଓଭରରେ ୧୧୪ ରନ କରି ଅଲଆଉଟ ହୋଇଯାଇଥିଲା। କୀର୍ତ୍ତି ଗୁପ୍ତା ୨୫ ଓ ନେହା ବାଡଓ୍ୱେକ ୨୩ ରନ କରିଥିଲେ। ଓଡ଼ିଶାର ସଫଳ ବୋଲର ସୁଶ୍ରୀ ଦିବ୍ୟଦର୍ଶିନୀ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୫ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ୧୧୫ ରନର ବିଜୟ ଲକ୍ଷ୍ୟ ନେଇ ଓଡ଼ିଶା ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ମାତ୍ର ୬୭ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ମାଧୁରୀ ମେହେଟା ୧୮ ଏବଂ ସଙ୍ଗୀତା ଖାଡ଼ିଆ ୧୫ରନ କରିଥିଲେ।


ସୁଶ୍ରୀ ଦିବ୍ୟଦର୍ଶିନୀ




**ଆଇସିସି ମହିଳା ବିଶ୍ୱକପ୍**

# ଆଜି ଭାରତ-ଅଷ୍ଟ୍ରେଲିଆ ମୁକାବିଲା

**ବିଶାଖାପାଟଣା, ୧୧।୧୦ (ପି.ଟି.)**

ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଆୟୋଜକ ଭାରତ ରବିବାର ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ବିଶ୍ୱକପ୍ ଅଭିଯାନରେ ସ୍ଥିରତା ବଜାୟ ରଖିବାକୁ ହେଲେ କୌଶଳଗତ ଭାବେ ନମନୀୟ ହେବାକୁ ପଡ଼ିବ ଏବଂ ୬ଷ୍ଠ ବୋଲିଂ ବିକଳ୍ପ ଯୋଡ଼ିବା ବିଷୟରେ ଚିନ୍ତା କରିବାକୁ ପଡ଼ିବ। ଗୁରୁବାର ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ ୩ ଉଇକେଟରେ ପରାଜିତ ହେବାପରେ ସମସ୍ତ କଣ୍ଡିଶନରେ ୫ବୋଲରଙ୍କୁ ନେଇ ଖେଳିବା ପ୍ରଯୁଜ୍ୟ ନୁହେଁ ବୋଲି ହୃଦ୍‌ବୋଧ ହୋଇଛି। ଅଧିନାୟିକା ହରମନପ୍ରୀତ କୌରଙ୍କୁ ୬ଷ୍ଠ ବୋଲର ଅନୁପସ୍ଥିତିରେ କାମଚଳା ଅଫ୍ ସ୍ପିନର ବୋଲର ଭାବେ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା। ୪୦ଓଭର ପରେ ଦକ୍ଷିଣ ଆଫ୍ରିକା ବ୍ୟାଟରମାନେ ପେସ୍ ବୋଲରମାନଙ୍କୁ ଟାର୍ଗେଟ କରିଥିଲେ, କାରଣ ସେତେବେଳେ ଘରୋଇ ଦଳ ନିକଟରେ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିଲା। ୪୭ତମ ଓ ୪୯ତମ ଓଭରରେ କ୍ରାନ୍ତି ଗୌଡ଼ ଓ ଅମନଜୋତ କୌର ୧୨ ବଲ୍‌ରେ ୩୦ରନ ଦେଇଥିଲେ, ଯାହାଫଳରେ ଦକ୍ଷିଣ ଆଫ୍ରିକା ୨୫୨ ରନର ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା। ବର୍ତ୍ତମାନର ଭାରତୀୟ ବୋଲିଂ ଲାଇନ୍‌ଅପ୍‌ରେ ଦୁଇ ଡାହାଣହାତୀ ପେସର (ଗୌଡ଼ ଓ କୌର), ଦୁଇ ଅଫ୍ ସ୍ପିନର (ଦୀପ୍ତି ଶର୍ମା ଓ ସ୍ନେହ ରାଣା) ଏବଂ ବାମହାତୀ ସ୍ପିନର ଶ୍ରୀ ଚାରାନୀ ସ୍ଥାନ ପାଇଛନ୍ତି। ଏସିଏ-ଭିଡିସିଏ ଷ୍ଟାଡିୟମର ପିଚ୍ ଯଦି ଏହାର ଲକ୍ଷଣ ବଜାୟ ରଖେ ତେବେ ଅଷ୍ଟ୍ରେଲୀୟ ବ୍ୟାଟିଂ ୟୁନିଟ ଆକ୍ରମଣାତ୍ମକ ଖେଳିବା ଥୟ। ଏଥିରୁ ଭାରତକୁ ୬ଷ୍ଠ ବୋଲର କଥା ଚିନ୍ତା କରିବାକୁ ପଡ଼ିବ। ଅଷ୍ଟ୍ରେଲିଆ ଦଳରେ ଥିବା ଆସଲେ ଗାର୍ଡନର, ଏଲିସା ହିଲି, ଏଲିସି ପେରୀଙ୍କ ଭଳି ବିସ୍ଫୋରକ ବ୍ୟାଟର ହରମନପ୍ରୀତଙ୍କ ପାର୍ଟଟାଇମ୍ ସ୍ପିନର ଧୁଲେଇ କରିବେ।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାଓ୍ୱଲ, ହାର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ, ଉମା ଚେତ୍ରୀ, ରେଣୁକା ସିଂ ଠାକୁର, ଦିପ୍ତୀ ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାନୀ, ରାଧା ଯାଦବ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ ଓ କ୍ରାନ୍ତି ଗୌଡ଼।

# ଭାରତ ୫୧୮/୫: ଓ୍ୱେଷ୍ଟଇଣ୍ଡିଜ୍ ୧୪୦/୪

**ନୂଆଦିଲ୍ଲୀ, ୧୧।୧୦**

**ଦ୍ୱିତୀୟ ଟେଷ୍ଟ**

ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ଶନିବାର ତା'ର ପ୍ରଥମ ଇନିଂସରେ ୫ ଉଇକେଟରେ ୫୧୮ ରନ କରି ପାଳି ଘୋଷଣା କରିଛି। ଜବାବରେ ଓ୍ୱେଷ୍ଟଇଣ୍ଡିଜ୍ ଦଳ ପ୍ରଥମ ଇନିଂସରେ ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୧୪୦ ରନ କରିଛି। ଭାରତୀୟ ଅଧିନାୟକ ଶୁବମନ ଗିଲଙ୍କ ଅପରାଜିତ ଶତକ ଦ୍ୱିତୀୟ ଦିନର ଉଲ୍ଲେଖନୀୟ ବିଷୟ ଥିଲା।

ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର (୩୧୮/୨)ରୁ ବ୍ୟାଟିଂ ଆରମ୍ଭ କରି ୩ ଉଇକେଟରେ ୨୦୦ ରନ ଯୋଡ଼ିବା ପରେ ପାଳି ଘୋଷଣା କରିଥିଲା। ପୂର୍ବଦିନ ୧୭୩ ରନରେ ଅପରାଜିତ ଥିବା ଯଶସ୍ୱୀ ଜୟସ୍ୱାଲ ନିଜ ସ୍କୋରରେ ମାତ୍ର ୨ ରନ ଯୋଡ଼ି ପାରିଥିଲେ। ସେ ୧୭୫ (୨୨ ଚୌକା) ରନ୍ କରି ରନ୍ ଆଉଟ ହୋଇଥିଲେ। ତାଙ୍କ ବଦଳରେ କ୍ରିଜ୍‌କୁ ଆସିଥିବା ନୀତୀଶ କୁମାର ରେଡ୍ଡୀଙ୍କ ସହ ଅଧିନାୟକ ଶୁବମନ ଗିଲ୍ ମିଶି ଚତୁର୍ଥ ଉଇକେଟରେ ୯୧ ରନ ଯୋଡ଼ିଥିଲେ। ୪ ଚୌକା ଓ ୨ ଛକା ସହିତ ୪୩ ରନ କରିଥିବା ନୀତୀଶଙ୍କୁ ଜୋମେଲ ଓ୍ୱାରିକାନ କ୍ୟାଚ୍ ଆଉଟ୍ କରାଇଥିଲେ। ଏହାପରେ ଧ୍ରୁବ ଜୁରେଲ ଓ ଗିଲ୍ ୫ମ ଉଇକେଟରେ ୧୦୨ ରନ ଯୋଡ଼ିଥିଲେ। ଜୁରେଲ ୫ ଚୌକା ସହିତ ୪୪ ରନ କରି ଆଉଟ୍ ହେବା ପରେ ଭାରତୀୟ ଦଳ ପାଳି ଘୋଷଣା କରିଥିଲା। ଗିଲ ୧୨୯ ରନ କରି ଅପରାଜିତ ରହିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୧୦ମ ଓ ଚଳିତ ବର୍ଷର ପଞ୍ଚମ ଟେଷ୍ଟ ଶତକ ଥିଲା। ଓ୍ୱେଷ୍ଟଇଣ୍ଡିଜ ପାଇଁ ଓ୍ୱାରିକାନ ୩ ଓ ଅଧିନାୟକ ରୋଷ୍ଟନ ଚେଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓ୍ୱେଷ୍ଟଇଣ୍ଡିଜ୍ ଆରମ୍ଭରୁ ଦୁର୍ଭାଗ୍ୟଜନକ ଭାବେ ଜନ କାମ୍ପବେଲ(୧୦)ଙ୍କ ଉଇକେଟ ହରାଇଥିଲା। ଓପନର ତାଗେନାରିନ ଚନ୍ଦ୍ରପାଲ ଓ ଆଲିକ୍ ଆଥାନେଜ ଦ୍ୱିତୀୟ ଉଇକେଟରେ ୬୬ ରନ ଯୋଡ଼ି ଦଳୀୟ ସ୍କୋରକୁ ୮୭ରେ ପହଞ୍ଚାଇଥିଲେ। ହେଲେ ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଚନ୍ଦ୍ରପାଲ (୩୪), ଆଥାନେଜ (୪୧) ଓ ଅଧିନାୟକ ରୋଷ୍ଟନ ଚେଜ (୦)ଙ୍କ ଉଇକେଟ ହରାଇଥିଲା। ଏହାପରେ ଶାଇ ହୋପ୍ (୩୧) ଓ ଟେଭିନ ଇମଲାଚ (୧୪) ଭାରତୀୟ ବୋଲରଙ୍କୁ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଓ୍ୱେଷ୍ଟଇଣ୍ଡିଜ ୪ ଉଇକେଟ ହରାଇ ୧୪୦ ରନ କରିଛି। ଭାରତ ପାଇଁ ରବୀନ୍ଦ୍ର ଜାଡେଜା ୩ ଓ କୁଲଦୀପ ଯାଦବ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୧୮/୫ ଘୋଷଣା(ଯଶସ୍ୱୀ ଜୟସ୍ୱାଲ-୧୭୫, ଶୁବମନ ଗିଲ -୧୨୯*, ନୀତୀଶ ରେଡ୍ଡୀ-୪୩, ଧ୍ରୁବ ଜୁରେଲ-୪୪, ଓ୍ୱାରିକାନ-୩/୯୮)। ଓ୍ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୧୪୦/୪(ଆଲିକ ଆଥାନେଜ-୪୧, ତେଗନାରିନ ଚନ୍ଦ୍ରପାଲ-୩୪,ଶାଇ ହୋପ-୩୧*, ରବୀନ୍ଦ୍ର ଜାଡେଜା-୩/୩୭)।


ଶତକ ହାସଲ ପରେ ଶୁବମନ ଗିଲ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ